ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

visit us at www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.24 . No.75 Bhubaneswar Friday, April 30, 2021 | ୨୪ତମ ବର୍ଷ ସଂଖ୍ୟା-୭୫ ଭୁବନେଶ୍ୱର, ଶୁକ୍ରବାର, ଅପ୍ରେଲ ୩୦, ୨୦୨୧ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹1.50 (Air Surcharge - 0.50P) Member-INS




ଭାରତୀୟ କ୍ଷୁଦ୍ର ମଧ୍ୟମ ଖବର କାଗଜ ସଂଘ, ନୂଆଦିଲ୍ଲୀର ୩୬ତମ ପ୍ରତିଷ୍ଠା ଦିବସ ସମାରୋହ ଗୁଗୁଲମିଟ୍ ପ୍ଲାଟଫର୍ମ ଦ୍ୱାରା ଅନୁଷ୍ଠିତ। ପୂର୍ବତନ ମନ୍ତ୍ରୀ, ସାଂସଦ ପ୍ରଫେସର ଡକ୍ଟର ପ୍ରସନ୍ନ ପାଟଶାଣୀ ମୁଖ୍ୟଅତିଥି, ରାଜ୍ୟସଭା ସାଂସଦ ଡକ୍ଟର ସୁଜିତ କୁମାର ମୁଖ୍ୟବକ୍ତା, ସମ୍ମାନୀତ ଅତିଥି ସଂଘର ପ୍ରତିଷ୍ଠାତା ସଭାପତି ମ୍ୟାଡ଼ାମ ପୁଷ୍ପା ପାଣ୍ଡିଆ, ସମ୍ମାନୀତ ବକ୍ତା ବୃନ୍ଦ ରାଷ୍ଟ୍ର ଟାଇମ୍ସର ମୁଖ୍ୟ ସମ୍ପାଦକ ବିଜୟ ଶଙ୍କର ଚର୍ତୁବେଦୀ, ବରିଷ୍ଠ ସାମ୍ବାଦିକ ତଥା ଓ୍ୟୁଡବ୍ଲ୍ୟୁଜେର ଅଧ୍ୟକ୍ଷ କିଶୋର ଦ୍ୱିବେଦି, ସ୍ତମ୍ଭକାର ଓ ଅର୍ଥନୀତିଜ୍ଞ ଡକ୍ଟର ସନ୍ତୋଷ କୁମାର ମହାପାତ୍ର, ବମ୍ବେ ହାଇକୋର୍ଟର ବରିଷ୍ଠ ଆଇନଜୀବୀ ଆଡ଼ଭୋକେଟ ମାଥ୍ୟୁ ନେଦମପରା, ଡକ୍ଟର ଓଲାବ ଆଲବୁକ୍ରେ, ଜଣାଶୁଣା ମାନବିକ ଅଧିକାର କାର୍ଯ୍ୟକର୍ତ୍ତା ଡକ୍ଟର ଲେନିନ୍ ରଘୁବଂଶୀ, ଆଇପିଏଲ ଭାଷ୍ୟକାର ଡକ୍ଟର ରୁଦ୍ରରୂପ ଗୁପ୍ତା, ରାଷ୍ଟ୍ରୀୟ ମିଡ଼ିଆ ମହାସଂଘର ମହାସଚିବ ଶିବୁ ଖାଁ, ଶ୍ରୀ ଅରୁଣ କୁମାର ବିଶ୍ୱାଳ ଜୀବନ ବୀମା ନିଗମ ବରିଷ୍ଠ ପ୍ରବନ୍ଧକ, ସଂଘର ବରିଷ୍ଠ ରାଷ୍ଟ୍ରୀୟ ଉପସଭାପତି ଶ୍ରୀମତୀ ମଞ୍ଜୁ ସୁରାନା, ବାଲାସାହେବ ଆମ୍ବେକର, କର୍ଣ୍ଣାଟକ ରାଜ୍ୟ ସଭାପତି ବି.ଏସ. ଦେଶପାଣ୍ଡେ, ରାଷ୍ଟ୍ରୀୟ ମୁଖ୍ୟ ସଂଯୋଜକ ଡକ୍ଟର ପବିତ୍ର ମୋହନ ସାମନ୍ତରାୟ, ସମସ୍ତ କାର୍ଯ୍ୟକର୍ତ୍ତା ତଥା ଶୁଭେଚ୍ଛୁ ବୃନ୍ଦଙ୍କ ଯୋଗଦାନ

## ଭୁବନେଶ୍ୱର କୋର୍ଟ କମ୍ପ୍ଲେକ୍ସ ସିଲ୍

ଭୁବନେଶ୍ୱର, ୨୯।୪(ପି.ଏନ): କୋଭିଡ ସଂକ୍ରମିତ ଚିହ୍ନଟ ହେବା ପରେ ଭୁବନେଶ୍ୱର କୋର୍ଟ କମ୍ପ୍ଲେକ୍ସ କୁ ବିଏମସି ପକ୍ଷରୁ ସିଲ କରା ଯାଇଛି । ବିଏମସି ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ସଂକ୍ରମିତ ଚିହ୍ନଟ ହେବା ପରେ ତୁରନ୍ତ ବିଶୋଧନ କରିବା ପାଇଁ ଏହି ପଦକ୍ଷେପ ନିଆ ଯାଇଛି। ଆଜିଠାରୁ ମେ' ୫ ତାରିଖ ଯାଏଁ କୋର୍ଟ ପରିସରକୁ ବନ୍ଦ ଘୋଷଣା କରାଯାଇଛି। ବିଏମସି ଅଧିକୃତ ଲୋକଙ୍କୁ ଛାଡ଼ିଦେଲେ ଅନ୍ୟ କେହି କୋର୍ଟ କମ୍ପ୍ଲେକ୍ସକୁ ପ୍ରବେଶ କରିବା ପାଇଁ ବାରଣ କରାଯାଇଛି। ଯେଉଁମାନେ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି, ସେମାନଙ୍କୁ ସଙ୍ଗରୋଧରେ ରହିବାକୁ କୁହାଯାଇଥିବା ଜଣା ପଡିଛି ।

## ଗୋଟିଏ ଦିନରେ ୬୯୯୮ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୨୯।୪(ପି.ଏନ): ରାଜ୍ୟରେ ଗୋଟିଏ ଦିନରେ ୬୯୯୮ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୪୩୫୫୧୩ କୁ ବୃଦ୍ଧି ପାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ୩୭୫୭୨୧ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ୫୭୭୧୦ ରହିଛି । ଆଜି ଚିହ୍ନଟ ହୋଇଥିବା ୬୯୯୮ ଜଣଙ୍କ ମଧ୍ୟରୁ ୪୦୫୪ ଜଣ ସଂଗରୋଧରୁ ହୋଇଥିବା ବେଳେ ୨୯୪୪ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଧା ଜିଲ୍ଲାରେ ସବୁଠାରୁ ଅଧିକ ୯୧୯ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି ।ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୩୨୫ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବାଲେଶ୍ୱରରୁ ୯୭ ଜଣ, ବରଗଡ଼ରୁ ୩୩୦ ଜଣ, ଭଦ୍ରକରୁ ୯୧ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେହିପରି ବଲାଙ୍ଗୀରରୁ ୨୩୬ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବୌଦ୍ଧ ଜିଲ୍ଲାରୁ ୬୫, କଟକରୁ ୫୧୭ ଜଣ, ଦେବଗଡ ଜିଲ୍ଲାରୁ ୭୪ ଜଣ, ଢେଙ୍କାନାଳ ଜିଲ୍ଲାରୁ ୨୨ ଜଣ, ଗଜପତି ଜିଲ୍ଲାରୁ ୧୨୧, ଗଞ୍ଜାମରୁ ୧୨୮ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୧୦୪ ଜଣ, ଯାଜପୁରରୁ ୨୨୬ ଜଣ, ଝାରସୁଗୁଡ଼ାରୁ ୩୯୬ ଜଣ, କଳାହାଣ୍ଡିରୁ ୨୯୨ ଜଣ, କନ୍ଧମାଳ ଜିଲ୍ଲାରୁ ୪୫ ଜଣ. କେନ୍ଦ୍ରାପଡ଼ାରୁ ୭୭ ଜଣ, କେନ୍ଦୁଝରରୁ ୧୬୦ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଖୋର୍ଦ୍ଧାରୁ ୯୧୯ ଜଣ, କୋରାପୁଟରୁ ୫୭ ଜଣ ସଂକ୍ରମିତ ହୋଇଥିବା ବେଳେ ମାଲକାନଗିରି ଜିଲ୍ଲାରୁ ୩୦ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ମୟୂରଭଞ୍ଜରୁ ୩୦୮ ଜଣ, ନବରଙ୍ଗପୁରରୁ ୨୫୫ ଜଣ, ନୟାଗଡ଼ରୁ ୧୨୧ ଜଣ, ନୂଆପଡ଼ାରୁ ୪୨୦ ଜଣ, ପୁରୀରୁ ୨୮୮ ଜଣ, ରାୟଗଡ଼ାରୁ ୧୮୧ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ସମ୍ବଲପୁରରୁ ୩୨୩ ଜଣ, ସୋନପୁରରୁ ୧୩୧ ଜଣ, ସୁନ୍ଦରଗଡ଼ରୁ ୪୭୪ ଜଣ ଓ ଷ୍ଟେଟ୍ ପୁଲରୁ ୧୮୫ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।

## ଟିକା ପାଇଁ ୨ କମ୍ପାନୀକୁ ଚିଠି ଲେଖିଲେ ରାଜ୍ୟ ସରକାର

ଭୁବନେଶ୍ୱର, ୨୯।୪(ପି.ଏନ): ଟିକା ପାଇଁ ୨ ଟିକା କମ୍ପାନୀକୁ ଚିଠି ଲେଖିଛନ୍ତି ରାଜ୍ୟ ସରକାର। ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ ମହାପାତ୍ର ସେରମ୍ ଇନଷ୍ଟିଚ୍ୟୁଟ୍ ଓ ଭାରତ ବାୟୋଟେକ୍ କୁ ଚିଠି ଲେଖି ଟିକା ଦେବାକୁ ଅନୁରୋଧ କରିଛନ୍ତି। ଚିଠିରେ ମେ ମାସ ପାଇଁ ୪୦ ଲକ୍ଷ କୋଭିସିଲ୍ଡ ଟିକା , ଜୁନ୍ , ଜୁଲାଇ ଓ ଅଗଷ୍ଟ ମାସ ପାଇଁ ୬୦ ଲକ୍ଷ ଲେଖାଏଁ ଡୋଜ୍ ର ଆବଶ୍ୟକତା ରହିଥିବା ଶ୍ରୀ ମହାପାତ୍ର ଜଣାଇଛନ୍ତି। ସେହିପରି ମେ ୩୧ ତାରିଖ ସୁଦ୍ଧା ୫ ଲକ୍ଷ କୋଭାକ୍ସିନ୍ ଟିକା ଦେବାକୁ ସେ ଅନୁରୋଧ କରିଛନ୍ତି। କୋଭାକ୍ସିନ୍ ର ବାକି ୫.୩୪ ଲକ୍ଷ ଡୋଜ୍ ଜୁନ୍ ୧୫ ସୁଦ୍ଧା ଦେବାକୁ କହିଛନ୍ତି।

## କ୍ୟୁଏସ୍ ୱାର୍ଲ୍ଡ ର୍‌ୟାଙ୍କିଙ୍ଗ୍‌ରେ କିଟ୍‌କୁ ଭାରତର ସର୍ବୋଚ୍ଚ ସ୍ଥାନ

ଭୁବନେଶ୍ୱର, ୨୮।୪: କ୍ୟୁଏସ୍ ୱାର୍ଲ୍ଡ ର୍‌ୟାଙ୍କିଙ୍ଗ୍‌ରେ କିଟ୍‌କୁ ସର୍ବୋଚ୍ଚ ସ୍ଥାନ ପ୍ରଦାନ କରାଯାଇଛି। ଏହି ର୍‌ୟାଙ୍କିଙ୍ଗ୍ ପ୍ରଦାନ କରାଯିବା ପରେ କିଟ୍ ବିଶ୍ୱବିଦ୍ୟାଳୟ ଭାରତର ପ୍ରଥମ 'କ୍ୟୁଏସ୍ ଫାଇଭ୍ ଷ୍ଟାର ରେଟେଡ୍' ବିଶ୍ୱବିଦ୍ୟାଳୟ ମାନ୍ୟତା ପ୍ରାପ୍ତ ହୋଇଛି। କ୍ୟୁଏସ୍ ମାନଦଣ୍ଡର ସମସ୍ତ ବର୍ଗରେ କିଟ୍‌କୁ ଫାଇଭ୍ ଷ୍ଟାର ପ୍ରଦାନ କରାଯାଇଛି। କ୍ୟୁଏସ୍ ୱାର୍ଲ୍ଡ ର୍‌ୟାଙ୍କିଙ୍ଗ୍‌ରେ ବିଶ୍ୱର ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ ଅନୁଷ୍ଠାନକୁ ବିଭିନ୍ନ ମାନଦଣ୍ଡରେ ମାନ୍ୟତା ପ୍ରଦାନ କରିଥାନ୍ତି। କ୍ୟୁଏସ୍ ୱାର୍ଲ୍ଡ ର୍‌ୟାଙ୍କି 'ଷ୍ଟାର' ମାନ୍ୟତା ମଧ୍ୟ ପ୍ରଦାନ କରିଥାଏ। ଏଥିରେ ଚଳିତବର୍ଷ ସମଗ୍ର ଭାରତରୁ କିଟ୍ ବିଶ୍ୱବିଦ୍ୟାଳୟକୁ ସର୍ବୋଚ୍ଚ ମାନ୍ୟତା ଫାଇଭ୍ ଷ୍ଟାର ପ୍ରଦାନ କରାଯାଇଛି। କ୍ୟୁଏସ୍ ଫାଇଭ୍ ଷ୍ଟାର ମାନ୍ୟତା ପାଇବାରେ କିଟ୍ ଭାରତର ଏକମାତ୍ର ଅନୁଷ୍ଠାନ। କିଟ୍ ସମଗ୍ର



ବିଶ୍ୱରେ ନିଜର ଗୁଣାତ୍ମକ ଶିକ୍ଷାଦାନ ପାଇଁ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବାରୁ ବିଶ୍ୱର ବିଭିନ୍ନ ସଂସ୍ଥା ଏହାକୁ ସମୟକୁ ସମୟ ମୂଲ୍ୟାୟନ କରି ମାନ୍ୟତା ପ୍ରଦାନ କରିଥାନ୍ତି। କ୍ୟୁଏସ୍ ଇନ୍‌ଟେଲିଜେନ୍‌ସ ଶାଖା ଦ୍ୱାରା କ୍ୟୁଏସ୍ ଷ୍ଟାର ରେଟିଂ ବ୍ୟବସ୍ଥା କାର୍ଯ୍ୟକାରୀ ହୋଇଥାଏ। ଆନ୍ତର୍ଜାତୀୟ ମାନଦଣ୍ଡ ଅନୁସାରେ ପ୍ରମୁଖ ପ୍ରଦର୍ଶନ ସୂଚକାଙ୍କ କ୍ଷେତ୍ରରେ ବିଶ୍ୱର ବିଭିନ୍ନ ବିଶ୍ୱବିଦ୍ୟାଳୟର ବିସ୍ତୃତ ମୂଲ୍ୟାୟନ କରାଯିବା ପରେ ଏହି ର୍‌ୟାଙ୍କିଙ୍ଗ୍ ପ୍ରଦାନ କରାଯାଇଥାଏ। ଏହି ସଫଳତାରେ ସନ୍ତୋଷ ବ୍ୟକ୍ତ କରି କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଛନ୍ତି, କିଟ୍ ତାର ଉତ୍କର୍ଷତା ଓ ବିବିଧତା ପାଇଁ କ୍ୟୁଏସ୍ ଷ୍ଟାର୍ ରେଟିଂ ସିଷ୍ଟମ୍ ଦ୍ୱାରା ଭାରତରେ ପ୍ରଥମ ଥର ଲାଗି ଫାଇଭ୍ ଷ୍ଟାର ମାନ୍ୟତା ପାଇପାରିଛି। ଏହି ମାନ୍ୟତା ବଜାୟ ରଖିବା ପାଇଁ ଆମେ ଆମର ପ୍ରୟାସ ଜାରି ରଖିବୁ ବୋଲି ଶ୍ରୀ ସାମନ୍ତ କହିଛନ୍ତି।

## ଓଡ଼ିଶା ସମାଜ ୟୁ.ଏ.ଇର ବାର୍ଷିକ ଉତ୍ସବ ପାଇଁ ବ୍ୟାପକ ପ୍ରସ୍ତୁତି

ଦୁବାଇ/ ଭୁବନେଶ୍ୱର ୨୯।୪ (ପି.ଏନ) : ଓଡ଼ିଶା ସମାଜ ୟୁନାଇଟେଡ୍ ଆରବ ଏମିରେଟ୍‌ସ (ଓ.ଏସ୍.ୟୁ.ଏ.ଇ)ର ଏକାଦଶତମ ବାର୍ଷିକ ଉତ୍ସବ ଅନ୍‌ଲାଇନ୍ ଯୋଗେ ପାଳନ ପାଇଁ ବ୍ୟାପକଭାବେ ପ୍ରସ୍ତୁତି ପର୍ବ ଚାଲିଥିବା ଜଣାଯାଇଛି। ଏହି ଅବସରରେ ଓ.ଏସ୍.ୟୁ.ଏ.ଇ ପକ୍ଷରୁ ଆସନ୍ତା ଏପ୍ରିଲ ୩୦ ତାରିଖ ଦିନ ଭାରତୀୟ ସମୟ ସନ୍ଧ୍ୟା ୬.୩୦ ମିନିଟରେ ମହାସମାରୋହରେ ଉତ୍କଳ ଦିବସ ଆୟୋଜନ କରାଯାଉଥିବାର ସୂଚନା ମିଳିଛି। 'ଉତ୍ସବ' ଶୀର୍ଷକ ଏହି ଭର୍ଚୁଆଲ ସମାବେଶରେ ସମଗ୍ର ବିଶ୍ୱର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେବେ ବୋଲି ଓ.ଏସ.ୟୁ.ଏ.ଇର ସଭାପତି ଅମୀୟ ମିଶ୍ର ଓ ସାଧାରଣ ସମ୍ପାଦକ ପ୍ରୀତିଶ ଦାଶ ଜଣାଇଛନ୍ତି। ଏହି ଉପଲକ୍ଷେ ଆୟୋଜିତ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମରେ କଳାଦୁନିଆର ପ୍ରଖ୍ୟାତ ତାରକାମାନେ ସାମିଲ ହେବେ ବୋଲି ପ୍ରାପ୍ତ ସମ୍ବାଦରୁ ପ୍ରକାଶ। ୨୦୧୦ ମସିହାରେ ପ୍ରତିଷ୍ଠିତ ହୋଇଥିବା ଓ.ଏସ୍.ୟୁ.ଏ.ଇ ମଧ୍ୟ ପ୍ରାଚ୍ୟ ଏବଂ ଉତ୍ତର ଆଫ୍ରିକୀୟ ଅଞ୍ଚଳରେ ସବୁଠୁ ବୃହତ ପ୍ରବାସୀ ଓଡ଼ିଆ ସଂଗଠନର ମାନ୍ୟତା ଲାଭ କରିଛି। ସମାଜ ଲଗାତର ଭାବେ ଖୁବ୍ ଆଡ଼ମ୍ବର ସହକାରେ ଜଗନ୍ନାଥଙ୍କର ରଥଯାତ୍ରା ଏବଂ ଗଣେଶ ପୂଜା ଉତ୍ସବ ପାଳନ କରି




ଆସୁଛି। ଓ.ଏସ୍.ୟୁ.ଏ.ଇର ସମାଜସେବା କାର୍ଯ୍ୟକ୍ରମଗୁଡ଼ିକ ମଧ୍ୟରେ ବିଦେଶ ଭୂମିରେ ଦୁଃଖ ଦୁର୍ଦ୍ଦଶା ଗ୍ରସ୍ତ ଓଡ଼ିଆ ଭାଇ ଭଉଣୀ ଓ ସେମାନଙ୍କ ପରିବାର ପାଇଁ ଆହାର ଓ ବାସସ୍ଥାନର ବ୍ୟବସ୍ଥା କରିବା ତଥା ନିୟମିତ ଭାବେ ସ୍ୱାସ୍ଥ୍ୟ ପରୀକ୍ଷା ଏବଂ ରକ୍ତଦାନ ଶିବିର ଆଦି ଆୟୋଜନ କରିବା ଅନ୍ତର୍ଭୁକ୍ତ। ଏବେ ଚାଲିଥିବା ମହାମାରୀ କାଳର ପ୍ରାରମ୍ଭରେ ଦୁବାଇସ୍ଥିତ ଭାରତୀୟ କନ୍‌ସୁଲେଟ୍ ଜେନେରାଲର ସହଯୋଗରେ ଓ.ଏସ୍.ୟୁ.ଏ.ଇ, ସେଠାରେ ଅଟକି ରହିଥିବା ପ୍ରାୟ ୨୦୦୦ରୁ ଊର୍ଦ୍ଧ୍ୱ ପ୍ରବାସୀ ଶ୍ରମିକଙ୍କୁ ଚାର୍ଟାର୍ଡ ବିମାନ ଭଡ଼ା କରି ତଥା ବନ୍ଦେ ଭାରତ ମିସନ ଜରିଆରେ ଦୁବାଇରୁ ସୁରକ୍ଷିତ ଭାବେ ଭୁବନେଶବରକୁ ପଠାଇବାର ମହତ କାର୍ଯ୍ୟ କରି ବହୁ ପ୍ରଶଂସିତ ହୋଇଛି। ଉତ୍କଳ ଦିବସ ଓ.ଏସ୍.ୟୁ.ଏ.ଇର ସବୁଠୁ ପ୍ରତୀକ୍ଷିତ, ବହୁଚର୍ଚ୍ଚିତ ଏବଂ ବ୍ୟାପକ ମାତ୍ରାରେ ଆୟୋଜିତ ବାର୍ଷିକ କାର୍ଯ୍ୟକ୍ରମ ମଧ୍ୟରେ ଧରାଯାଇଥାଏ। ଏବର୍ଷର ଭିଡିଓ କନ୍‌ଫରେନ୍ସିଂ ସଭାରେ ବହୁ ଦେଶର ଓଡ଼ିଆ ସମାଜର କର୍ମକର୍ତ୍ତାମାନେ ଭାଗନେବାକୁ ଯାଉଥିବାର ଖବର ହସ୍ତଗତ ହୋଇଛି ।ସଭା ପରେପରେ ଅନୁଷ୍ଠିତ ହେବାକୁ ଯାଉଥିବା ସାଂସ୍କୃତିକ ସନ୍ଧ୍ୟାରେ ଓଡ଼ିଶା ସମାଜ ୟୁ.ଏ.ଇର ବର୍ଷୀୟାନ ସଦସ୍ୟମାନଙ୍କ ସହିତ ସେମାନଙ୍କର ପିଲାମାନେ ମଧ୍ୟ ନିଜର ପ୍ରତିଭା ଓ ପାରଦର୍ଶିତାକୁ ପ୍ରଦର୍ଶନ କରିବାକୁ ଯାଉଥିବା ଜଣାଯାଇଛି। ମୁଖ୍ୟ ଅତିଥି ଓଡ଼ିଶା ବିଧାନସଭାର ବାଚସ୍ପତି ଡଃ ସୂର୍ଯ୍ୟନାରାୟଣ ପାତ୍ର ଏହି ଉତ୍ସବକୁ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ମହୋତ୍ସବର ଅନ୍ୟାନ୍ୟ ସମ୍ମାନୀୟ ଅତିଥିମାନଙ୍କ ମଧ୍ୟରେ ଦୁବାଇସ୍ଥିତ ଭାରତୀୟ କାର୍ଯ୍ୟକାରୀ କନ୍‌ସଲ୍ ଜେନେରାଲ ରାମ କୁମାର ଥଙ୍ଗରାଜ, ପ୍ରଖ୍ୟାତ ଆଧ୍ୟାତ୍ମିକ ଗୁରୁ ଡଃ ଚନ୍ଦ୍ରଭାନୁ ଶତପଥୀ, ରାଜ୍ୟ ଉଚ୍ଚଶିକ୍ଷା ଓ କୃଷି ମନ୍ତ୍ରୀ ଡଃ ଅରୁଣ କୁମାର ସାହୁ, କେରଳର ପୁଲିସ ଡିଜି ଲୋକନାଥ ବେହେରା, ବିଶ୍ୱ ଓଡ଼ିଶା ସମାଜର ଅଧ୍ୟକ୍ଷ କିଶୋର ଦ୍ୱିବେଦୀ, ରାଜ୍ୟର ପୂର୍ବତନ ମନ୍ତ୍ରୀ ପ୍ରସାଦ ହରିଚନ୍ଦନ, ଭାରତୀୟ ଜନତା ପାର୍ଟିର ଜାତୀୟ ମୁଖପାତ୍ର ଡଃ ସମ୍ବିତ ପାତ୍ର, ବିଶିଷ୍ଟ ଚଳଚ୍ଚିତ୍ର ନିର୍ଦ୍ଦେଶକ ନୀଳମାଧବ ପଣ୍ଡା, ବ୍ୟାଙ୍କ ଅଫ୍ ବରୋଦାର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ନିଶାନ୍ତ ରନ ଏବଂ ଇଣ୍ଟରନ୍ୟାସନାଲ ସିପିଂ ଏଣ୍ଡ୍ ଲଜିଷ୍ଟିକ୍ସ ଏଫ୍.ଜେଡ୍.ଇର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ କ୍ୟାପ୍‌ଟେନ୍ ଏସ୍.ଆର୍. ପଟ୍ଟନାୟକ ପ୍ରମୁଖ ଅନ୍ତର୍ଭୁକ୍ତ ଅଛନ୍ତି। ବହୁବିଧ ସାଂସ୍କୃତିକ ପ୍ରସ୍ତୁତି ମଧ୍ୟରେ ଦର୍ଶକମାନଙ୍କୁ ସେମାନଙ୍କର ଅନନ୍ୟ ଓ ଆକର୍ଷକ କଳାଚାତୁର୍ଯ୍ୟରେ ମନ୍ତ୍ରମୁଗ୍ଧ କରିବାକୁ ଯାଉଥିବା ଅଗ୍ରଗଣ୍ୟ କଳାକାରମାନଙ୍କ ସୂଚୀରେ ବିଖ୍ୟାତ ଅଭିନେତ୍ରୀ ଅନୁ ଚୌଧୁରୀ, ହାସ୍ୟ ସମ୍ରାଟ ଜ୍ଞାନ ହୋତା, ଲବ୍ଧ ପ୍ରତିଷ୍ଠ କଣ୍ଠଶିଳ୍ପୀ ସ୍ୱୟଂ ପାଢ଼ୀ, ଅନ୍ତରା ଚକ୍ରବର୍ତ୍ତୀ ଓ ବିରଜା ରଥ ଏବଂ ନୃତ୍ୟ ବିଶାରଦ ସାସ୍ୱତ ଯୋଶୀ ପ୍ରମୁଖ ସ୍ଥାନ ପାଇଥିବା ଆୟୋଜକମାନଙ୍କ ସୂତ୍ରରୁ ପ୍ରକାଶ। ସୁଦକ୍ଷ ଓ ସୃଜନଶୀଳ ସଂଯୋଜକ ସୁଧାଶ୍ରୀ ଦାଶ ସମଗ୍ର କାର୍ଯ୍ୟକ୍ରମକୁ ଉପସ୍ଥାପନା କରିବେ।

## ପ୍ରଶାସନ ନିରବ, ଗ୍ରାମବାସୀ ଆତଙ୍କିତ : ଦୂଷିତ ପାଣି ପିଇ ଯକ୍ଷ୍ମା ରୋଗ ବ୍ୟାପୁଛି

ଜୟପୁର, ୨୯।୪(ପି.ଏନ): କୋରାପୁଟ ବ୍ଲକ ଅନ୍ତର୍ଗତ ବଡକେରଙ୍ଗା ପଚାଂୟତର ସଲମନଗୁଡା ଗ୍ରାମରେ ଉତ୍କଟ ଜଳ ସଂକଟ ଦେଖାଦେଇଛି । ଜିଲା ପ୍ରଶାସନ ଏହି ସମସ୍ୟାର ସମାଧାନ ଦୀର୍ଘ ବର୍ଷ ହେବ କରୁନଥିବାରୁ ଗ୍ରାମବାସୀ ମାନେ ସମ୍ପ୍ରତି ଖରା ଦିନରେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏହି ଗ୍ରାମରେ ପ୍ରାୟ ଦେଢ ଶହରୁ ଅଧିକ ପରିବାର ରହିଥିବା ବେଳେ ୧୫ ଶହରୁ ଅଧିକ ଲୋକ ସଂଖ୍ୟା ଅଛନ୍ତି । ଏହି ଗ୍ରାମବାସୀ ମାନେ କହିବାନୁଯାୟୀ, ଗ୍ରାମରେ ଥିବା କୂପ ଶୁଖିଲା ହୋଇ ପଡିରହିଛି । ଗ୍ରାମରେ ୪ଟି ନଳକୂପ ଥିବା ବେଳେ ସେଥି ମଧ୍ୟରୁ ୨ଟି ଅଚଳ ରହିଛି ଓ ଅନ୍ୟ ୨ଟି ନଳକୂପରୁ ଠିକ୍ ଭାବେ ପାଣି ବାହାରୁ ନାହିଁ । ଏହା ପାନୀୟ ଉପଯୋଗୀ ମଧ୍ୟ ନୁହେଁ। ଗ୍ରାମ ଠାରୁ ଅଧା କି.ମି. ଦୂରରେ ରହିଥିବା ବିଲ ଭିତରେ ଥିବା ଚୁଆ ପାଣିକୁ ଲୋକେ ନିର୍ଭର କରନ୍ତି । ଏହି ଚୁଆ ଉପରେ ଲୁଗାପଟା ସଫା ସହ ବାସନ କୁସନ ସଫା କରନ୍ତି । ଏମିତି ପଶୁ , ପକ୍ଷୀ, କୁକୁର ମଧ୍ୟ ଏହି ଚୁଆ ପାଣି ଉପରେ ନିର୍ଭର କରନ୍ତି। ବର୍ତମାନ ଏହି ଚୁଆ ପାଣି ମଧ୍ୟ ଶୁଖିବାକୁ ବସିଲାଣି । ଏହି ଚୁଆ ପାଣିକୁ ଆଣି ପାନୀୟ ଜଳ ରୂପେ ବ୍ୟବହାର କରିଥାନ୍ତି । ଏନେଇ ଗ୍ରାମବାସୀ ଜିଲା ପ୍ରଶାସନକୁ ଅବଗତ କରାଇଲେ ମଧ୍ୟ ପ୍ରଶାସନ ଅଣଦେଖା କରୁଥିବା ଅଭିଯୋଗ କରିଛନ୍ତି । ଖରା ଦିନ ଆସିଲେ ପାନୀୟ ଜଳ ନେଇ ଲୋକେ ଡହଳ ବିକଳ ହେଉଥିବା ଲକ୍ଷ୍ୟ କରାଯାଇଛି । ପ୍ରତ୍ୟେକ ଗ୍ରାମକୁ ସ୍ୱଚ୍ଛ ପାନୀୟ ଜଳ ଯୋଗାଣ ପାଇଁ ସରକାର ବହୁ ଯୋଜନା କରୁଥିବା ବେଳେ ଜିଲାର ଉପାନ୍ତ ଅଂଚଳରେ ସ୍ୱଚ୍ଛ ପାନୀୟ ଜଳ ପାଇଁ ଆଜି ମଧ୍ୟ ସଂଗ୍ରାମ କରିବାକୁ ପଡୁଛି । ଏଠାକାର ଲୋକ ମାନେ ସମସ୍ତେ ପ୍ରାୟ ଶ୍ରମିଜୀବି ହୋଇଥିବା ବେଳେ ଏହି ଚୁଆ ପାଣି ପିଇ ରୋଗଗ୍ରସ୍ତ ହୋଉଛନ୍ତି । ଛୋଟ ଠାରୁ ବଡ ଯାଏ ଏହି ଚୁଆ ପାଣି ପିଇ ଯକ୍ଷ୍ମା ପରି ରୋଗ ଗ୍ରାମରେ ବ୍ୟାପିବାରେ ଲାଗିଛି । ତୁରନ୍ତ ଜିଲାପାଳ ହସ୍ତକ୍ଷେପ କରି ସ୍ୱଚ୍ଛ ପାନୀୟ ଜଳ ଯୋଗାଇବାକୁ ଗ୍ରାମର ଜିମା ଜାନି, ଲକ୍ଷ୍ମୀ ଜାନି, ଭଗବତୀ ଜାନୀ, ହିନ୍ଦୁ ବଡନାୟକ, ଜାଇମିତ ବଡନାୟକ ଦାବୀ କରିଛନ୍ତି । ନଳକୂପ ମରାମତି ନହେବା ଯାଏ ଟେଙ୍କର ଯୋଗେ ପାନୀୟ ଜଳ ଯୋଗାଣ ପାଇଁ ଦାବି ହୋଇଛି ।

MAHARISHI PUBLIC SCHOOL

2021-2022



ADMISSION OPEN
Maharishi Public School, Baripada

STD-NURSERY TO VIII
ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservation as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on Facebook.com/Mps, Baripada








# ଟି ଟାଇମ୍

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

## କାଳୀ ଚରଣ ପଟ୍ଟନାୟକ

ଓଡିଆ ନାଟ୍ୟକାର ଓ କବି ଥିଲେ। ସେ ୧୮୯୭ ଡିସେମ୍ବର ୩ ତାରିଖ, ବକୁଳ ଅମାବାସ୍ୟା ଦିନ ବାଙ୍କୀ ସହର ଉପକଣ୍ଠରେ ଥିବା ଖମାରଙ୍ଗା ଗ୍ରାମରେ ପିତା ଦୁର୍ଗାଚରଣ ପଟ୍ଟନାୟକ ଓ ମାତା ରାଧାମାଳୀ ଦେବୀଙ୍କଠାରୁ ଜନ୍ମ ଗ୍ରହଣ କରିଥିଲେ। ସେ ପିତାମାତାଙ୍କର ଦ୍ୱିତୀୟ ସନ୍ତାନ ଥିଲେ। କାଳୀଚରଣଙ୍କ ପିତା ବଡମ୍ବାଗଡର ଦେବାନ ଥିଲେ। କାଳୀଚରଣ ପାରମ୍ପରିକ ଲୀଳା ନାଟକ ପ୍ରଦର୍ଶନ କରି ନିଜର ନାଟ୍ୟକାର ଜୀବନ ଆରମ୍ଭ କରିଥିଲେ ୪ର୍ଥ ଦଶକ ଦେବଳକୁ ସେ ଆଧୁନିକ ମଞ୍ଚ ନାଟକ ଲେଖି ତାହାର ବିପଣନ କରିବା ଆରମ୍ଭ କରିଥିଲେ। ସେଥି ପାଇଁ ୧୯୨୯ ମସିହାରେ “ସାକ୍ଷୀଗୋପାଳନାଟକ ସଂଘ” ଓ ୧୯୩୯ରେ “ଓଡିଶା ଥିଏଟର୍ସ” ନାମରେ ଏକ ରଙ୍ଗମଂଚ ଗଠନ କରି ଓଡିଶା ନାଟକାଭିନୟ ଜଗତର ପ୍ରସାର ଓ ଉନ୍ନତି କରିଥିଲେ। ତାଙ୍କର ଜନପ୍ରିୟ ନଟକ ଗାର୍ଲ ସ୍କୁଲ (୧୯୩୯) ଓଡିଆ ମଞ୍ଚାଭିନୟରେ ନୂତନ ଯୁଗର ଆରମ୍ଭ କରିଥିଲେ। ତାଙ୍କୁ ଆଧୁନିକ ଓଡଆ ନାଟ୍ୟଶାସ୍ତ୍ରର ‘ଭରତ ମୁନି’ ବୋଲି ମଧ୍ୟ କୁହାଯାଏ। ତାଙ୍କ ପ୍ରଚେଷ୍ଟାରୁ ୧୯୫୮ ମସିହାରେ ଓଡିଶୀ ନୃତ୍ୟ ଶାସ୍ତ୍ରୀୟ ମର୍ଯ୍ୟାଦା ପାଇଥିଲେ। ସେଥି ପାଇଁ ସମସ୍ତ ଓଡିଶୀ ନାଟ୍ୟଗୁରୁ ଓ ନୃତ୍ୟଶିଳ୍ପୀମାନେ ତାଙ୍କୁ ମନେ ରଖିଛନ୍ତି। କାଳୀଚରଣ ତାଙ୍କର ପ୍ରାଥମିକ ଶିକ୍ଷା ଚର୍ଚ୍ଚିକା ପ୍ରାଥମିକ ବିଦ୍ୟାଳୟରେ ସମ୍ପନ୍ନ କରି ଖୋର୍ଦ୍ଧା ଉଚ୍ଚବିଦ୍ୟାଳୟରେ ମାଟ୍ରିକ ପଢ଼ିଥିଲେ। କଟକର ରେଭେନ୍ସା କଲେଜରୁ ସେ ଉଚ୍ଚତର ଶିକ୍ଷା ଗ୍ରହଣ କରିଥିଲେ। ଖୋର୍ଦ୍ଧା ସ୍କୁଲରେ ପଢୁଥିବା ସମୟରେ ସଙ୍ଗୀତ ନାଟକ ପ୍ରତି ଆସକ୍ତ କଳୀଚରଣ ପ୍ରଥମ ସଙ୍ଗୀତଜ୍ଞ ବାସୁଦେବ ମହାପାତ୍ର ଓ ପରେ ଓସ୍ତାଦ୍ ଖାନୁ ଖାଁ, ବନଓ୍ୱାରୀ ମିଶ୍ରଙ୍କ ଭଳି ବିଶାରଦଙ୍କଠାରୁ ଶାସ୍ତ୍ରୀୟ ସଂଗୀତ ଶିକ୍ଷା କରିଥିଲେ। ବାଙ୍କୀର ମହାପର୍ବତ ଦେଖି ମହାପର୍ବତ ନାମକ ଖଣ୍ଡକାବ୍ୟ ଓ କଳଙ୍କ ଭଂଜନମାଳା ନାଟକ ରଚନା କରିବା ପରେ ଶିକ୍ଷକ ପଣ୍ଡିତ କୃପାସିନ୍ଧୁ ହୋତାଙ୍କ ପ୍ରକୃତି ବର୍ଣ୍ଣନା ପାଇଁ ଉପଦେଶ ତାଙ୍କର ରଚନାତ୍ମକ ଦୃଷ୍ଟିଭଙ୍ଗୀରେ ଏକ ଉଲ୍ଲେଖନୀୟ ପରିବର୍ତ୍ତନ ଆଣିଥିଲା। ଗୋବିନ୍ଦଚନ୍ଦ୍ର ଶୂଦଦେଓଙ୍କ ସମ୍ପର୍କରେ ଆସି ତାଙ୍କର ନାଟକ ସୁଲଭତା ବିକଶିତ ହୋଇଥିଲା। ୧୯୧୮ ମସିହାରେ ଆଇ.ଏ ପଢ଼ିବାବେଳେ ସେ ପ୍ରଥମ ନାଟକ ଧ୍ରୁବ ରଚନା କରିଥିଲେ ମଧ୍ୟ ତାଙ୍କର ପ୍ରଥମ ସାମାଜିକ ନାଟକ ଥିଲା ୧୯୩୪ ମସିହାରେ ରଚିତ ପ୍ରତିଶେଶଧ। ପ୍ରାୟ ୪୦ ଟି ପୂର୍ଣ୍ଣାଙ୍ଗ ନାଟକ ସହିତ ସେ ରଚନା କରିଯାଇଛନ୍ତି ବହୁ ନୃତ ନାଟିକା, କାବ୍ୟ ନାଟିକା, ଗଳ୍ପ, ଉପନ୍ୟାସ, କବିତା ଆଦି ଅନେକ ଅନବଦ୍ୟ କୃତି।

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

# ପୁରାଣ କାହାଣୀ

## ପଂଚବଟୀ ରେ ରାମଚନ୍ଦ୍ର

ଭାରତ ରାମଙ୍କୁ ବହୁତ ଅନୁନୟ ବିନୟ ପୂର୍ବକ ଫେରିଆସିବାକୁ ଏବଂ ରାଜ୍ୟ ଭାର ଗ୍ରହଣ କରିବାକୁ ଆକୁଳ ପ୍ରାର୍ଥନା କଲେ। ମାତ୍ର ରାମ ଭରତଙ୍କ ଅନୁରୋଧ ପ୍ରତ୍ୟାଖାନା କରିଥିଲେ। ରାମ, ସୀତା ଏବଂ ଲକ୍ଷ୍ମଣ ଏହି ବନବାସ ସମୟରେ ଗୋଦାବରୀ ନାଦୀ ତଟରେ ଗମନ କରି ପଞ୍ଚବଟୀ ଠାରେ ଏକ କୁଟୁର ନିର୍ମାଣ କରି ଅବସ୍ଥାନ କଲେ। ସେହି ସମୟରେ ଋଷିମୁନିମାନଙ୍କର ଅନୁରୋଧ କ୍ରମେ ସେମାନେ ଅନେକ ରାକ୍ଷ କୁ ବଧ କରିଥିଲେ। ବିରାଧ ରାକ୍ଷସ ଏମାନଙ୍କ ମଧ୍ୟରେ ପ୍ରଥମ ଥିଲା।



## ସଉକ ପୂରା କରିବା ପାଇଁ ବିକିଦେଲେ ସମସ୍ତ ସମ୍ପତି

ଟେକ୍ସାସ୍ ସାଧାରଣତଃ ନିଜ ଘର ଓ ପରିବାରର ଆବଶ୍ୟକତା ପାଇଁ ଲୋକେ ଅର୍ଥ ସଂଚୟ କରିଥାନ୍ତି। ହେଲେ ଟେକସାସ୍‌ରେ ରହୁଥିବା ଜଣେ ଦମ୍ପତ୍ତି ନିଜର ଭ୍ରମଣ ସଉକ ପୂରା କରିବା ପାଇଁ ନିଜ ଘର ସହ ସମସ୍ତ ସମ୍ପତ୍ତିକୁ ବିକ୍ରି କରିଦେଇଛନ୍ତି। ଏହି ଦମ୍ପତ୍ତିଙ୍କର ମଧ୍ୟ ୫ଟି ସନ୍ତାନ ଅଛି। ଏହି ସ୍ୱାମୀ ସ୍ତ୍ରୀ ଜଣଙ୍କ ହେଉଛନ୍ତି ଷ୍ଟିଫେନ୍ ଏବଂ ଜୋର୍ଡାନ୍। ବର୍ତ୍ତମାନ ସେମାନେ ତୁର୍କୀ ଓ ଅଷ୍ଟ୍ରେଲିଆ ଟୁର୍ କରି ଫେରିଥିଲା ବେଳେ ଖୁବ୍ ଶୀଘ୍ର ଆଣ୍ଟାର୍କଟିକା, ନ୍ୟୁଜଲାଣ୍ଡ ଗସ୍ତରେ ଯିବାର ଯୋଜନାରେ ଅଛନ୍ତି। ପେଶାରେ ୱେବ ଡିଜାଇନର ଥିବା ଷ୍ଟିଫେନ୍ କୁହନ୍ତି ଯେ ମୋ ସ୍ୱାମୀ ଜୋଡାନ୍‌ଙ୍କର ଭ୍ରମଣ କରିବାର ବଡ଼ ସଉକ ରହିଛି। ସେ ମୋ ସହ ପିଲାମାନଙ୍କୁ ନେଇ ବିଭିନ୍ନ ଦେଶ ଭ୍ରମଣ କରୁଛନ୍ତି। ଏଥିପାଇଁ ଆମେ ଆମର ଘର ଓ ସମସ୍ତ ସମ୍ପତ୍ତି ବିକ୍ରି କରିଦେଇଛୁ। ତେବେ ଭ୍ରମଣ ପରେ ପୁଣି ଥରେ ନୂଆ ଘର ବସାଇବା ଯଦିଓ କଷ୍ଟକର ତଥାପି ଭ୍ରମଣ ସାରିବା ପରେ ହିଁ ଆମେ ଏ ସମ୍ପର୍କରେ ନିଷ୍ପତ୍ତି ନେଉ। ବିଶ୍ୱ ଭ୍ରମଣ ଦ୍ୱାରା ନୂଆ ଭାଷା, ନୂଆ ସଂସ୍କୃତି ସହ ଆମେ ଅବଗତ ହୋଇପାରୁଛୁ।

## ୨୮ ବର୍ଷ ପରେ ସନ୍ତାନ

ଇଟାଲିର ଛୋଟ ସହର ଓସଟାନାରେ ୧୯୮୭ ପରେ ପ୍ରତମ ତର ଶିଶୁର କାନ୍ଦ ସ୍ୱର ଶୁଣିବାକୁ ମିଳିଛି । ପାବ୍‌ଲୋ ନାମକ ଏହି ଶିଶୁ ତୁରିନ୍ ହସ୍ପିଟାଲ୍‌ରେ ଜନ୍ମ ହୋଇଛି । ତାର ଜନ୍ମ ପରେ ସମଗ୍ର ଅଂଚଳରେ ଖୁସିର ଲହରୀ ଖେଳିଯାଇଛି, ବେଶ ଧୂମଧାମ୍‌ରେ ଉତ୍ସବ ପାଳିତ ହୋଇଛି । ଓସଟାନାର ଲୋକସଂଖ୍ୟା ୮୪ । ଏବେ ଏହି ସଂଖ୍ୟା ୮୫ ହୋଇଛି । ପିଡ୍‌ମଂଟ ଅଂଚଳରେ ପାହାନ ମଝିରେ ସ୍ଥିତ ଓସଟାନାର ମେୟର୍ ଗିୟାକୋମା ଲୋମ୍‌ବାରଡୋ ଏ ନେଇ ବହୁତ ଖୁସି । ଦୀର୍ଘ ଦିନର ସ୍ୱପ୍ନ ସତ ହୋଇଛି ବୋଲି ସେ



କହିଛନ୍ତି । ଉନବିଂଶ ଶତାଦ୍ଦୀ ଆରମ୍ଭରେ ୧ ହଜାର ଲୋକ ଏଁଠାରେ ବାସ କରୁଥିଲେ । ଧୀରେ ଦୀରେ ଜନସଂଖ୍ୟା କମିଲା । ୧୯୭୫ରେ ଜନ୍ମହାର ବହୁତ କମିଲା । ୧୯୭୬ ଓ ୧୯୮୭ ମଧ୍ୟରେ ୧୭ ପିଲା ଜନ୍ମ ହୋଇଥିଲେ । ଏହି ସମସ୍ୟାରୁ ମୁକୁଳିବା ପାଇଁ ଓସଟାନା ନୂଆ ଚାକିରି ସୃଷ୍ଟି କରିବାକୁ ଯୋଜନା କରୁଛି । ସହରର ପରମ୍ପରା ରକ୍ଷା କରିବା ପାଇଁ ଏହାର ପ୍ରବେଶ ଦ୍ୱାରରେ ଏକ ବଗ ମଡେଲ ନିର୍ମିତ ହୋଇଛି । ତା ଥଂଟରେ ନୀଳ ରଙ୍ଗର ଗୋଟିଏ ଛୋଟ ବିଡ଼ା ଅଛି ।

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍‌ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

## ବିଲେଇକୁ ମିଳୁଛି ସରକାରୀ ଚାକିରି, ମୋଟା ଦରମା

ଲଣ୍ଡନ ଗୋଟିଏ ପଟେ ଦେଶରେ ବେରୋଜଗାରୀ ସମସ୍ୟା ବୃଦ୍ଧି ପାଉଥିଲା ବେଳେ ଅନ୍ୟପଟେ ଏଠି ବିଲେଇକୁ ପ୍ରଦାନ କରାଯାଉଛି ସରକାରୀ ଚାକିରି ଏବଂ ଚାକିରି ବାବଦରେ ମିଳୁଛି ମୋଟା ଦରମା। ନିକଟରେ ଦେଶର କ୍ୟାବିନେଟ୍ ଦୁଇ ବିଲେଇକୁ ସରକାରୀ ନିଯୁକ୍ତି ପାଇଁ ମଞ୍ଜୁର ଦେଇଛି। ଇବି ଏବଂ ଓସି ନାମକ ଏହି ଦୁଇ ବିଲେଇ ଏବେ ବ୍ରିଟିସ ସରକାରଙ୍କ କ୍ୟାବିନେଟ୍ କାର୍ଯ୍ୟାଳୟରେ ଚାକିରି କରୁଛନ୍ତି। ବିଲେଇଙ୍କୁ ନିଯୁକ୍ତି ଦିଆଯିବା ପୂର୍ବରୁ ବିଧିବଦ୍ଧ ଭାବେ ବିଜ୍ଞାପନ ଦିଆଯାଇଥିଲା। ବିଜ୍ଞାପନରେ ସେମାନଙ୍କର ଯୋଗ୍ୟତା ସହ ବାୟୋଡାଟା ମଧ୍ୟ ମଗାଯାଇଥିଲା। ଏହି ନିଯୁକ୍ତି ପାଇଁ



ଅନେକ ଆବେଦନ ପତ୍ର ମିଳିଥିଲା ବେଳେ ଦକ୍ଷତାକୁ ଦୃଷ୍ଟିରେ ରଖି ଦୁଇ ବିଲେଇଙ୍କୁ ନିଯୁକ୍ତି ଦିଆଯାଇଛି। ଏମାନଙ୍କର ଦାୟିତ୍ୱ ହେଉଛି କ୍ୟାବିନେଟ୍ କାର୍ଯ୍ୟାଳୟରୁ ମୂଷା ମାରିବା। ଗତକିଛି ବର୍ଷ ଧରି ଏଠାର କ୍ୟାବିନେଟ୍ କାର୍ଯ୍ୟାଳୟରେ ମୂଷାଙ୍କ ଉତ୍ପାତ ବୃଦ୍ଧି ପାଉଥିଲା ବେଳେ ସେମାନଙ୍କ ଦ୍ୱାରା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ନଷ୍ଟ ହେବାରେ ଲାଗିଛି। ଯେଉଁ କାରଣରୁ ସରକାର ବାଧ୍ୟରେ ମୂଷା ନିୟନ୍ତ୍ରଣ ପାଇଁ ବିଲେଇ ନିଯୁକ୍ତି ଦେଇଛନ୍ତି।

# ଆଜିର ଭାଗ୍ୟ

**ମେଷ** କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନ କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

## ଶୀତ ଋତୁରେ ରୋଗ ବେଶୀ

ଶୀତଋତୁ ଆସିଲେ ବିଭିନ୍ନ ପ୍ରକାର ରୋଗ ମଧ୍ୟ ସାଙ୍ଗରେ ଆଣି ଆସିଥାଏ । ଯେପରି ଥଣ୍ଡା, ସଂକ୍ରମଣ, ତ୍ୱଚ ଫାଟିବା ଇତ୍ୟାଦି । କେତେକ ଲୋକଙ୍କର ଭାବନା ରହିଥାଏ କି ସନସ୍କ୍ରିନ୍‌ର ପ୍ରୟୋଗ କେବଳ ଗ୍ରୀଷ୍ମ ଦିନମାନଙ୍କରେ କରାଯାଇଥାଏ କିନ୍ତୁ ଏପରି ଭାବିବା ସମ୍ପୂର୍ଣ୍ଣ ରୂପେ ଭୁଲ୍ । ଥଣ୍ଡା ଦିନମାନଙ୍କରେ ସୂର୍ଯ୍ୟ ଭୂପୃଷ୍ଠର ସବୁଠାରୁ ନିକଟତର ହୋଇଥାନ୍ତି । ଏଥିପାଇଁ ସୂର୍ଯ୍ୟଙ୍କ କିରଣ ଅଧିକ କ୍ଷତି ପହଞ୍ଚାଇଥାଏ । ଥଣ୍ଡା ଦିନମାନଙ୍କରେ କସରତ କରିବା କ୍ଷତିକାର ହୋଇପାରେ । ଏପରି ଭାବିବା ବିଲ୍‌କୁଲ୍ ଭୁଲ୍ । ବାସ୍ ଏହି କଥାର ଧ୍ୟାନ ରଖନ୍ତୁ କି ବାହାରକୁ ବାହାରିବା ପୂର୍ବରୁ ନିଜକୁ ଥଣ୍ଡାରୁ ବଞ୍ଚେଇବାର ସମସ୍ତ ଉପାୟକୁ ସାଙ୍ଗରେ ଧରି ଯାଆନ୍ତୁ । ଥଣ୍ଡା ଦିନମାନଙ୍କରେ ମଦ୍ୟପାନ କରିବା ଦ୍ୱାରା ଶରୀର ଗରମ ପହଞ୍ଚାଇଥାଏ ବୋଲି ଅନେକଙ୍କର ଭାବନା ରହିଥାଏ । କିନ୍ତୁ ବାସ୍ତବରେ ଏହା ଅଳ୍ପ କିଛି



ସମୟ ପାଇଁ ଆପଣଙ୍କ ଶରୀରକୁ ଗରମ ରଖିଥାଏ । ଲମ୍ବା ସମୟ ପର୍ଯ୍ୟନ୍ତ ଏହା କାମ କରିନଥାଏ । ଅଧିକ ସମୟ ପର୍ଯ୍ୟନ୍ତ ଥଣ୍ଡାରେ ଘରଠୁ ବାହାରେ ରହିବା ଦ୍ୱାରା ରୋଗ ଆକ୍ରାନ୍ତ ହେବାର ଆଶଙ୍କା ଅଧିକ ରହିଥାଏ । ଏପରି ବିଲ୍‌କୁଲ୍ ନୁହେଁ । ଏହି ମୌସୁମୀରେ ଥଣ୍ଡା, କାଶ, କେବଳ ବ୍ୟାକ୍ଟେରିୟା ଏବଂ ସଂକ୍ରମଣ କାରଣରୁ ହିଁ ହୋଇଥାଏ । ଥଣ୍ଡା ମୌସୁମିରେ ଅଧିକ ଚିନ୍ତା ରହିଥାଏ । ଭିଟାମିନ୍ ସି ଇମ୍ୟୁନିଟିକୁ ବଢେଇଥାଏ ଏବଂ ଥଣ୍ଡା ଦିନମାନଙ୍କରେ ହେଉଥିବା ରୋଗ ମାନଙ୍କଠାରୁ ବଞ୍ଚେଇଥାଏ ।




# କରୋନାର କରୁଣ ଚିତ୍ର...



ସାରା ବିଶ୍ୱରେ ଏବେ ଦେଖାଦେଇଛି ମହାମାରୀ କରୋନାର ଦ୍ୱିତୀୟ ଲହର। କରୋନାର ପ୍ରଥମ ଲହରଠାରୁ ଏହା ବେଶି ଭୟଙ୍କର। ୨୦୨୦ ମସିହା ଫେବୃୟାରୀରୁ ଦେଖାଦେଇଥିବା ମହାମାରୀ କରୋନା କ୍ରମାଗତ ଭାବେ ଗୋଟିଏ ବର୍ଷ ଭୟର ବାତାବରଣ ସୃଷ୍ଟି କରିଛିଥିଲା। ବହୁ ଲୋକଙ୍କ ଜୀବନ ହାନୀ ଘଟିବା ସହ ଲୋକମାନଙ୍କ ଆର୍ଥିକ ମେରୁଦଣ୍ଡ ଭାଙ୍ଗି ପଡ଼ିଥିଲା। ଭାଙ୍ଗି ପଡ଼ିଥିବା ଆର୍ଥିକ ମେରୁଦଣ୍ଡକୁ ସଜାଡ଼ିବାକୁ ପ୍ରସ୍ତୁତ ହେଉଥିବା ବେଳେ କରୋନାର ଦ୍ୱିତୀୟ ଲହର ପ୍ରବେଶ କରିବା ଯୋଗୁଁ ସାରା ବିଶ୍ୱ ପାଇଁ ଘାତକ ସାଜିଛି। ସଂକ୍ରମିତଙ୍କ ସଂଖ୍ୟା ଭୟଙ୍କର ଭାବରେ ବୃଦ୍ଧି ପାଉଛି। କେବଳ ସଂକ୍ରମିତ ବଢୁନି, ଜୀବନ ମଧ୍ୟ ନେଉଛି ଯାହା ସ୍ୱାସ୍ଥ୍ୟ ବିଶେଷଜ୍ଞମାନଙ୍କ ପାଇଁ ଏକ ଚ୍ୟାଲେଞ୍ଜ ସୃଷ୍ଟି କରିଛି। କରୋନାର କରୁଣ ଚିତ୍ରକୁ ଅନୁଧ୍ୟାନ କଲେ ମହାରାଷ୍ଟ୍ର, ଗୁଜୁରାଟ, ପଞ୍ଜାବ, କର୍ଣ୍ଣାଟକ, ତାମିଲନାଡୁ ଓ କେରଳରେ ସଂକ୍ରମଣ ସ୍ଥିତି ଜଟିଳ ହେବାରେ ଲାଗିଛି। କାରଣ କରୋନାର ପ୍ରଥମ ଲହରରେ ରେକର୍ଡ ସଂଖ୍ୟକ ସଂକ୍ରମିତ ସଂଖ୍ୟା ଛୁଇଁବାକୁ ଦୀର୍ଘ ୮ ମାସ ଲାଗିଥିବା ବେଳେ ଦ୍ୱିତୀୟ ଲହରରେ ଏହି ସଂଖ୍ୟା ଅତିକ୍ରମ କରିବାକୁ ମାତ୍ର ୩ ମାସ ଲାଗିଥିଲା। ୨୦୨୦ ଫେବୃୟାରୀରୁ ଦେଖା ଦେଉଥିବା କରୋନାରେ ରେକର୍ଡ ସଂଖ୍ୟକ ସଂଖ୍ୟା ସେପ୍ଟେମ୍ବର ୧୫ ତାରିଖ ଦିନ ସର୍ବାଧିକ ୯୭ ହଜାର ୫୭୦ ଜଣ ସଂକ୍ରମିତ ଚିହ୍ନଟ



ହୋଇଥିଲେ। ମାତ୍ର ବାୟୁରୁ ବ୍ୟାପୁଥିବା କରୋନାର ଦିଦ୍ୱୀୟ ଲହରରେ ମାତ୍ର ୩ ମାସ ମଧ୍ୟରେ ୨୦୨୧ ଏପ୍ରିଲ ୨୪ ତାରିଖ ଦିନ ସର୍ବାଧିକ ୩ ଲକ୍ଷ ୪୯ ହଜାର ୬୯୧ କରୋନା ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ୨୭୬୭ ଜଣଙ୍କ ମୃତ୍ୟୁ ଘଟିବା ଦେଶ ପାଇଁ ଏକ ଆହ୍ୱାନ ସୃଷ୍ଟି କରିଛି। ଦୈନିକ କରୋନା ସଂକ୍ରମଣରେ ଭାରତର ଏହା ଏକ ଅଲୋଡ଼ା କୀର୍ତ୍ତି। ନୂଆ ସଂକ୍ରମଣ ସହିତ ସାରା ବିଶ୍ୱରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୪ କୋଟି ୭୦ ଲକ୍ଷ ୪୧ ହଜାର ୫୯୨କୁ ବୃଦ୍ଧି ପାଇଥିବା ବେଳେ ମୃତ୍ୟୁ ସଂଖ୍ୟା ୩୧ ଲକ୍ଷ ୧୨ ହଜାର ୩୧୫ରେ ପହଞ୍ଚିଛି। ସେହିପରି ଦେଶରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୧ କୋଟି ୬୯ ଲକ୍ଷ ୬୦ ହଜାର ୧୭୨କୁ ବୃଦ୍ଧି ପାଇଥିବା ବେଳେ, ମୃତ୍ୟୁ ସଂଖ୍ୟା୧ ଲକ୍ଷ ୯୨ ହଜାର ୩୧୧କୁ ବୃଦ୍ଧି ପାଇଛି ଓ ୧ କୋଟି ୪୦ ଲକ୍ଷ ୮୫ ହଜାର ୧୧୦ଜଣ ସୁସ୍ଥ ହୋଇଛନ୍ତି। ୨୬ ଲକ୍ଷ ୮୨ ହଜାର ୭୫୧ ରୋଗୀ ସକ୍ରିୟ ଅଛନ୍ତି। ଏକ ସର୍ଭେରୁ ଜଣାପଡ଼ିଛି ମହାମାରୀ କରୋନା ମୋଟ ୨୧୯ଟି ଦେଶକୁ ଗ୍ରାସ କରିସାରିଛି।

କାରୋନାର ପ୍ରଥମ ପର୍ଯ୍ୟାୟରେ ଲୋକମାନଙ୍କୁ ମାସ୍କ, ସାନିଟାଇଜର, ସାବୁନ ଏବଂ ରନ୍ଧାଖାଦ୍ୟ ଯୋଗାଇ ଦେଇ ସଚେତନ କରୁଥିବା କରୋନା ଯୋଦ୍ଧାମାନେ ଦ୍ୱିତୀୟ ଲହରରେ ଦୃତ ସଂକ୍ରମଣ ଯୋଗୁ ଘରୁ ଗୋଡ଼ କାଢୁନାହାଁନ୍ତି। କାରଣ ପ୍ରଥମ ପର୍ଯ୍ୟାରେ ଯେଉଁ ହାରରେ କରୋନା ଯୋଦ୍ଧା ଓ ସ୍ୱେଚ୍ଛାସେବୀ ସଂଗଠନ ଲୋକମାନଙ୍କୁ ସଚେତନ କରାଉଥିଲେ, ଦ୍ୱିତୀୟ ଲହରରେ ସେମାନଙ୍କ ସଂଖ୍ୟା ବହୁ ପରିମାଣରେ କମିଯାଇଛି। କରୋନାରୁ ରକ୍ଷା ପାଇବା ପାଇଁ ୪୫ ବର୍ଷରୁ ଉର୍ଦ୍ଧ୍ୱ ବ୍ୟକ୍ତିମାନଙ୍କୁ ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟରେ ଟୀକା ଦିଆଚାଲିଛି। ବର୍ତ୍ତମାନ ସୁଦ୍ଧା ୧୨ କୋଟି ୭୧ ଲକ୍ଷ, ୨୯ ହଜାର ୧୧୩ ଜଣରୁ ଉର୍ଦ୍ଧ୍ୱ ଲୋକ ଟୀକା ନେଇସାରିଲେଣି। ସରକାରଙ୍କ ତରଫରୁ ମେ ମାସ ୧ ତାରିଖରୁ ୧୮ ବର୍ଷରୁ ଉର୍ଦ୍ଧ୍ୱ ବ୍ୟକ୍ତିମାନଙ୍କୁ ଟୀକା ଦେବା ପାଇଁ ନିଷ୍ପତ୍ତି ନିଆଯାଇଛି। ତଥାପି ଏହା କରୋନା ଉପରେ କୌଣସି ପ୍ରଭାବ ପକାଇବାର ପରିଲକ୍ଷିତ ହୋଇନାହିଁ। କରୋନା ଏକ ଏଭଳି ରୋଗ ଯାହା ଆଜି ପର୍ଯ୍ୟନ୍ତ ବୈଜ୍ଞାନିକ ଏହି ରୋଗ ବିଷୟରେ ସଠିକ୍ ତଥ୍ୟ ଦେଇପାରି ନାହାଁନ୍ତି କି ଏହାର ନିରାକରଣ ପାଇଁ ଏପର୍ଯ୍ୟନ୍ତ ପ୍ରତିଷେଧକ ଔଷଧ ତିଆରି ହୋଇପାରି ନାହିଁ। ଯେଉଁଥି ପାଇଁ କରୋନା ଯୋଦ୍ଧାମାନେ ଲୋକଙ୍କ ନିକଟରେ ପହଞ୍ଚି ସଚେତନ କରିବାକୁ ଆଉ ସାହସ କରୁନାହାଁନ୍ତି।

ଅନ୍ୟ ରାଜ୍ୟ ତୁଳନାରେ ଯଦିଓ ଓଡ଼ିଶାରେ କରୋନା ସଂକ୍ରମଣ ନିୟନ୍ତ୍ରଣରେ ଥିଲା, ତେବେ ସାମାଜିକ ଦୂରତ୍ୱକୁ ନ ମାନିବା, ମାସ୍କ ନ ପିନ୍ଧିବା ଫଳରେ ଏବେ କରୋନାର ଦ୍ୱିତୀୟ ଲହର ଓଡ଼ିଶାବାସୀଙ୍କ ପାଇଁ ଘାତକ ସାଜିଛି। ମୁଖ୍ୟମନ୍ତ୍ରୀଙ୍କ ବାରମ୍ବାର ଅନୁରୋଧ ସତ୍ତ୍ୱେ ସାଧାରଣ ଜନତା ସଚେତନ ହେଉନାହାଁନ୍ତି। ସରକାରଙ୍କ ସମସ୍ତ କଟକଣା ସତ୍ତ୍ୱେ କୋଭିଡ଼ ଆଇନର ଖୋଲାଖୋଲି ଉଲଂଘନ କରାଯାଉଛି। ମୁଖ୍ୟମନ୍ତ୍ରୀ ମାକ୍ସ ପିନ୍ଧିବା ବାଧତାମୂଳକ ବୋଲି ନିବେଦନ କରୁଥିଲେ ମଧ୍ୟ ସାଧାରଣ ଲୋକେ ବିନା ମାସ୍କରେ ବଜାର, ହାଟ ଓ ଛକମାନଙ୍କରେ ବୁଲିବା, ଯୁବକ ଯୁବତୀମାନେ ମାଳ ମାଳ ହୋଇ ହୋଟେଲ, ରେଷ୍ଟୁରାଣ୍ଟ ଓ ଥଣ୍ଡାପାନୀୟ ଦୋକାନରେ ଭିଡ଼ ଜମାଉଥିବାର ପରିଲକ୍ଷିତ ହେଉଛି। ଅମାନିଆଙ୍କୁ ସାବାଡ଼ କରିବାକୁ ଯାଇ ମାସ୍କ ପିନ୍ଧି ନଥିବା ବ୍ୟକ୍ତିଙ୍କ ଠାରୁ ୨ ହଜାର ଟଙ୍କା ଜୋରିମାନା ଘୋଷଣା କରିଥିଲେ ମଧ୍ୟ ପରିସ୍ଥିତିରେ ସୁଧାର ଆସିପାରିନାହିଁ। ଦିନକୁ ଦିନ ରେକର୍ଡ଼ ସଂଖ୍ୟକ କରୋନା ସଂକ୍ରମିତ ଚିହ୍ନଟ ହେବାରେ ଲାଗିଛି। ଏପ୍ରିଲ ୨୨ ତାରିଖ ଦିନ ରାଜ୍ୟରେ ସର୍ବାଧିକ ୬ ହଜାର ୨୧୫ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେଥିମଧ୍ୟରୁ ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୯୫୦ଜଣ ଚିହ୍ନଟ ହେବା ରାଜ୍ୟବାସୀଙ୍କ ପାଇଁ ଚିନ୍ତାର କାରଣ ସାଜିଛି। ଏହାରି ମଧ୍ୟରେ ରାଜ୍ୟରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୪ ଲକ୍ଷ ୭ ହଜାର ୪୫୭କୁ ବୃଦ୍ଧି ପାଇଥିବା ବେଳେ ମୃତ୍ୟୁ ସଂଖ୍ୟା ୧୯୮୮କୁ ବୃଦ୍ଧି ପାଇଛି। ୩ ଲକ୍ଷ ୫୯ ହଜାର ୪୬୭ ଜଣ ସୁସ୍ଥ ହୋଇଛନ୍ତି ଏବଂ ୪୫ ହଜାର ୯୪୯ ଜଣ ଚିକିତ୍ସିତ ହେଉଛନ୍ତି।

ରାଜ୍ୟରେ ଦୈନିକ ସଂକ୍ରମଣ ସହିତ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଉଥିବାରୁ ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର କଟକଣାକୁ ଆହୁରି କଡ଼ାକଡ଼ି କରିଛନ୍ତି। ବିଶେଷକରି ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, କଳାହାଣ୍ଡି, ନୂଆପଡ଼ା, ବଲାଙ୍ଗୀର, କୋରାପୁଟ, ମାଲକାନଗିରି ଓ ନବରଙ୍ଗପୁର ଆଦି ଜିଲ୍ଲାରେ ପୂର୍ବରୁ ସାନ୍ଧ୍ୟ ଆଇନ ରାତି ୧୦ଟାରୁ ସକାଳ ୬ଟା ପର୍ଯ୍ୟନ୍ତ ଲାଗୁ ହୋଇଥିଲା ବେଳେ ଏହାକୁ ପରିବର୍ତ୍ତନ କରି ସନ୍ଧ୍ୟା ୬ଟାରୁ ସକାଳ ୫ଟା ପର୍ଯ୍ୟନ୍ତ ବଳବତ୍ତର ରଖାଯାଇଛି। କଟକ ଭୁବନେଶ୍ୱରରେ ରାତି ୯ଟାରୁ ସକାଳ ୫ଟା ଯାଏ କର୍ଫ୍ୟୁ ଜାରି ହୋଇଛି। ଏହି ସମୟ ମଧ୍ୟରେ କେବଳ ଅତି ଜରୁରୀ ଆବଶ୍ୟକ ସାମଗ୍ରୀ ଏବଂ ଯୋଗାଣକାରୀଙ୍କ ବ୍ୟତୀତ ମିଡ଼ିଆ, ପେଟ୍ରୋଲ ଏବଂ ମେଡ଼ିକାଲ କର୍ମଚାରୀଙ୍କୁ ଯିବା ଆସିବା ପାଇଁ ଅନୁମତି ଦିଆଯାଇଛି। ଏଥିସହିତ ହୋମ ଡେଲିଭରୀ ଯୋଗାଉଥିବା ସଂସ୍ଥାକୁ ଅନୁମତି ମଧ୍ୟ ମିଳିଛି। ଛାତ୍ର ଛାତ୍ରୀଙ୍କ ସ୍ୱାସ୍ଥ୍ୟ ଓ ସୁରକ୍ଷାକୁ ଦୃଷ୍ଟିରେ ରଖି ମାଟ୍ରିକ ପରୀକ୍ଷାକୁ ବାତିଲ କରିଦିଆଯାଇଥିବା ବେଳେ +୨ ପରୀକ୍ଷାକୁ ସ୍ଥଗିତ ରଖାଯାଇଛି। ଏଥିସହିତ ଏପ୍ରିଲ ୧୯ ତାରିଖରୁ ସମସ୍ତ ଶିକ୍ଷାନୁଷ୍ଠାନ ବନ୍ଦ ରଖିବାକୁ ରାଜ୍ୟ ସରକାର ନିଷ୍ପତ୍ତି ଗ୍ରହଣ କରିଛନ୍ତି। ୫୦ ପ୍ରତିଶତ କର୍ମଚାରୀରେ ସରକାରୀ କାର୍ଯ୍ୟାଳୟ ଚଳିବା ପାଇଁ ଘୋଷଣା କରିବା ସହିତ ଅନ୍ୟ ରାଜ୍ୟକୁ ବସ୍ ଚଳାଚଳ ବନ୍ଦ କରିଦିଆଯାଇଛି। କରୋନାକୁ ପ୍ରତିହତ କରିବା ପାଇଁ ୨୧ ଜଣ ଆଇଏଏସ୍ ଅଫିସରଙ୍କୁ ଦାୟିତ୍ୱ ଦିଆଯାଇଛି।

ହରିଦ୍ୱାରରେ ଚାଲିଥିବା କୁମ୍ଭମେଳାରେ ଦେଶବ୍ୟାପୀ ବିଭିନ୍ନ ରାଜ୍ୟରୁ ଶ୍ରଦ୍ଧାଳୁମାନେ ସ୍ନାନଯାତ୍ରାରେ ସାମିଲ୍ ହୋଇଥିବା ବେଳେ ଓଡ଼ିଶାରୁ ମଧ ବହୁ ଶ୍ରଦ୍ଧାଳୁ କୁମ୍ଭମେଳାରେ ଯୋଗ ଦେଇଥିଲେ। ଲକ୍ଷାଧିକ ସଂଖ୍ୟାରେ ସାଧୁ, ସନ୍ଥ ଓ ଶ୍ରଦ୍ଧାଳୁ ଯୋଗଦେବା ଫଳରେ ସେଠାରେ କରୋନା ସ୍ଥିତି ଅଣାୟତ ହୋଇପଡ଼ିଛି। ୫ ଦିନରେ ଦୁଇ ହଜାରରୁ ଅଧିକ କରୋନା ଆକ୍ରାନ୍ତ ଚିହ୍ନଟ ହେବା ମୁଣ୍ଡବ୍ୟଥାର କାରଣ ସାଜିଛି। ଏଥିରେ ଯୋଗ ଦେଇଥିବା ଶ୍ରଦ୍ଧାଳୁମାନେ ଯେତେବେଳେ ନିଜ ରାଜ୍ୟକୁ ଫେରିବେ, ସେତେବେଳେ ପରିସ୍ଥିତି ଅଧିକ ସଙ୍ଗୀନ ହେବ ବୋଲି ଅନୁମାନ କରାଯାଉଛି। ତେବେ କରୋନା ନିୟନ୍ତ୍ରଣକୁ ଦୃଷ୍ଟିରେ ରଖି କୁମ୍ଭମେଳାକୁ ବନ୍ଦ କରିଦିଆଯାଇଛି। କୁମ୍ଭମେଳାରେ ଅଂଶଗ୍ରହଣ କରି ରାଜ୍ୟକୁ ଫେରିବାକୁ ଥିବା ଶ୍ରଦ୍ଧାଳୁମାନଙ୍କ ପାଇଁ ୧୪ ଦିନ ସଙ୍ଗରୋଧ ବାଧ୍ୟତାମୂଳକ କରାଯାଇଛି। କରୋନା ସଂକ୍ରମଣ ବୃଦ୍ଧି ପାଇଁ କ୍ଷୁଦ୍ର ସମାବେଶ ଦାୟୀ ବୋଲି ପ୍ରସିଦ୍ଧ ମେଡ଼ିକାଲ ଜର୍ଣ୍ଣାଲ 'ଦ ଲାନସେଟ' ରିପୋର୍ଟରୁ ପ୍ରକାଶ। ଏହି ରିପୋର୍ଟ ଅନୁସାରେ କରୋନା ମହାମାରୀ ଆଗାମୀ ଜୁନ୍ ମାସରେ ଅତି ଭୟଙ୍କର ହେବ। ଜୁନ୍ ସୁଦ୍ଧା କରୋନା ସଂକ୍ରମଣ ଶିଖର ଛୁଇଁବ ଓ ମୃତ୍ୟୁସଂଖ୍ୟା ମଧ ବୃଦ୍ଧି ପାଇବ। ଦୈନିକ ହାରାହାରି ୨୫୦୦ ଜଣ ମୃତ୍ୟୁବରଣ କରିବେ ବୋଲି ଆଶଙ୍କା ପ୍ରକାଶ ପାଇଛି। କରୋନା ନିୟନ୍ତ୍ରଣ ପାଇଁ ସମସ୍ତ ସଭା, ସମାବେଶରେ ରୋକ ଲାଗିବା ସହିତ ପ୍ରେକ୍ଷାଳୟମାନଙ୍କରେ ଜନସମାବେଶ ଉପରେ ସମ୍ପୂର୍ଣ୍ଣ ନିଷୋଧାଦେଶ ଜାରି ହେବା ଉଚିତ। ତେଣୁ ସମସ୍ତ ଧାର୍ମିକ, ରାଜନୈତିକ ଏବଂ ସାମାଜିକ ସମାବେଶକୁ ବନ୍ଦ କରାନଗଲେ ସଂକ୍ରମଣ ଦ୍ରୁତ ଗତିରେ ବୃଦ୍ଧି ପାଇବ ବୋଲି ଅନୁମାନ କରାଯାଉଛି।

କରୋନାର ଦ୍ୱିତୀୟ ଲହରରେ ସଂକ୍ରମିତଙ୍କ ସଂଖ୍ୟା ଏତେମାତ୍ରାରେ ବୃଦ୍ଧି ପାଉଛି ଯେ, ହସ୍ପିଟାଲରେ ରୋଗୀଙ୍କ ପାଇଁ ଶଯ୍ୟା ଓ ଆଇସିୟୁର ଘୋର ଅଭାବ ଦେଖାଦେଇଛି। କରୋନାର ପ୍ରଥମ ଲହରରେ ହସ୍ପିଟାଲମାନଙ୍କରେ ଚିକିତ୍ସିତ ହେଉଥିବା ରୋଗୀ ଗୁରୁତର ହୋଇପଡ଼ିଲେ ସେମାନଙ୍କୁ ଆଇସିୟୁରେ ଭର୍ତ୍ତି କରାଯାଉଥିଲା, ମାତ୍ର ଦ୍ୱିତୀୟ ହଲରରେ କରୋନା ସଂକ୍ରମିତ ହେବା ମାତ୍ରେ ରୋଗୀ ସଙ୍ଗେ ସଙ୍ଗେ ଗୁରୁତର ହୋଇପଡୁଛି ଫଳରେ ଆଇସିୟୁରେ ଭର୍ତ୍ତି କରିବା ପାଇଁ ସଙ୍କଟ ଦେଖାଦେଇଛି। ହସ୍ପିଟାଲର ଘୋର ଅଭାବ ଦେଖାଦେବାରୁ ବର୍ତ୍ତମାନ ସଂକ୍ରମିତ ରୋଗୀମାନଙ୍କୁ ନିଜ ଘରେ ରହି ଚିକିତ୍ସିତ ହେବାକୁ ପରାମର୍ଶ ଦିଆଯାଉଛି। ସେହିଭଳି ମୃତ୍ୟୁ ସଂଖ୍ୟା ମାତ୍ରାଧିକ ବୃଦ୍ଧି ଫଳରେ ଶବଦାହ କରିବା ପାଇଁ ଶ୍ମଶାନର ଅଭାବ ଦେଖାଦେଇଛି। ଅଧିକାଂଶ ରାଜ୍ୟରେ ଶବ ସଂସ୍କାର କରିବା ପାଇଁ ୮/୧୦ ଘଣ୍ଟା ଅପେକ୍ଷା କରିବାକୁ ପଡୁଛି। କରୋନାର ଦ୍ୱିତୀୟ ଲହର କେତେ ଯେ ଭୟଙ୍କର ତାହା ସଂକ୍ରମିତ ଓ ମୃତ୍ୟୁ ସଂଖ୍ୟାରୁ ସ୍ପଷ୍ଟ ବାରି ହୋଇପଡୁଛି। ତେଣୁ ସାରା ବିଶ୍ୱରେ ଘାତକ ସାଜିଥିବା କରୋନାର ଦ୍ୱିତୀୟ ଲହରକୁ ପ୍ରତିହତ କରିବାକୁ ହେଲେ ମାସ୍କ ନିୟମିତ ପିନ୍ଧିବା, ସାନିଟାଇଜ ବ୍ୟବହାର କରିବା, ସାମାଜିକ ଦୂରତା ବଜାୟ ରଖିବା ସହ ସତର୍କ ଓ ସଚେତନ ନିହାତି ଅପରିହାର୍ଯ୍ୟ ହୋଇପଡ଼ିଛି। ନଚେତ୍ ଖୁବ୍ କମ୍ ଦିନ ମଧ୍ୟରେ ସମଗ୍ର ବିଶ୍ୱକୁ ଗ୍ରାସ କରିଦେବା ଭଳି କରୋନାର କରୁଣ ଚିତ୍ରକୁ ଏଡ଼ାଇ ଦେଇ ହେବନାହିଁ।

**ସୁବାସ କୁମାର ତାରଣିଆଁ, କଣ୍ଟି, ବାହାରଣା, ବାଲିକୁଦା, ଜଗତସିଂହପୁର, ମୋ: ୮୩୨୮୮୪୦୨୧୪**

## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଡେମୋ ପାଇଖାନାରେ ଥଣ୍ଡାପାନୀୟ ବ୍ୟବସ୍ଥା

କେନ୍ଦ୍ରାପଡା (ପିଏନ୍): କେନ୍ଦ୍ରାପଡା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ଡେମୋ ପାଇଖାନା ଗୃହରେ ସର୍ବସାଧାରଣଙ୍କ ପାଇଁ ଥଣ୍ଡା ପାନୀୟ ଜଳର ବ୍ୟବସ୍ଥା ହୋଇଥିଲା। ଯାହାକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇବା ସହ ସେ ସମ୍ପର୍କରେ ଖବର ପ୍ରକାଶ ପାଇବା ପରେ ସେଠାରୁ ସଂପୃକ୍ତ ପ୍ରକଳ୍ପଟିକୁ ଉଠାଇ ନିଆଯାଇଥିବା ଦେଖାଯାଇଛି। ସବୁଠୁ ଆଶ୍ଚର୍ଯ୍ୟର କଥା ହେଉଛି ସେହି ଥଣ୍ଡା ପାନୀୟ ବ୍ୟବସ୍ଥାକୁ ନିକଟରେ ଥିବା ଏକ ଡ୍ରେନରୁ ପାଣି ପାଇପ ସଂଯୋଗ



କରାଯାଇଥିବା ଯୋଗୁଁ ସେଠାରୁ ପାଣି ପିଇ ଲୋକମାନେ ଭବିଷ୍ୟତରେ ବିଭିନ୍ନ ରୋଗରେ ଆକ୍ରାନ୍ତ ହେବାର ଆଶଙ୍କା ସୃଷ୍ଟି ହୋଇଥିଲା। ତେଣୁ ସେହି ବ୍ୟବସ୍ଥାର ତୁରନ୍ତ ପରିବର୍ତ୍ତନ ସହ ସଂପୃକ୍ତ ପ୍ରକଳ୍ପଟିକୁ ଅନ୍ୟତ୍ର ସ୍ଥାନାନ୍ତର କରାଯିବାକୁ ଦାବି ହୋଇଥିଲା। ତେଣୁ ଜିଲ୍ଲା ପ୍ରଶାସନ ଶେଷରେ ପ୍ରକଳ୍ପଟିକୁ ସେଠାରୁ ଉଠାଇ ନେଇଥିବା ବେଳେ ଖୁବଶୀଘ୍ର ଅନ୍ୟତ୍ର ସ୍ଥାପନା କରାଯିବ ବୋଲି ସୂଚନା ମିଳିଛି।

## ଉତ୍କଳଗୌରବ ମଧୁବାବୁଙ୍କ ଜୟନ୍ତୀ ପାଳିତ



ଭୁବନେଶ୍ୱର (ପିଏନ୍): ଓଡିଶା ପ୍ରଦେଶ ଗଠନର ମୁଖ୍ୟ କର୍ଣ୍ଣଧାର, ଉତ୍କଳ ସମ୍ମିଳନୀର ପ୍ରାଣପ୍ରତିଷ୍ଠାତା ଉତ୍କଳଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ଅବସରରେ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଛି। ଏହି ମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ଉତ୍କଳ ସମ୍ମିଳନୀ ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ଶାଖା ସଭାପତି ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା ସଭାପତିତ୍ୱ କରି ମଧୁବାବୁ କେବଳ ଉତ୍କଳ ଗୌରବ ନୁହଁନ୍ତି ସେ ହେଉଛନ୍ତି ଭାରତଗୌରବ ବୋଲି କହିବା ସହିତ ତାଙ୍କ ପ୍ରତିମୂର୍ତ୍ତି ସଂସଦ ଭବନ ପରିସରରେ ପ୍ରତିଷ୍ଠା ପାଇଁ ଦାବି କରିଥିଲେ। ମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ଯୁଗ୍ମ-ସଂପାଦକ ସିଦ୍ଧାର୍ଥ ଶଙ୍କର ଗଡନାୟକ, ବାସନ୍ତୀ ତ୍ରିପାଠୀ, ଗୋପୀମୋହନ ପଟ୍ଟନାୟକ, ଅକ୍ଷୟ କୁମାର ଜେଠୀ, ସମରଂଜନ ମହାନ୍ତି, ନିଳମଣୀ ମିଶ୍ର ଓ ସୁଦର୍ଶନ ପ୍ରଧାନ ପ୍ରମୁଖ କୋଭିଡ କଟକଣା ମାନି ଉପସ୍ଥିତ ରହିବା ସହିତ ବରପୁତ୍ରଙ୍କୁ ଶ୍ରଦ୍ଧାଂଜଳି ଜ୍ଞାପନ କରିଥିଲେ।

## ମନୋଜ ଦାସଙ୍କ ବିୟୋଗରେ ସିପିଆଇର ଶୋକ ପ୍ରକାଶ

ଭୁବନେଶ୍ୱର (ପିଏନ୍): ଆନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଲେଖକ, ପଦ୍ମଭୂଷଣ ଡଃ ମନୋଜ ଦାସଙ୍କ ବିୟୋଗରେ ସିପିଆଇର ଓଡ଼ିଶା ରାଜ୍ୟ ପରିଷଦ ଗଭୀର ଶୋକ ପ୍ରକାଶ କରିଛି। ସେ ଥିଲେ ଛାତ୍ର ଜୀବନରେ ଆନ୍ତର୍ଜାତୀୟ ସ୍ତରରେ ଛାତ୍ରସଂଘକୁ ପ୍ରତିନିଧିତ୍ୱ କରିଥିବା ଛାତ୍ରନେତା ଏବଂ ପରବର୍ତ୍ତୀ ସମୟରେ ଓଡ଼ିଆ ଭାଷା ଓ ସାହିତ୍ୟର ସ୍ୱର୍ଦ୍ଧିତ ସ୍ୱର। ତାଙ୍କ ବିୟୋଗରେ ଓଡ଼ିଆ ସାହିତ୍ୟ ଆକାଶରୁ ଏକ ଉଜ୍ଜ୍ୱଳ ନକ୍ଷତ୍ର ଅସ୍ତମିତ ହୋଇଗଲା ଏବଂ ଉତ୍କଳ ଜନନୀ ଜଣେ ବିଶିଷ୍ଟ ଚିନ୍ତାନାୟକ ଓ ମହାନ୍ ସାରସ୍ୱତ ସାଧକଙ୍କୁ ହରାଇଲା। ଓଡ଼ିଶା ପାଇଁ ଏହା ଏକ ଅପୂରଣୀୟ କ୍ଷତି।

## ତ୍ୟାଗ ଓ ସେବାର ପ୍ରତୀକ ଥିଲେ ଗୋପବନ୍ଧୁ ଚୌଧୁରୀ



ଜଗତସିଂହପୁର (ପିଏନ୍): ଜଗତସିଂହପୁର ସାରସ୍ୱତ ପରିଷଦ ପକ୍ଷରୁ ଆଜି ସଂଗ୍ରାମୀ ଗୋପବନ୍ଧୁ ଚୌଧୁରୀଙ୍କ ୬୩ତମ ଶ୍ରାଦ୍ଧୋତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ ଡାକବଙ୍ଗଳା ଛକସ୍ଥିତ ଗୋପବନ୍ଧୁ ଚୌଧୁରୀଙ୍କ ପ୍ରତିମୂର୍ତ୍ତିରେ ପରିଷଦ ପକ୍ଷରୁ ମାଲ୍ୟାର୍ପଣ କରାଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ପରେ ପରିଷଦ ପକ୍ଷରୁ ଏକ ଶ୍ରଦ୍ଧାଞ୍ଜଳି ସଭା ଆୟୋଜିତ ହୋଇଥିଲା। ପରିଷଦର ସଭାପତି ଅଧ୍ୟାପକ ହିମାଂଶୁ ଆଚାର୍ଯ୍ୟ ଏଥିରେ ଅଧକ୍ଷତା କରି ସ୍ୱର୍ଗତଃ ଗୋପବନ୍ଧୁ ଚୌଧୁରୀ ତ୍ୟାଗ ଓ ସେବାର ପ୍ରତୀକ ଥିଲେ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ ଧରଣୀଧର ପ୍ରଧାନ ଆଲୋଚନାରେ ଅଂଶଗ୍ରହଣ କରି ଗୋପବନ୍ଧୁ ଚୌଧୁରୀଙ୍କ ଜୀବନାଦର୍ଶରେ ଉତ୍ତର ପିଢିର ଦାୟାଦମାନେ ଅନୁପ୍ରାଣିତ ହେବାକୁ ମତ ଦେଇଥିଲେ। ଏହି ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମରେ ବିଜୟ କୁମାର ଲେଙ୍କା, ଯୋଗଜନ୍ମା ଚାନ୍ଦ, ଛାତ୍ରୀ ସୋନାଲି ବେହେରା, ନିରୁପମା ରାଉତ, ସରୋଜିନୀ ସାମଲ, ଉପସ୍ଥିତ ଥିଲେ। ଶେଷରେ ଧନେଶ୍ୱର ବେହେରା ଧନ୍ୟବାଦ ଦେଇଥିଲେ।

## ଧର୍ମପରାୟଣା ମହିଳାଙ୍କ ହୃଦ୍‌ଘାତରେ ପରଲୋକ



ଆନନ୍ଦପୁର (ପିଏନ୍): ଆନନ୍ଦପୁର ପୌରପରିଷଦର ୪ନଂ ୱାର୍ଡ ନନ୍ଦିସାହିର ଜନୈକ ଧର୍ମପରାୟଣ ମହିଳାଙ୍କ ଗତ ୨୩ତାରିଖ ସନ୍ଧ୍ୟା ସମୟରେ ହୃଦଘାତରେ ପରଲୋକ ଘଟିଥିବା ଜଣାପଡିଛି। ନନ୍ଦିସାହିର ୪ଇଂ ସାରଙ୍ଗଧର ଲକ୍ଷ୍ମଣଙ୍କ ଧର୍ମପତ୍ନୀ ପ୍ରେମଲତା ଲକ୍ଷବଛ (୭୭)ନିଜ ବାସଭବନରେ ସ୍ୱଭାବିକ ଭାବେ ପରିବାର ସଦସ୍ୟଙ୍କ ସହିତ ଜୀବନଯାପନ କରି ଆସୁଥିବା ବେଳେ ୨୩ତାରିଖ ସନ୍ଧ୍ୟା ସମୟରେ ହଠାତ୍ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ଘଟଣାସ୍ଥଳରେ ତାଙ୍କର ଦୃଦ୍‌ଘାତରେ ପରୋଲକ ହୋଇଯାଇଥିଲା। ସେ ଜଣେ ପରୋପକାରୀ, ମିଷ୍ଟଭାଷୀ ଓ ଧର୍ମପରାୟଣ ମହିଳା ଭାବେ ସାହିରେ ବେଶ୍ ପରିଚିତ ଥିବାବେଳେ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ପରମ ଭକ୍ତ ଥିଲେ। ତାଙ୍କର ପରଲୋକ ଖବର ଶୁଣି ବହୁ ମାନ୍ୟଗଣ୍ୟ ବ୍ୟକ୍ତି ନନ୍ଦିସାହିର ଗୁରୁ ନିବାସ ବାସଭବନକୁ ଯାଇ ଶେଷ ଦର୍ଶନ କରିବା ସହ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ। ତାଙ୍କର ମୃତ୍ୟୁଶଯ୍ୟା ନିକଟରେ ଦୁଇ ପୁତ୍ର ବାପୁ, ବବି, ପୁତ୍ରବଧୁ , ଦୁଇଝିଅ ସୁପ୍ରିୟା ଓ ସୁପ୍ରିତ, ନାତିନାତୁଣୀ ଉପସ୍ଥିତ ରହିଥିବା ବେଳେ ଶନିବାର ଦିନ ତାଙ୍କ ମରଶରୀରକୁ ଶୋଭାଯାତ୍ରାରେ ନିଆଯାଇ ପୂଣ୍ୟତୋୟା ବୈତରଣୀ ନଦୀକୂଳରେ ସତ୍କାର କରାଯାଇଥିଲା। ତାଙ୍କର ସାନପୁଅ ବବି ମୁଖାଗ୍ନି ଦେଇଥିଲେ।

## କୋଳିମାଟିରେ ମନରେଗା ଯୋଜନା ବାଟବଣା



ଆନନ୍ଦପୁର (ପିଏନ୍): କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବ୍ଲକର ଆଦିବାସୀ ଅଂଚଳରେ ସରକାରଙ୍କ ବିଭିନ୍ନ ଯୋଜନା ହରିଲୁଟ୍ ହେଉଥିବାର ଜ୍ୱଳନ୍ତ ଉଦାହରଣ କୋଳିମାଟି ପଂଚାୟତରେ ଦେଖିବାକୁ ମିଳିଛି। ପଂଚାୟତର କନ୍ତୋ ଗାଁରେ ଏକ ଖେଳ ପଡିଆର ବିକାଶ ଲାଗି ଆସିଥିବା ପ୍ରାୟ ୫ଲକ୍ଷ ଟଙ୍କାର ସରକାରୀ ଅନୁଦାନ ମାତ୍ର ଗୋଟିଏ ଦିନ ମେସିନ୍ ଲଗାଇ ନଦୀପଠା ସମତୁଲ କରାଯାଇ ଏହି ଅର୍ଥକୁ ଉଠାଇ ନିଆଯାଇଥିବା ଗୁରୁତର ଅଭିଯୋଗ ହୋଇଛି। କେନ୍ଦ୍ର ସରକାରଙ୍କ ଆର୍ଥିକ ଅନୁଦାନରେ ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ସ୍ଥାନୀୟ ଶ୍ରମଜୀବୀ ଓ ଦିନମଜୁରିଆମାନଙ୍କୁ ନିୟୋଜିତ କରି ଶ୍ରମ ଦିବସ ସୃଷ୍ଟି କରିବା ଲାଗି ଲକ୍ଷ ଧାର୍ଯ୍ୟ କରାଯାଇଛି। ମାତ୍ର ଗୋଟିଏ ଦିନ ମେସିନ୍ ଲଗାଇ ଏହି କାର୍ଯ୍ୟକୁ ଶେଷ କରାଯାଇଛି। ମୂଷଳ ନଦୀପଠାକୁ ସମତୁଲ କରାଯାଇ ଯେଉଁ ଖେଳ ପଡିଆର ରୂପ ଦିଆଯାଇଛି ତାହା ମୂଷଳ ନଦୀର ସାମାନ୍ୟ ବନ୍ୟାରେ ଜଳାର୍ଣ୍ଣବ ହେବା ଆଶଙ୍କା ସୃଷ୍ଟି ହୋଇଛି। ୨୦୨୦-୨୧ ଆର୍ଥିକ ବର୍ଷ ଲାଗି ଆସିଥିବା ଏହି ସରକାରୀ ଅନୁଦାନ ପାଇଁ ଯେଉଁ ମୋଷ୍ଟର ରୋଲ ପ୍ରସ୍ତୁତ କରାଯାଇଛି ସେଥିରେ ସ୍ଥାନୀୟ ଶ୍ରମଜୀବୀମାନଙ୍କ ନାମ ଥିଲେ ମଧ ସେମାନେ ଉକ୍ତ କାର୍ଯ୍ୟ ସମ୍ପର୍କରେ ଜାଣିନଥିବା ପ୍ରକାଶ କରିଛନ୍ତି। ଅନ୍ୟ ପକ୍ଷରେ କନ୍ତୋ ଗାଁରେ ପଡିଆ ଲାଗି ଉଦ୍ଦିଷ୍ଟ ଅନେକ ସ୍ଥାନ ଥିବାବେଳେ ନଦୀପଠାରେ ଖେଳ ପଡିଆ କରାଯିବାରୁ ସଚେତନ ଯୁବକମାନେ ବିରୋଧ କରିଥିଲେ ମଧ ବଳପୂର୍ବକ ଉକ୍ତ କାର୍ଯ୍ୟ ଶେଷ କରିଦିଆଯାଇଥିବା ଅଭିଯୋଗ ହୋଇଛି। ଏ ନେଇ ଆନନ୍ଦପୁର ବିଡିଓ ପଞ୍ଚାନନ ମଲ୍ଲିକଙ୍କୁ ଯୋଗାଯୋଗ କରିବାରୁ ଅଂଚଳବାସୀଙ୍କ ବିରୋଧ ସତ୍ତ୍ୱେ ଯଦି ଉକ୍ତ କାର୍ଯ୍ୟ ହୋଇଥାଏ ତେବେ ଏହାର ତଦନ୍ତ କରାଯାଇ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରକାଶ କରିଛନ୍ତି।

## ହରିଣ ଛୁଆ ଉଦ୍ଧାର ପରେ ବନ ବିଭାଗକୁ ହସ୍ତାନ୍ତର



ଆନନ୍ଦପୁର (ପିଏନ୍): ଆନନ୍ଦପୁର ବନଖଣ୍ଡ ଅଧିନରେ ଥିବା ଅଟେଇ ସଂରକ୍ଷିତ ଜଙ୍ଗଲ ମଧ୍ୟରେ ଅବାଧରେ ଶିକାରୀ କୁକୁର ପ୍ରବେଶ କରି ସଂଘବଦ୍ଧ ହୋଇ ଏକ ହରିଣକୁ ଆକ୍ରମଣ କରି ଖଣ୍ଡିଆ ଖାବରା କରିଥିବା ବେଳେ କିଛିଦିନ ହେଲା ଅନେକ ହରିଣ ଆକ୍ରମଣରେ ପ୍ରାଣ ହରାଇଥିବା ସହ ଆହତ ମଧ ହୋଇଛନ୍ତି। ସେହିପରି ଅନେକ ଭୟଭୀତ ହରିଣ ଗ୍ରାମାଭିମୁଖୀ ହେଉଥିବା ଦେଖିବାକୁ ମିଳିଛି। ଗତ ଶୁକ୍ରବାର ସକାଳ ସମୟରେ କୁକୁର ହାବୁଡରେ ପଡି ଏକ ହରିଣ ଛୁଆ ପଣଡିହା ପଂଚାୟତର ଜାଳି ଗାଁକୁ ପଶି ଆସିଥିଲା। ଗ୍ରାମବାସୀ ହରିଣକୁ ଉଦ୍ଧାର କରିବା ସହିତ ବନବିଭାଗକୁ ଖବର ଦେଇଥିଲେ। ବନବିଭାଗ କର୍ମଚାରୀ ସେଠାରେ ପହଂଚିବା ପରେ ଗ୍ରାମବାସୀ ହରିଣକୁ ହସ୍ତାନ୍ତର କରିବା ପରେ ବନବିଭାଗ ହରିଣର ସ୍ୱାସ୍ଥ୍ୟ ପରୀକ୍ଷା କରି ସ୍ଥାନୀୟ ଜଙ୍ଗଲରେ ଛାଡି ଦେଇଥିବା ଜଣାପଡିଛି। ଗ୍ରୀଷ୍ମ ଋତୁ ଆରମ୍ଭରୁ ଜଙ୍ଗଲ ମଧ୍ୟରେ ଶିକାରୀଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଇଥିବାରୁ ହରିଣ ବଂଶ ଅସୁରକ୍ଷିତ ହେବା ସହିତ କୁକୁରଙ୍କ ଗତିବିଧି ଉପରେ ନଜର ରଖିବାକୁ ଅଧିକ ସଂଖ୍ୟକ ସୁରକ୍ଷା କର୍ମୀ ନିଯୁକ୍ତି କରିବାକୁ ଗ୍ରାମବାସୀ ଆନନ୍ଦପୁର ଡିଏଫ୍‌ଓଙ୍କ ନିକଟରେ ଦାବି କରିଛନ୍ତି।

## ଘଟଗାଁରେ ଗୋଟିଏ ଦିନରେ ୩୬ ପଜିଟିଭ୍, ଚିନ୍ତା ବଢାଉଛି ବାଲିପୋଖରୀ ଓ ବାଟହରିଚନ୍ଦନପୁର

ଗୋଲାବନ୍ଧ (ପିଏନ୍): ଗତ ୨୪ ଘଣ୍ଟା ମଧ୍ୟରେ ଘଟଗାଁ ବ୍ଲକରେ କରୋନା ନିଜର ଭୟାବହ କାୟା ବିସ୍ତାର କରିବାରେ ଲାଗିଛି। ଗୋଟିଏ ଦିନରେ ୩୬ପଜିଟିଭ୍ ଚିହ୍ନଟ ହେବାସହ ବାଲିପୋଖରୀ ଗ୍ରାମପଂଚାୟତ ଏବେ ନୂଆ ହଟସ୍ପଟ ଭାବେ ଆତଙ୍କ ସୃଷ୍ଟି କରିଛି। ଏ ଯାବତ ଗତ ୪ ଦିନରେ ଏହି ପଂଚାୟତରୁ ୩୨ଜଣ ଆକ୍ରାନ୍ତ ଚିହ୍ନଟ ହେବା ବ୍ଲକ ପ୍ରଶାସନର ମୁଣ୍ଡବ୍ୟଥାର କାରଣ ସାଜିଛି। ଗଦାଧରପୁର ପଂଚାୟତର ବାଟହରିଚନ୍ଦନପୁର ଗ୍ରାମରୁ ୧୨ଜଣ ଆକ୍ରାନ୍ତ ହୋଇଥିବାରୁ ଏହା ନିଶ୍ଚିତ ଚିନ୍ତା ବଢାଇ ଦେଇଛି। ବାଲିପୋଖରୀ ପଂଚାୟତରୁ ୧୮ଜଣ ଆକ୍ରାନ୍ତ ଚିହ୍ନଟ ହେବା ପରେ ସେମାନଙ୍କର ସବିଶେଷ କଣ୍ଟାକ୍ଟ ଟ୍ରେସିଂ ହେବାସହ ଆବଶ୍ୟକ ଔଷଧ ଏବଂ ସ୍ୱାସ୍ଥ୍ୟ ପରାମର୍ଶ ପ୍ରଦାନ କରାଯାଇଛି। ସତର୍କତା ମୂଳକ ପଦକ୍ଷେପ ସ୍ୱରୂପ ଘଟଗାଁ ଏବିଡିଓ ଚିତ୍ତରଂଜନ ନାୟକ, ପୋଲିସ୍ ସବ୍‌ଇନ୍ସପେକ୍ଟର ମାନସ ବେହେରା ଦଳବଳ ନେଇ ଉକ୍ତ ଅଂଚଳ ଗସ୍ତ କରିଥିଲେ ଓ ଅମାନିଆଙ୍କୁ ତାଗିଦ କରିବା ସହ ପରିସ୍ଥିତି ସମୀକ୍ଷା କରିଥିଲେ। ବାଲିପୋଖରୀ ପଂଚାୟତର ସରପଂଚ ମନୋରଂଜନ ନାୟକ, ନିର୍ବାହୀ ଅଧିକାରୀ ପ୍ରଶାନ୍ତ ରାଉତ ଓ ଜିଆରଏସ୍ କେଶବାନନ୍ଦ ବାରିକ ଘଟଣା ସ୍ଥଳରେ ଉପସ୍ଥିତ ରହି ସହଯୋଗ କରିଥିଲେ। ପରେ ପରେ ପ୍ରଶାସନର ନିଷ୍ପତ୍ତି ଅନୁଯାୟୀ ହାତୀନୋଟା ଗାଁର ମୁଣ୍ଡାସାହି, ଶଗଡପଡା ଗାଁର ବାଲିସାହି ଓ ମହାନ୍ତସାହି ଏବଂ ଟାଙ୍ଗରତଳି ଗାଁର ପାତ୍ରସାହି ଅଂଚଳକୁ ଆବଦ୍ଧ ଅଂଚଳ ଭାବେ ଘୋଷଣା କରାଯାଇ ବିଧିବଦ୍ଧ ପ୍ରକ୍ରିୟା ଆରମ୍ଭ କରାଯାଇଛି। ସ୍ୱାସ୍ଥ୍ୟ ବିଭାଗ ତରଫରୁ ଡାକ୍ତର ମୁକ୍ତିକାନ୍ତ ନାୟକ ଆକ୍ରାନ୍ତଙ୍କ ସ୍ୱାସ୍ଥ୍ୟ ଅବସ୍ଥା ତଦାରଖ କରିବା ପାଇଁ ଏକ ସ୍ୱତନ୍ତ୍ର ଟିମ୍‌ର ବ୍ୟବସ୍ଥା କରିଥିବା ଜଣାପଡିଛି।

## ସାଇଁକୂଳ ପଂଚାୟତରେ ବିଶୋଧନ ସିଞ୍ଚନ

ଆନନ୍ଦପୁର (ପିଏନ୍): ଘଷିପୁରା ବ୍ଲକ ଅନ୍ତର୍ଗତ ସାଇଁକୁଳ ପଂଚାୟତରେ ଏକାଧିକ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ସଂକ୍ରମଣକୁ ରୋକିବା ପାଇଁ ପଂଚାୟତର ବିଭିନ୍ନ ସ୍ଥାନରେ ବିଶୋଧନ ସିଞ୍ଚନ କରାଯାଇଛି। ସରପଂଚ ବିଭାଷ ଚନ୍ଦ୍ର ନାୟକଙ୍କ ତତ୍ତ୍ୱାବଧାନରେ ଘଷିପୁରା ଦମକଳ ବାହିନୀ ତରଫରୁ ଓମ୍ ପ୍ରକାଶ ସ୍ୱାଇଁଙ୍କ ନେତୃତ୍ୱରେ ଆରଏମସି ପରିସରରେ ଥିବା ମୂର୍ତ୍ତି କାରଖାନା, ସାଇଁକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ପତିତପାବନ ମହାବିଦ୍ୟାଳୟ ଗୃହକୁ ରାସାୟନିକ ବିଶୋଧନ ଜରିଆରେ ମହାବିଦ୍ୟାଳୟର ଅଧକ୍ଷ ରାଜେନ୍ଦ୍ର ରାଉତ, ସାଇକୁଳ ମେଡିକାଲର ସୁପରିଣ୍ଟେଣ୍ଡେଣ୍ଟ ରଂଜିବ ରାଉତ, ଡାକ୍ତର ସୁଚରିତା ପଟ୍ଟନାୟକ, ବିପିଏମ୍ ଶୁଭେନ୍ଦୁ ପୁହାଣ, ଏଲଟି ପ୍ରିତିରଂଜନ ଚକ୍ର, ଫାର୍ମାସିଷ୍ଟ କବିନ୍ଦ୍ର ସାହୁ ଓ ସମସ୍ତ କର୍ମଚାରୀ ଏଥିରେ ସହଯୋଗ କରିଥିଲେ। ସରପଂଚ ବିଭାଷ ଚନ୍ଦ୍ର ନାୟକ ପଂଚାୟତର ବିଭିନ୍ନ ସ୍ଥାନ ବୁଲି ବୁଲି ଲୋକଙ୍କୁ ସଚେତନ କରାଇଛନ୍ତି। ସାମାଜିକ ଦୂରତା ରକ୍ଷା ଓ ମାସ୍କ ଲଗାଇ ବ୍ୟବସାୟ କରିବା ପାଇଁ ବ୍ୟବସାୟୀଙ୍କୁ ଅନୁରୋଧ କରିଛନ୍ତି।




# ଫିରିଙ୍ଗିଆ ବ୍ଲକଅଂଚଳରେ ମହୁଲ ଅଭାବି ବିକ୍ରି : ଶୋଷଣର ଶିକାର ମହୁଲ ସଂଗ୍ରହକାରୀ ଗ୍ରାମାଂଚଳ ଲୋକେ

କନ୍ଧମାଳ: ଓଡିଶା ମାନଚିତ୍ରରେ କନ୍ଧମାଳ ଜିଲ୍ଲାର ଏକ ସ୍ୱତନ୍ତ୍ର ପରିଚୟ ରହିଛି । ଜିଲ୍ଲା ଏକ ଆଦିବାସୀ ଅଧିସୂଚିତ ଜିଲ୍ଲା ହୋଇଥିବା ବେଳେ ଜିଲ୍ଲାର କୋଣ ଅଣୁକୋଣରେ ବିଶେଷତଃ ଏଠିକାର ଅଧିବାସୀ ବର୍ଷ ତମାମ ଜଙ୍ଗଲ ଜାତ ଦ୍ରବ୍ୟ ଉପରେ ନିର୍ଭର କରି ନିଜ ପରିବାର ପାରିପୋଷଣ କରିଥାନ୍ତି । ତେବେ ବର୍ତମାନ ଦେଖିବାକୁ ଗଲେ ମହୁଲ ଏକ ଅର୍ଥକାରୀ ଲଘୁବନ ଜାତ ଦ୍ରବ୍ୟ ହୋଇଥିବା ରୁ ବର୍ଷତ ତିନି ସାମ ଏଠିକାର ଅଦ୍ଵବାସୀ ମାନେ ଜଙ୍ଗଲରୁ ମହୁଲ ସଂଗ୍ରହ କରି ନିଜର ଗୁଜୁରାଣ ମେଣ୍ଟାଇ ଥାଆନ୍ତି । କିନ୍ତୁ ସରକାରୀ ଅବହେଳା ଓ ପ୍ରଚାର ପ୍ରସାର ଅଭାବରୁ ଏଠିକାର ଆଦିବାସୀ ମହୁଲ ସଂଗ୍ରହକାରୀ ମାନେ ସରକାରୀ ସ୍ତରରେ ଏହି ମହୁଲ ଫୁଲର ଧାର୍ଯ୍ୟ ମୂଲ୍ୟ ଜାଣିପାରୁନଥିବାରୁ ଉଚିତ ମୂଲ୍ୟ ପାଇ ପାରୁ ନାହାଁନ୍ତି । ଏହାର ଫାଇଦା ଉଠାଉଛନ୍ତି ଅଂଚଳର ଅସାଧୁ ମହୁଲ ବ୍ୟବସାୟୀ ମାନେ । ଏମିତି ଦୃଶ୍ୟ ଦେଖିବାକୁ ମିଳିଛି କନ୍ଧମାଳ ଜିଲ୍ଲାର ଦ୍ୱିତୀୟ ବୃହତମ ବ୍ଲକ ଭାବରେ ଜଣାଶୁଣା ଫିରିଙ୍ଗିଆ ବ୍ଲକର ବିଭିନ୍ନ ଗ୍ରାମାଂଚଳ ମାନଙ୍କରେ । ବଣପାହାଡ ଘେରା କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକର ଅଧିକାଂଶ ଆଦସିବାସୀ ପରିବାର ଜଙ୍ଗଲ ଜାତ ଦ୍ରବ୍ୟ ସଂଗ୍ରହ କାରି ତାକୁ ବଜାର ରେ ବିକ୍ରିବଟା କରି ନିଜନିଜ ପରିବାର ପରିପୋଷଣ କରିଥାନ୍ତି । କିନ୍ତୁ ଗତ ବର୍ଷେ ହେଲା ଏହି ମହାମାରି କୋରେନା ପାଇଁ ଏହି ଆଦିବାସୀ ପରିବାର ଗୁଡିକ ଏହି ସବୁ ବନଜାତ ଦ୍ରବ୍ୟ ବିକ୍ରି କରିନପାରି ବହୁ ସମସ୍ୟା ରେ ଜୀବନଜାପନ କରୁଛନ୍ତି । ବର୍ଷବର୍ଷ ଧରି ଜଙ୍ଗଲ ରୁ ଏହି ଆଦିବସୀ ପରିବାର ର ସଦସ୍ୟ ମାନେ ପ୍ରତ୍ୟହ ବିଭିନ୍ନ ପ୍ରକାର ଜଙ୍ଗଲ ଜାତ ଦ୍ରବ୍ୟ ସଂଗ୍ରହ କରି ଜୀବିକା ନିର୍ବାହ କରୁଥିବା ବେଳେ ବର୍ତମାନ ମହୁଲ ଫୁଲ ସଂଗ୍ରହ କରି ଦୁଇପାସା ରୋଜଗାର କରିବାର ସମୟ । କିନ୍ତୁ ଏହି କୋରେନା ମାଡ ଏବେ ଏହି ଜଙ୍ଗଲି ଆଦିବାସୀ ଙ୍କ ମେରୁଦଣ୍ଡ ଭାଙ୍ଗି ଦେଇଛି । ତେବେ ଏହି କେରେନା ପ୍ରଭାବ ସିଧାସଳଖ ମହୁଲ ଫୁଲ ସଂଗ୍ରହ ଉପରେ ପଡିଛି । ଏହା ଉପରେ ନିର୍ଭର କରୁଥିବା ଅଂଚଳର ହଜାରହଜାର ଅଧିବାସୀଙ୍କ ଜୀବନ ଜୀବିକା ଏବେ ବିପନ୍ନ ହୋଇପଡିଛି । ସମଗ୍ର ଜିଲ୍ଲାରେ ସମୁଦାୟ ୧୦ ହଜାର ରୁ ଉର୍ଦ୍ଧ ଦଳିତ ଓ ଆଦିବାସୀ ପରିବାର ଏହି ମହୁଲ ଫୁଲ ସଂଗ୍ରହ କରି ନିଜର ଜିବିକା ନିର୍ବାହ କରିଆସୁଥିବା ବେଳେ ସେଥିମଧ୍ୟରୁ କେବଳ ଏହି ଫିରିଙ୍ଗିଆ ବ୍ଲକରେ ଚାରି ହଜାର ରୁ ଅଧିକ ଦଳିତ ଓ ଆଦିବାସୀ ପରିବାର ଏହି ମହୁଲ ଫୁଲ ଉପରେ ଭରସା କରି ଜୀବନ ଜିବିକା ନିର୍ବାହ କରିଥାନ୍ତି । ତେବେ ମହିଳା ମାନେ ଭୋର ରୁ ଉଠି ନିକଟସ୍ତ ଜଙ୍ଗଲକୁ ଯାଇ ମହୁଲ ଫୁଲ ସଂଗ୍ରହ କରିଥାନ୍ତି । ଫୁଲକୁ ଭଲଭାବରେ ସୁଖାଇବା ପରେ ବଜାରରେ ବ୍ୟବସାୟୀ ମାନଙ୍କୁ ବିକ୍ରି କରିଥାନ୍ତି । ମହୁଲ ଫୁଲ କିଲୋପିଛା ୨୫ ରୁ ୩୦ ଟଙ୍କାରେ ବିକ୍ରି ହୋଇଥାଏ । ଏହା ଏକ ଲଘୁବନଜାତ ଦ୍ରବ୍ୟ ହୋଇଥିବାରୁ ସରକାରଙ୍କ ତରଫରୁ ଏହି ମହୁଲ ଫୁଲର ମୂଲ୍ୟ ମଧ୍ୟ ଧାର୍ଯ୍ୟ କରାଯାଇଥାଏ । ତେବେ ଫିରିଙ୍ଗିଆ ଅଂଚଳର କିଛି ଅସାଧୁ ମହୁଲ ଫୁଲ ବ୍ୟବସାୟୀ ଏହାର ଫାଇଦା ନେଇ ବହୁ କମ ଦ୍ଵମରେ ଏହି ମହୁଲ ଫୁଲକୁ କିଣୁଥିବା ଅଭିଯୋଗ ହୋଇଛି । ତେବେ ଏପ୍ରିଲ ଓ ମେ ମାସରେ ଏହି ଗରିବ ଆଦିବାସୀ ମହିଳା ମାନେ ଏହି ମହୁଲ ଫୁଲ ସଂଗ୍ରହ କରି ୨ ରୁ ୫ ହଜାର ଟଙ୍କା ରୋଜଗାର କରିଥାନ୍ତି । ଏହି ସମୟରେ ପିଲାମାନଙ୍କ ର ସମସ୍ତ ପରିକ୍ଷା ସରିଯାଉଥିବା ବେଳେ ମା ମାନଙ୍କ ସହ ପିଲା ମାନେ ମଧ୍ୟ ଏହି ମହୁଲ ସଂଗ୍ରହ ରେ ସାହାଜ୍ୟ କରିଥାନ୍ତି । ମହୁଲ ଫୁଲ ଏକ ଲଘୁବନଜାତ ଦ୍ରବ୍ୟ ହୋଇଥିବା ବେଳେ ଏହି ମହୁଲ ଫୁଲର ଦର ସରକାରୀ ସ୍ତରରେ ନିର୍ଦ୍ଧାରତ କରାଯାଇଥାଏ । କିନ୍ତୁ କନ୍ଧମାଳ ଜିଲ୍ଲା ରେ ଏହି ମହୁଲ ଫୁଲର ମୂଲ୍ୟ ଧାର୍ଯ୍ୟ କରାଯାଉଛି କି ନାହିଁ ତାହା ମହୁଲ ଗୋଟାଳି ମାନଙ୍କ ପାଖରେ ପହଂଚି ପାରୁନାହିଁ । ଅନ୍ୟପଟେ ସରକାରୀ ସ୍ତର ରେ ପ୍ରଚାର ପ୍ରଶାସର ଅଭାବରୁ ମହୁଲ ଗୋଟାଳି ମାନେ ମହୁଲ ର ନିର୍ଦ୍ଧାରିତ ମୂଲ୍ୟ ଜାଣି ପାରୁନଥିବା ବେଳେ ଏହାର ଫାଇଦା ନେଉଛନ୍ତି ଅଂଚଳର କିଛି ଅସାଧୁ ମହୁଲ ବ୍ୟବାସାୟୀ ମାନେ । ଏହି ଅସାଧୁ ବ୍ୟବସାୟୀ ମାନଙ୍କ ଉପରେ ମଧ୍ୟ ପ୍ରଶାସନ ନଜର ଦେଉନଥିବା ବେଳେ ଏହି ଫିରିଙ୍ଗିଆ ବ୍ଲକ ରେ ଏବେ ଗାଁ ଗାଁ ରେ ଅନେକ ମହୁଲ ବ୍ୟବସାୟି ମାନେ ରାଜ କରୁଛନ୍ତି । ତେବେ ବର୍ତମାନ କୋରେନା କଟକଣା ଯୋଗୁଁ ଅନଚଳର ହଜାରହଜାର ମହୁଲ ଫୁଲ ଗୋଟାଳି କ୍ଷତିଗ୍ରସ୍ତ ହୋଇଛନ୍ତି ।ତେବେ ଆଗାମି ଦିନରେ ପ୍ରଶାସନିକ ସ୍ତରରେ ଏହି ମହୁଲ ଫୁଲ ର ଦର ନିର୍ଦ୍ଧାରଣ କରିବା ସହ ମହୁଲ ଫୁଲ ବିକ୍ରି ବଟାର ବ୍ୟବସ୍ତା କରିବା ସହ ଗୋଟାଳି ମାନଙ୍କ ଠାରୁ ପ୍ରଶସାନ ସିଧାସଳଖ ଏହି ମହୁଲ ଫୁଲ କିଣି ଲେ ଏବଂ ଅନଚଳ ରେ ରାଜ କରି ଗୋଟାଳି ମାନଙ୍କୁ ଠକିଚାଲିଥିବା ଅସାଧୁ ମହୁଲ ବ୍ୟବସାୟୀ ମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ଅନଚଳର ମହୁଲ ଫୁଲ ଗୋଟାଳି ମାନେ ବେସ ଦୁଇ ପଇସା ରୋଜଗାରକରି ନିଜନିଜ ପରିବାର ପରିପୋଷଣ କରିପାରନ୍ତେ ବୋଲି କହିଛନ୍ତି ଅନଚଳର ମହୁଲ ଫୁଲ ସଂଗ୍ରହକାରୀ ମାନେ ।

## ହତ୍ୟା ଉଦ୍ୟମକାରୀ ଅଭିଯୁକ୍ତଙ୍କୁ ୨ ବର୍ଷ ସଶ୍ରମ କାରାଦଣ୍ଡାଦେଶ

ଭଦ୍ରକ: ଭଦ୍ରକର ମୁଖ୍ୟ ବିଚାର ବିଭାଗୀୟ ବିଚାରପତି ଦେବଦ ପଟ୍ଟନାୟକ ମରଣାନ୍ତକ ଆକ୍ରମଣ ଜନିତ ହତ୍ୟା ମାମଲାର ବିଚାର କରି ଏହି ଜିଲାର ତିହିଡି ଥାନା ଅଧୀନସ୍ଥ ସୟା ପଂଚାୟତର ପାଢୀସାହି ଗ୍ରାମନିବାସୀ ଭକ୍ତହରି ସାହୁଙ୍କ ପୁତ୍ର ଯୋଗେଶ ଓରଫ ବୁଲୁକୁ ୩୨୪ ଦଫାରେ ଦୋଷୀ ସାବ୍ୟସ୍ତ କରି ୨ ବର୍ଷ ସଶ୍ରମ କାରାଦଣ୍ଡ ସହ ୨ ହଜାର ଟଙ୍କା ଜରିମାନା ଅନାଦେୟ ଅଧିକ ୬ ମାସ ସଶ୍ରମ ଜେଲ୍ ଦଣ୍ଡ ଶୁଣାଇଛନ୍ତି । ପ୍ରାପ୍ତ ଖବରରୁ ଯାହା ଜଣାଯାଏ ପାଢୀସାହି ଗ୍ରାମର ଅନନ୍ତ ବିଶ୍ୱାଳଙ୍କର ଟ୍ରାକ୍ଟରକୁ ଯୋଗେଶ ଭଡାରେ ନେଇ ହଳ କରିବା ପରେ ଭଡା ଟଙ୍କା ବାକି ରଖିଥିଲା । ଏହି ଟଙ୍କା ମାଗିବାକୁ ନେଇ ଯୋଗେଶ ଅନନ୍ତଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲା । ଖବର ପାଇ ସ୍ଥାନୀୟ ମହାଦେବସାହି ନିବାସୀ ଅନନ୍ତର ଭିଣୋଇ ସୀତାରାମ କୁଅଁର ଯୋଗେଶର ଘରକୁ ଯାଇ ପଚାରିବାରୁ ସେ, ତା ଭାଇ ଲକ୍ଷ୍ମୀଧର, ବାପା ଭକ୍ତହରି, ମା କୁମୁଦିନୀ ପ୍ରମୁଖ ମିଶି ସଂଘବଦ୍ଧ ଭାବେ ବିଭିନ୍ନ ମାରଣାସ୍ତ୍ର ଦ୍ୱାରା ମରଣାନ୍ତକ ଆକ୍ରମଣ କରିଥିଲେ । ଏହି ଘଟଣାରେ ସୀତାରାମଙ୍କ ପତ୍ନୀ ବୀଣାପାଣି ତିହିଡି ଥାନାରେ ସେମାନଙ୍କ ବିରୁଦ୍ଧରେ ଲିଖିତ ଅଭିଯୋଗ କରିବା ପରେ ଥାନା କେଶ୍ ନଂ ୩୫୪/ ୨୦୧୬ ଦଫା ୩୦୭ / ୩୨୩ / ୩୨୪ / ୫୦୬ / ୩୪ ଆଇପିସିରେ ଏକ ମାମଲା ରୁଜୁ ହୋଇଥିଲା । ଅଭିଯୁକ୍ତମାନେ ଗିରଫ ହେବା ପରେ ମାନ୍ୟବର ଅଦାଲତ ସେମାନଙ୍କୁ ଜାମିନ ପ୍ରଦାନ କରିଥିଲେ । ତଦନ୍ତ ପରେ ଚାର୍ଜସିଟ୍ ଦାଖଲ ହୋଇଥିଲା । ମାମଲାଟି ଭଦ୍ରକ ମୁଖ୍ୟ ବିଚାର ବିଭାଗୀୟ ବିଚାରପତିଙ୍କ ଅଦାଲତରେ ଏସ୍‌ଟି ନଂ ୧୮/୧୭/୨୦୧୭ ରେ ବିଚାର ହୋଇ ଆଜି ଏହି ରାୟ ପ୍ରକାଶ ପାଇଛି । ମାନ୍ୟବର ଅଦାଲତ ଯୋଗେଶକୁ ଦୋଷୀ ସାବ୍ୟସ୍ତ କରି ଉପରୋକ୍ତ ଦଣ୍ଡବିଧାନ କରିଥିବାବେଳେ ତାଙ୍କ ଭାଇ ଲକ୍ଷ୍ମୀଧର, ପିତା ଭକ୍ତହରି ଓ ମା' କୁମୁଦିନୀଙ୍କୁ ଉପଯୁକ୍ତ ପ୍ରମାଣ ଅଭାବରୁ ଖଲାସ କରିଛନ୍ତି । ସରକାରଙ୍କ ପକ୍ଷରୁ ଭଦ୍ରକର ଅତିରିକ୍ତ ପବ୍ଲିକ୍ ପ୍ରସିକ୍ୟୁଟର ଯତିକାନ୍ତ ନାୟକ ମାମଲା ପରିଚାଳନା କରୁଥିଲେ ।

# ଆନନ୍ଦ ନୃସିଂହ ସ୍ମୃତି ସଂସଦ ତରଫରୁ ଜନନାୟକ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କୁ ଶ୍ରେଷ୍ଠ ଶ୍ରଦ୍ଧାଳୀ



ଭୁବନେଶ୍ୱର: କଟକସଦର ତଥା ୪୨ମୌଜାସ୍ଥ ଅଗ୍ରଣୀ ସାମାଜିକ ସଂଗଠନ ଆନନ୍ଦ ନୃସିଂହ ସ୍ମୃତି ସଂସଦ ତରଫରୁ ପଟଣା ସ୍ଥିତ ପୂଜ୍ୟପୂଜା ଭବନରେ ବର୍ଷିୟାନ ଗାନ୍ଧୀବାଦୀ ନେତା, ସମାଜସେବୀ ବାଗ୍ମୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ୬ଷ୍ଠ ତମ ଶ୍ରାଦ୍ଧବାର୍ଷିକ ଉତ୍ସବ ନିରାଡମ୍ବର ଭାବେ କୋଭିଡ୍ ନିୟମ ମୁତାବକ ପାଳିତ ହୋଇଯାଇଛି । ଏହି ସଭାରେ ଅବସରପ୍ରାପ୍ତ ବିଜୁ ପଟ୍ଟନାୟକ କଲେଜ୍‌ର ଅଧ୍ୟକ୍ଷ ଡକ୍ଟର କେଶବ ଚନ୍ଦ୍ର ଦାଶ ସଭାପତିତ୍ୱ କରି ଉପସ୍ଥିତ ଥିବା ସୁଦର୍ଶନ ମହାବିଦ୍ୟାଳୟ ଛାତ୍ରଛାତ୍ରୀମାନଙ୍କୁ ଜାନକୀ ବାବୁଙ୍କ ବହୁବିଧ ପ୍ରତିଭାକୁ ଅନୁସରଣ କରିବା ପାଇଁ ଆହ୍ୱାନ କରିବା ସହିତ ମହାମାରୀ କରୋନାର ପ୍ରକୋପରୁ ମୁକ୍ତ କରିବା ପାଇଁ କଟକଣାକୁ ଅଗ୍ରାଧିକାର ଦେବାକୁ ଛାତ୍ରଛାତ୍ରୀମାନଙ୍କୁ ନିବେଦନ କରିଥିଲେ । ଅନୁଷ୍ଠାନର ବରିଷ୍ଠ ସମ୍ପାଦକ ନାରାୟଣ ଚନ୍ଦ୍ର ମହାଁ ସ୍ୱର୍ଗତଃ ପଟ୍ଟନାୟକଙ୍କୁ ୪୨ମୌଜାର ବିଦ୍ଧାଣୀ ରୂପେ ବିବେଚନା କରି ୪୨ମୌଜାର ପ୍ରଥମ ଘାଟକୁଳ-ଝିଙ୍କିରିଆ କଟକ ସେତୁ ତାଙ୍କ ଅବଦାନରେ ନିର୍ମାଣ ହୋଇଥିବାରୁ ସେ ୪୨ମୌଜାବାସୀଙ୍କ ହୃଦୟପଟରେ ଚିରସ୍ମରଣୀୟ ହୋଇ ଚିରକାଳ ରହିଥିବେ ବୋଲି ମତବ୍ୟକ୍ତ କରିଥିଲେ । ସରକାରଙ୍କ କୋଭିଡ୍-୧୯ ଗାଇଡ୍‌ଲାଇନ୍ କୁ ସମ୍ମାନ ଜଣାଇ ଭିଡିଓ କନ୍‌ଫରେନ୍ସ ଜରିଆରେ ଶୁଭାକାଂକ୍ଷୀ ପରାମର୍ଶଦାତା ପ୍ରାଧ୍ୟାପକ ଡଃ ସେକ୍ କଲିମୁଲ୍ଲା, ସମବାୟ ବିତ୍ ମହେନ୍ଦ୍ର କୁମାର ନାୟକ, ସମାଜସେବୀ ପୁଷ୍ପରାଜ ପ୍ରଧାନ, ବ୍ଲକ୍ ଚେୟାରମ୍ୟାନ୍ ରତ୍ନାକର ବେହେରା, ଅନୁଷ୍ଠାନର ସାଂସ୍କୃତିକ ସମ୍ପାଦକ ରୁଦ୍ର ନାରାୟଣ ଦାସ, ସଭାପତି ଇଂ ଅଶୋକ କୁମାର ବିଶ୍ୱାଳ, ବରିଷ୍ଠ ସଭ୍ୟ ବିନୋଦ ବେହେରା, ବୁଲେଇ ବେହେରା, ପ୍ରଭାତ କୁମାର ଖଟୁଆ, ନଟବର ବେହେରା, ଜ୍ୟୋତିରଂଜନ ଦାସ, ଯତିନ୍ଦ୍ରନାଥ ବେହେରା, ନାଟ୍ୟକାର ଅଶୋକ କୁମାର ପଟ୍ଟନାୟକ, ସଂଯୋଜକ ଚକ୍ରବର୍ତୀ ଓଡା, ସମାଜସେବୀ ଶ୍ରୀକା' ବେଉରା, କୌଳାସ ଚନ୍ଦ୍ର ସାହୁ, ଝାରକଟା ପଂଚାୟତ ସରପଂଚ ପ୍ରତିନିଧି ଜୟ' କୁମାର ଦାସ, ବରିଷ୍ଠ ସାମ୍ବାଦିକ ସୁକା' କୁମାର ବେଉରା, ଚନ୍ଦନ ମହାଁ, ଦିପ୍ତୀରଂଜନ ଶତପଥି, ବିଭୂରଂଜନ ଦାସ ପ୍ରମୁଖ ସାମିଲ ହୋଇଥିଲେ । ସମାଜସେବୀ ସରୋଜ କୁମାର ଲେଙ୍କା କଲେଜ୍ ଛାତ୍ରଛାତ୍ରୀମାନେ ସ୍ୱର୍ଗତଃ ପଟ୍ଟନାୟକଙ୍କ ଶ୍ରାଦ୍ଧବାର୍ଷିକୀ ପାଳନରେ ଯୋଗଦେଇ ଥିବାରୁ ଅନୁଷ୍ଠାନ ତରଫରୁ ଧନ୍ୟବାଦ ଦେଇ ସଭାସାଙ୍ଗ କରିଥିଲେ ।

# ଭଦ୍ରକ ଜିଲାରେ ୮୬ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ, ସକ୍ରିୟଙ୍କ ସଂଖ୍ୟା ୫ଶହ ଟପିଲା

ଭଦ୍ରକ : ଭଦ୍ରକ ଜିଲ୍ଲାରୁ ୮୬ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ୩୦ଜଣ ସୁସ୍ଥ ହୋଇଛନ୍ତି । ଫଳରେ ଜିଲ୍ଲାର ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ହୋଇଛି ୮୨୬୫ ଏବଂ ମୋଟ ସୁସ୍ଥଙ୍କ ସଂଖ୍ୟା ୭୬୯୯ । ଏବେ ସକ୍ରିୟ ଆକ୍ରାନ୍ତଙ୍କ ସଂଖ୍ୟା ୫ଶହ ଅତିକ୍ରମ କରି ୫୪୦ରେ ପହଂଛି । ନୂଆ ଚିହ୍ନଟ ଆକ୍ରାନ୍ତଙ୍କ ମଧ୍ୟରେ ଭଦ୍ରକ ବ୍ଲକ ଅ ଳର ୨ଜଣ କଟକ ଏସ୍‌ସିବିରୁ ଓ ୨ ଜଣ ସମ୍ ହସ୍‌ପିଟାଲରୁ ଚିହ୍ନଟ ହୋଇଛନ୍ତି । ସେହିଭଳି ଭଦ୍ରକରେ ହୋଇଥିବା ନମୁନା ପରୀକ୍ଷାରୁ ବାସୁଦେବପୁର ବ୍ଲକର କାଞ୍ଚିଖିଆ ଓ କୁଆଳି ଗ୍ରାମରୁ ଜଣେ ଲେଖାଏଁ, ଭଦ୍ରକ ବ୍ଲକର ଆମ୍ବରୋଳି, ଚରମ୍ପା, ହରିପୁର, ମଉଦା, ଓଲଙ୍ଗ, ତେନ୍ତୁଳିଗଡ଼ିଆ, ସାହାଡ଼ା ଗ୍ରାମରୁ ଜଣେ ଜଣେ ଚିହ୍ନଟ ହୋଇଥିବା ବେଳେ ଏରେଇଁ ଗ୍ରାମରୁ ୧୧ଜଣ, ନଳାଙ୍ଗ ଗ୍ରାମରୁ ୩ଜଣ, ବେଲସାହି ଗ୍ରାମରୁ ୪ଜଣ ଚିହ୍ନଟ ହୋଇଛନ୍ତି । ଭଦ୍ରକ ପୌରପାଳିକାର ୧୦ ନଂ ୱାର୍ଡ ଜଗନ୍ନାଥପୁର ଗ୍ରାମରୁ ୩ଜଣ, ୧୧ ନଂ ୱାର୍ଡ ନୂଆବଜାରରୁ ୩ଜଣ, ୧୫ ନଂ ୱାର୍ଡ କୁଆଁଶ ଗ୍ରାମରୁ ଜଣେ, ୧୩ ନଂ ୱାର୍ଡ ଅପର୍ତିବିନ୍ଧା ଗ୍ରାମରୁ ଜଣେ, ୯ ୱାର୍ଡ ବାଗୁରାଇ ମନ୍ଦିରରୁ ଜଣେ, ଉ ରବାହିନୀ ଗ୍ରାମରୁ ଜଣେ, ୬ ନଂ ୱାର୍ଡ ନିଳାଦ୍ରିବିହାରରୁ ଜଣେ, ବାଇପାସ୍‌ରୁ ଜଣେ, ମୋଟେଲଛକ ଓ ଗୋପବନ୍ଧୁନଗରରୁ ଜଣେ ଜଣେ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଭଣ୍ଡାରିପୋଖରୀ ବ୍ଲକର ବିରିଡ଼ି ଗ୍ରାମରୁ ଜଣେ, ପାଟୁଳି ଗ୍ରାମରୁ ଜଣେ, ଦକ୍ଷିଣବାଡ଼ ଗ୍ରାମରୁ ଜଣେ, ରହଣିଆ ଗ୍ରାମରୁ ଜଣେ, ମଞ୍ଜୁରିରୋଡ ଗ୍ରାମରୁ ଜଣେ ଚିହ୍ନଟ ହୋଇଥିବା ବେଳେ ଧାମନଗର ଏନ୍‌ଏସିରୁ ୩ଜଣ ଚିହ୍ନଟ ହୋଇଛନ୍ତି । ଧାମନଗର ବ୍ଲକର ହାତିଆପଡ଼ା ଗ୍ରାମରୁ ଜଣେ, ବମକୁରା ଗ୍ରାମରୁ ଜଣେ, ପଳିକିରି ଗ୍ରାମରୁ ଜଣେ, ମାନକାଡ଼ିଆ ଗ୍ରାମରୁ ଜଣେ, ପତ୍ରିବିନ୍ଧା ଗ୍ରାମରୁ ଜଣେ, ନଦୀଗାଁ ଗ୍ରାମରୁ ଜଣେ, ବନ୍ଧଟିଆ ଗ୍ରାମରୁ ୩ଜଣ ଚିହ୍ନଟ ହୋଇଛନ୍ତି । ବନ୍ତ ବ୍ଲକ ବିଟିପୁର ଗ୍ରାମରୁ ଜଣେ, ଚକ୍ରାପାଢୀ ଗ୍ରାମରୁ ୨ଜଣ, ସବର ଗ୍ରାମରୁ ଜଣେ, ବଡଗଡ଼ିଆ ଗ୍ରାମରୁ ୨ଜଣ, ଅଳଉତି ଗ୍ରାମରୁ ଜଣେ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଚାନ୍ଦବାଲି ବ୍ଲକର ମଉସୁଧା ଗ୍ରାମର ଜଣେ, ଶୁଖିଳେଶ୍ୱର ଗ୍ରାମର ଜଣେ, ମାଧପୁର ଗ୍ରାମର ଜଣେ, କରଣପୋଖରୀ ଗ୍ରାମର ଜଣେ, ଚାନ୍ଦବାଲି ଏନ୍‌ଏସିର ୨ଜଣ, ଗୋଲାଡିହାରୁ ଜଣେ, ୩ ନଂ ୱାର୍ଡରୁ ଜଣେ ଚିହ୍ନଟ ହୋଇଛନ୍ତି । ସେହିଭଳି ତିହିଡି ବ୍ଲକର କମାରିଆ ଗ୍ରାମରୁ ଜଣେ, ତଳଗୋପବିନ୍ଧା ଗ୍ରାମରୁ ଜଣେ, ମଙ୍ଗଳପୁର ଗ୍ରାମରୁ ଜଣେ, ମଠସାହିରୁ ଜଣେ, ମହରମପୁରରୁ ଜଣେ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଅନ୍ୟ ଜିଲ୍ଲା ଭାବେ କେନ୍ଦ୍ରାପଡ଼ା ଜିଲ୍ଲାର ରାଜକନିକାରୁ ୨ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

# କେନ୍ଦୁଝରରେ କୋଭିଡର ଦୃତ ସଂକ୍ରମଣ କାରଣରୁ ସୁରକ୍ଷା ଦୃଷ୍ଟିରୁ ଟୀକାକରଣ କ୍ଷେତ୍ରରେ ବିଭିନ୍ନ ବର୍ଗଙ୍କ ପାଇଁ ପୃଥକ୍ ବ୍ୟବସ୍ଥା ଜରୁରୀ

କେନ୍ଦୁଝର:କୋଭିଡ୍ ଟୀକାକରଣ କେନ୍ଦ୍ରରେ ବଢୁଥିବା ଭିଡ଼ ନିରୋଗୀଙ୍କ ସ୍ୱାସ୍ଥ୍ୟର ସୁରକ୍ଷା ପାଇଁ ବଡ ଚିନ୍ତାର କାରଣ ହୋଇ ପଡିଥିଲେ ମଧ ଏଭଳି ଏକ ସମ୍ବେଦନଶୀଳ ଘଟଣାକୁ ଜିଲ୍ଲା ପ୍ରଶାସନ କିମ୍ବା ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ କର୍ତୃପକ୍ଷ କେହି ବି ଗୁରୁତ୍ୱ ନ ଦେବା ନିଶ୍ଚିତ ଭାବେ ଦୁର୍ଭାଗ୍ୟପୂର୍ଣ୍ଣ । ଯେଉଁଥି ପାଇଁ ଜିଲ୍ଲାର ବିଶେଷତଃ ବରିଷ୍ଠ ନାଗରିକମାନେ ଚିନ୍ତିତ ହୋଇ ପଡିଛନ୍ତି । ଏବେ କୋଭିଡ-୧୯ର ଦ୍ୱିତୀୟ ଲହର ଅଧିକ ପ୍ରଭାବଶାଳୀ ହୋଇ ଆସିଥିବା ବେଳେ ଏହା ଯୁବ ବର୍ଗଙ୍କୁ ଅଧିକ କବଳିତ କରିବା ସମ୍ଭାବନା ଉପରେ ଚିକିତ୍ସକମାନେ ମତ ପୋଷଣ କରୁଛନ୍ତି । କୋଭିଡ୍ ଟୀକାକରଣର ପ୍ରଥମ ପର୍ଯ୍ୟାୟରେ ୬୦ ବର୍ଷର ବରିଷ୍ଠ ନାଗରିକ ମାନଙ୍କୁ ସାମିଲ୍ କରାଯାଇଥିଲା । ଯାହା ଅଦ୍ୟାବଧି ଚାଲୁ ରହିଛି । ବରିଷ୍ଠ ନାଗରିକଙ୍କ ମଧ୍ୟରୁ ଅନେକ ପ୍ରଥମ ଡୋଜ୍ ନେବା ପରେ ଦ୍ୱିତୀୟ ଡୋଜର ସମୟକୁ ଅପେକ୍ଷା କରିଥିବା ବେଳେ କେହି କେହି ପ୍ରଥମ ଡୋଜ୍ ମଧ ନେଉଛନ୍ତି । ଇତି ମଧ୍ୟରେ ସରକାରଙ୍କ ପକ୍ଷରୁ ୪୫ ବର୍ଷରୁ ଉର୍ଦ୍ଧ୍ୱ ବୟସ୍କ ଯୁବ ବର୍ଗଙ୍କୁ କୋଭିଡ ଟୀକା କରଣରେ ସାମିଲ୍ କରାଯାଇଛି । ସରକାରଙ୍କ ଏହି ନିର୍ଣ୍ଣୟକୁ ସବୁ ମହଲରେ ସ୍ୱାଗତ କରାଯାଇଥିବା ବେଳେ ସେମାନଙ୍କର ମଧ ଯଥେଷ୍ଟ ଆଗ୍ରହ ପ୍ରକାଶ ପାଇଛି । ଫଳରେ ସ୍ୱାଭାବିକ୍ ଭାବେ ଟୀକାକରଣ କେନ୍ଦ୍ରରେ ଭିଡ଼ ପରିଲିକ୍ଷିତ ହେଉଅଛି । ଏବେ ସରକାରଙ୍କ ପକ୍ଷରୁ ୧୮ ବର୍ଷରୁ ଉର୍ଦ୍ଧ୍ୱ ବର୍ଗଙ୍କୁ ମାଗଣା ଟୀକାରଣରେ ସାମିଲ୍ କରାଯାଇଅଛି । ଏହା ନିଶ୍ଚିତ ଭାବେ ଭଲ ଖବର ହୋଇଥିଲେ ମଧ ସେମାନଙ୍କ 'ଟୀକାକରଣ କାର୍ଯ୍ୟକ୍ରମ ଆରମ୍ଭ ହେବାର ଅବଶ୍ୟ ବିଳମ୍ବ ଅଛି । କିନ୍ତୁ, ଏବେ କେନ୍ଦୁଝର ଜିଲ୍ଲାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ଆଶାତୀତ ଭାବେ ବୃଦ୍ଧି ପାଇବାରେ ଲାଗିଥିବା ବେଳେ ଏଭଳି ସ୍ଥିତିରେ ଟୀକାକରଣ କେନ୍ଦ୍ରରେ ବର୍ତମାନ ଦୁଇଟି (ବୟସର) ବର୍ଗଙ୍କ ପାଇଁ ଏକ ସଙ୍ଗେ ଟୀକାକରଣ ଯୋଗୁଁ ଅଧିକ ଗହଳି ସୃଷ୍ଟି ହେବା ସ୍ୱାଭାବିକ୍ ହୋଇଛି । ଅନୁରୁପ ଭାବେ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟସ୍ଥିତ ଟୀକାକରଣ କେନ୍ଦ୍ରରେ ଗହଳି ଲାଗି ରହୁଥିବା ବେଳେ ଏହି ଗହଳି ଭିତରେ ସଂକ୍ରମିତଙ୍କ ଉପସ୍ଥିତିର ଅଭିଯୋଗ ଉଠିଛି ।

# ବେସାରିକ ଯୋଗାଣ ବିଭାଗ ଦ୍ୱାରା ପରିଚାଳିତ ଏଚ୍‌ପିସିଏଲ ଗ୍ୟାସ୍ ଗୋଦାମ ପାଇଁ ଜମି ଯୋଗାଇ ଦେବାକୁ ଦାବୀ

କେନ୍ଦୁଝର(ପିଏନ): ଏଚ୍‌ପିସିଏଲ କମ୍ପାନୀ ପକ୍ଷରୁ ଆଡହକରେ ବେସାରିକ ଯୋଗାଣ ବିଭାଗକୁ ଡିଲରସିପ ଦିଆଯାଇଛି । ଗ୍ୟାସ ସିଲିଣ୍ଡର ଷ୍ଟୋରେଜ ପାଇଁ ଆବଶ୍ୟକୀୟ ଷ୍ଟୋରେଜ ପାଇଁ ଆବଶ୍ୟକ ୧ ଏକର ଜମି ମିଳୁନଥିବାରୁ ଡିଲରସିପ ବନ୍ଦ ହେବାକୁ ଯାଉଛି । ନିଜସ୍ୱ ଗୋଦାମ ଘର ନଥିବାରୁ ବିଭିନ୍ନ ବିଭାଗର ଯଥା ଏକ୍ସପ୍ଲୋସିଭ ଲାଇସେନ୍ସ, ଫାୟରସେଫ୍ଟି ଲାଇସେନ୍ସ ୨୬ ବର୍ଷ ଧରି ମିଳିପାରୁନାହିଁ । ଗ୍ୟାସ ସିଲିଣ୍ଡର ଷ୍ଟୋରେଜ ପାଇଁ ଆବଶ୍ୟକୀୟ ଷ୍ଟୋରେଜ ପାଇଁ ଆବଶ୍ୟକ ୧ ଏକର ଜମି ପାଇଁ ବାରମ୍ବାର ସଦର ତହସିଲକୁ ଆବେଦନ କଲେ ମଧ୍ୟ ଜମି ନଥିବା କହି ତହସିଲ ପକ୍ଷରୁ ଅଗ୍ରାହ୍ୟ କରାଯାଉଛି । କେନ୍ଦୁଝର ସଦର ମହକୁମାରେ ଜନାକୀର୍ଣ୍ଣ ତଥା ଶିକ୍ଷାନୁଷ୍ଠାନକୁ ସଂଲଗ୍ନ ଥାଇ ଏକ ବିପଦସଂକୁଳ ଘରେ ଗ୍ୟାସ୍ ଗୋଦାମ ଚାଲୁଥିବାବେଳେ ଜମି ମିଳୁନଥିବାରୁ ଗୋଦାମ ଘର ହୋଇପାରୁନଥିବା ଜଣାପଡିଛି । ତେବେ ସୁରକ୍ଷା ଦୃଷ୍ଟି କୋଣରୁ ଗ୍ୟାସ ଗୋଦାମ ଜନବସତିଠାରୁ ଦୂରରେ କରିବା ପାଇଁ ନିଷ୍ପତ୍ତି ହୋଇଥିଲା । କିନ୍ତୁ ରାଜସ୍ୱ ବିଭାଗ ଆବଶ୍ୟକୀୟ ଜମି ଯୋଗାଇ ଦେଉନଥିବାରୁ ଗ୍ୟାସ ଗୋଦାମ ଅନ୍ୟତ୍ର ସ୍ଥାନାନ୍ତର ହୋଇ ପାରୁନାହିଁ । ଓଡିଶା ସରକାରଙ୍କ ଖାଉଟି କଲ୍ୟାଣ ଓ ବେସାମରିକ ଯୋଗାଣ ବିଭାଗ ଅଧିନରେ ଥିବା ଯୋଗାଣ ନିଗମ ନିଗମ ଲିମିଟେଡ ଦ୍ୱାରା ପରିଚାଳିତ ଏହି ଗ୍ୟାସ ଗୋଦାମ ଆବଶ୍ୟକୀୟ ସୁରକ୍ଷା ଅଭାବରୁ ଏହାକୁ ଏଲପିଜି ବିତରଣ କରୁଥିବା କମ୍ପାନୀ ବନ୍ଦ କରିବାକୁ ସ୍ପଷ୍ଟ ଭାବେ ଜଣାଇଛି । ଏଚ୍‌ପିସିଏଲର ଡିଜିଏମ ଧର୍ମେନ୍ଦ୍ର ବେହୁରା ଗୋଦାମ ଘର ନଥିବାରୁ ବେସାମରିକ ଯୋଗାଣ ବିଭାଗ ଅଧିନରେ ଥିବା ଆଡହକ ଡିଲରସିପ ୩୦ ନଭେମ୍ବର ୨୦୨୦ରେ ବନ୍ଦ କରିବାକୁ ଜିଲ୍ଲା ପରିଚାଳକ ବେସାମରିକ ଯୋଗାଣ ଅଧିକାରୀଙ୍କୁ ଚିଠି କରି ଜଣାଇବା ପରେ କେନ୍ଦୁଝର ସହରରେ ବିଭିନ୍ନ ମହଲରେ ଅସନ୍ତୋଷ ଦେଖାଦେଇଛି । ଏହି ଡିଲରସିପ ଅଧିନରେ ୧୭,୪୦୦ ଉପଭୋକ୍ତା ଅଛନ୍ତି । ସୂଚନାଯୋଗ୍ୟ ଯେ, କେନ୍ଦୁଝର ସହରରେ ଏଚ୍‌ପିସିଏଲ କମ୍ପାନୀ ତରଫରୁ ଗ୍ୟାସ ଯୋଗାଇବା ପାଇଁ ପୂର୍ବରୁ ମେସର୍ସ କେନ୍ଦୁଝର ଗ୍ୟାସ ଏଜେନ୍ସିକୁ ଲାଇସେନ୍ସ ପ୍ରଦାନ କରାଯାଇଥିଲା । ତେବେ ଅନିୟମିତତା ଅଭିଯୋଗରେ ୧୯୯୬ ମସିହାରେ ଏହାର ଲାଇସେନ୍ସ ସସପେଣ୍ଡ ହୋଇଥିଲା । ଏହାପରେ ଏ ସଂପର୍କିତ ଏକ ମାମଲା କୋର୍ଟରେ ବିଚାରାଧିନ ଥିବାବେଳେ ଏଚ୍‌ପିସିଏଲ କମ୍ପାନୀ ପକ୍ଷରୁ ଆଡହକରେ ବେସାମରିକ ଯୋଗାଣ ବିଭାଗକୁ ଡିଲରସିପ ଦିଆଯାଇଛି । ସେବେଠାରୁ ବେସାମରିକ ଯୋଗାଣ ବିଭାଗ ସୁଚାରୁରୂପେ ଏଲପିଜି ସିଲିଣ୍ଡର ଲୋକମାନଙ୍କୁ ଘରକୁ ଘର ଗାଡି ଦ୍ୱାରା ସୁଚାରୁରୂପେ ଗ୍ୟାସ ସିଲିଣ୍ଡର ଯୋଗାଣ କରିଆସୁଛି । ଏହି ସଂସ୍ଥା ୨୬ ବର୍ଷ ଧରି ସୁରୁଖୁରୁରେ ଚାଲି ଆସୁଥିବାବେଳେ ବନ୍ଦ ହେଲେ ଗ୍ୟାସ ବିତରଣରେ ବିଭ୍ରାଟ ହେବ ଏବଂ ଉପଭୋକ୍ତାମାନେ ହଇରାଣ ହେବ ବୋଲି ବହୁ ଜନସାଧାରଣ ପ୍ରକାଶ କରିଛନ୍ତି । ଏ ନେଇ ଶୁକ୍ରବାର ଦିନ ବରଦା ପ୍ରସନ୍ନ ଦାସ, ରୁଦ୍ର ନାରାୟଣ ମହାନ୍ତ, ସୁଧାଂଶୁ ଶେଖର ସାହୁ, ଅସିତ୍ ପଟ୍ଟନାୟକ, ରମେଶ ଚନ୍ଦ୍ର ନାୟକ, ରବିନ୍ଦ୍ର କୁମାର ସେଠୀ, ବାସୁଦେବ ରାଜ, ମନୋରଞ୍ଜନ ମଙ୍ଗରାଜ, ଶୁଭେନ୍ଦୁ ସାହୁ, କବିଚରଣ ନାୟକ, ଅଜୟ ଅଗ୍ରୱାଲ, ଅନୀଲ ଅଗ୍ରୱାଲ, କାର୍ତ୍ତିକ ସେଠୀ, ସୌରଭ ମହାପାତ୍ର, ଗୌତମ ମହାପାତ୍ର, ଶାନ୍ତନୁ ମହାନ୍ତି, ଶୁକୁମାର ଦେ,ରଜତ କୁମାର ଗିରି, କୈଳାଶ ଚନ୍ଦ୍ର ଜେନା,ଦେବେନ୍ଦ୍ର ନାଥ ମହାନ୍ତି, ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି, ସଂଜୟ କୁମାର ମହାନ୍ତ, ରାକେଶ କୁମାର ସାହୁ, ରାମଚନ୍ଦ୍ର ସେଠୀ,ସଂଜୟ କୁମାର ପଣ୍ଡା, ସତ୍ୟାନନ୍ଦ ମହାନ୍ତ, ଶରତ ଚନ୍ଦ୍ର ମହାନ୍ତ, ମନୋଜ କୁମାର ମହାନ୍ତ,ଏମଡି ଇରସାଦ, ସୁବାସ ଚନ୍ଦ୍ର ସାହୁ, ଧରଣୀଧର ମହାନ୍ତ, ନାରାୟଣ ନାୟକ, ପ୍ରଶାନ୍ତ କୁମାର ଭଞ୍ଜଦେଓ ପ୍ରମୁଖଏକ ଦାବୀ ପତ୍ର ମାଧ୍ୟମରେ ବେସାରିକ ଯୋଗାଣ ବିଭାଗକୁ ୧ ଏକର ଜମି ଯୋଗାଇ ଦେବାକୁ ଜିଲ୍ଲାପାଳଙ୍କୁ ଦାବୀ କରିଛନ୍ତି ।

# ମୟୂରଭଞ୍ଜକୁ ପଶ୍ଚିମବଙ୍ଗ ଚିନ୍ତା ଘାରିଛି

ବାରିପଦା: ମୟୂରଭଞ୍ଜକୁ ପଶ୍ଚିମବଙ୍ଗ ଚିନ୍ତା ଘାରିଛି । ପଶ୍ଚିମବଙ୍ଗରେ କରୋନା ଉଗ୍ରରୂପ ନେଇ ସାରିଛି । ଏପରିକି କରୋନା ଟ୍ରିପିଲ ମ୍ୟୁଟାଂଟ ନୂଆ ଷ୍ଟ୍ରେନ ଚିହ୍ନଟ ହୋଇଛନ୍ତି । ଫଳରେ ପଶ୍ଚିମବଙ୍ଗରେ ଦୈନିକ ୧୦ ହଜାରରୁ ଅଧିକ ନୂଆ କରୋନା ପଜିଟିଭ ଚିହ୍ନଟ ହେଉଛନ୍ତି । ଏହାକୁ ଦୃଷ୍ଟିରେ ରଖି ଓଡ଼ିଶା ସରକାର ଜନସାଧାରଣଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଏକ ଘୋଷଣା କରିଛନ୍ତି । ଗତ ଗୁରୁବାର ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର ପଶ୍ଚିମବଙ୍ଗ ସୀମାକୁ ଲାଗି ରହିଥିବା ସମସ୍ତ ରାସ୍ତାରେ ଚେକିଂକୁ କଡ଼ାକଡ଼ି କରିବା ସହ ପଶ୍ଚିମବଙ୍ଗରୁ ଓଡ଼ିଶାକୁ ପ୍ରବେଶ କରିଥିବା ସମସ୍ତ ବ୍ୟକ୍ତିମାନଙ୍କୁ ୧୪ ଦିନିଆ କ୍ୱାରେନଟାଇନରେ ରଖାଯିବା, ସେମାନଙ୍କ ନିକଟରେ କୋଭିଡ଼-୧୯ ପରୀକ୍ଷାର ନେଗେଟିଭ ରିପୋର୍ଟ ଓ ଦ୍ୱିତୀୟ ଡ଼ୋଜ ଟୀକା ନେଇଥିଲେ ମଧ ସେମାନଙ୍କୁ ଗୃହ ସଙ୍ଗରୋଧରେ ରଖାଯିବା ନିମନ୍ତେ ମୟୂରଭଞ୍ଜ ଏସପିଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହାପରେ ଆଜି ମୟୂରଭଞ୍ଜ ପୁଲିସ ପକ୍ଷରୁ ଓଡ଼ିଶା-ପଶ୍ଚିମବଙ୍ଗ ବୋର୍ଡ଼ରରେ ବା ଶୁଳିଆପଦା ବ୍ଲକର ଚକଶୁଳିଆପଦା, ସାରସକଣା ବ୍ଲକର ଜାମଶୋଳା ଓ ହାତୀବାରୀ ଆଦି ତିନୋଟି ମୁଖ୍ୟ ପ୍ରବେଶ ପଥରେ ଚେକିଂ ବ୍ୟବସ୍ଥାକୁ କଡ଼ାକଡ଼ି କରାଇଥିବାର କୁହାଯାଇଛି । ତେବେ ଆଜି ଚକଶୁଳିଆପଦା ପ୍ରବେଶ ପଥ ସକାଳ ୭ ସମୟରେ ସାହାଣ ମେଲା ଅବସ୍ଥାରେ ରହିଥିଲା । ଉଭୟ ପଟୁ ବାଇକ ଓ ଗାଡ଼ି ମୋଟର ଆଦି ଯାନରେ ଶତାଧିକ ଜନସାଧାରଣ ଅବାଧରେ ଯାତାୟତ କରୁଥିବା ସମୟରେ କୌଣସି ପୁଲିସ କର୍ମଚାରୀମାନଙ୍କ ଉପସ୍ଥିତି ଦେଖିବାକୁ ମିଳିନଥିଲା ଏବଂ ୮ଟା ସମୟରେ ୩ ଜଣ ପୁଲିସ ବିଭାଗର କର୍ମଚାରୀ ପହଁଚି ହାତ ଦେଖାଇ ଅଟକାଇବାକୁ ଉଦ୍ୟମ କରୁଥିବା ବେଳେ ବେରିକେଡ଼ ନ ଥିବା କାରଣରୁ ସେମାନେ ଖସି ପଳାଇଯାଉଥିବାର ପରିଲକ୍ଷିତ ହୋଇଥିଲା । ସୀମାନ୍ତବର୍ତି ଚକଶୁଳିଆପଦା ବାସିନ୍ଦା ସୁଧାଂଶୁ ଶେଖର ସେନାପତଙ୍କ କହିବା ଅନୁସାରେ ଶୁଳିଆପଦା ଜିରୁ ପଏଂଟରେ ରହିଥିବା ବେଳେ ବାଘଡ଼ା ପର୍ଯ୍ୟନ୍ତ ଶହେ ଗଳି ରାସ୍ତାରେ ରହିଛି ଓ ୪ ଶହ ଗ୍ରାମ ରହିଛି । ସେହିପରି ଜାମଶୋଳା ପର୍ଯ୍ୟନ୍ତ ୨ ସହ ଗ୍ରାମ ରହିଥିବା ବେଳେ ସରକାରଙ୍କ ପକ୍ଷରୁ ଭଲ ରାସ୍ତା ମଧ ନିର୍ମାଣ କରାଯାଇଛି । ଦୈନନ୍ଦିନ ଶହ ଶହ ଜନସାଧାରଣ ଅବାଧରେ ଯିବା ଆସିବା କରୁଥିବା ବେଳେ ଏହାକୁ ନିୟନ୍ତ୍ରଣ କରାଯିବା ନିମନ୍ତେ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ପାରିନଥିବାରୁ ନିଜକୁ ସୁରକ୍ଷିତ ମନେ କରୁନାହାନ୍ତି ବୋଲି କହିଛନ୍ତି । ସେହିପରି ବୋର୍ଡ଼ର ପରିସ୍ଥିତି ବହୁତ ଜଟିଳ । କାରଣ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ପାରିଲା ନାହିଁ । ଜମ୍ବୀରା ଫାଣ୍ଡିରୁ ପୁଲିସ ପହଁଚିଥିଲେ ମଧ ଯାତାୟତକୁ ନିୟନ୍ତ୍ରଣ କରିବାରେ ସଫଳ ହୋଇ ପାରି ନାହାନ୍ତି । ଏଣୁ ପ୍ରଶାସନ ଏହାକୁ ଗୁରୁତ୍ୱ ଦେବାକୁ ବିନମ୍ର ଅନୁରୋଧ କରିଛନ୍ତି ସ୍ଥାନୀୟ ବାସିନ୍ଦା ବିନୋଦ ଚନ୍ଦ୍ର ମୁର୍ମୁ । ସେହିପରି ହାତୀବାରୀ ଓ ଜାମଶୋଳା ପ୍ରବେଶ ପଥରେ ଝାରପୋଖରୀଆ ଥାନା ପୁଲିସ ଯାଂଚ ପ୍ରକ୍ରିୟାକୁ କଡ଼ାକଡ଼ି କରାଇଛନ୍ତି । ତେବେ ମୟୂରଭଞ୍ଜ ଜିଲ୍ଲାର ୫ଟି ଥାନା ଅଧୀନରେ ୩୪ରୁ ଅଧିକ ଗଳାପଥ ଓ ଅନେକଗୁଡ଼ିଏ ଚୋରାପଥ ରହିଥିବା ବେଳେ ଉକ୍ତ ରାସ୍ତା ଦେଇ ଦୈନିକ ହଜାର ହଜାର ଜନସାଧାରଣଙ୍କ ସଦାସର୍ବଦା ଯିବା ଆସିବା ଲାଗି ରହିଛି । ଯାହାକୁ ନେଇ ମୟୂରଭଞ୍ଜବାସୀଙ୍କୁ ପଶ୍ଚିମବଙ୍ଗ ଚିନ୍ତା ଘାରିଥିବାର ଜଣାପଡ଼ିଛି।

# ସୋରିଷ ତେଲ ଅମୂଲ ମୂଲ, ଲିଟର ଦୁଇ ଶହ ଟପିଲା

ବାରିପଦା: ମୟୂରଭଞ୍ଜ ଜିଲ୍ଲାର ସଦର ମହକୁମା ବାରିପଦାଠାରେ ଖୋଲା ବଜାରରେ ସୋରିଷ ତେଲ ଅମୂଲ ମୂଲରେ ବିକ୍ରି ହେଉଛି । ଖୁଚୁରା ଦୋକାନରେ ଏକ ଲିଟର(୯୧୦ ଗ୍ରାମ) ଇଞ୍ଜିନ ସୋରିଷ ତେଲ ୧୯୫ ଟଙ୍କାରେ ବିକ୍ରି ହେଉଥିବା ବେଳେ ଫର୍ଚ୍ୟୁନ ସୋରିଷ ତେଲ ୨୧୨ ଟଙ୍କାରେ ବିକ୍ରି ହେଉଛି । ଆଉ କିଛି ଦିନ ପରେ ସୋରିଷ ତେଲର ମୂଲ୍ୟ ଅଢ଼େଇଶହ ଟଙ୍କାକୁ ଟପିବାର ଖୁଚୁରା ବ୍ୟବସାୟୀମାନେ ଆଶଙ୍କା କରିଛନ୍ତି । ମୂଲ୍ୟ ନିୟନ୍ତ୍ରଣ ଉପରେ ସରକାରଙ୍କର କଟକଣା ନ ଥିବାରୁ ସୋରିଷ ତେଲର ପାଇକାରୀ ମୂଲ୍ୟ ଉପରେ ଖୁଚୁରା ବ୍ୟବସାୟୀମାନେ ପ୍ରାୟ ୫ଟଙ୍କାରୁ ୧୦ ଟଙ୍କା ପର୍ଯ୍ୟନ୍ତ ପର୍ଯ୍ୟନ୍ତ ଲାଭ ଉଠାଉଛନ୍ତି । ଦିନକୁ ଦିନ ସୋରିଷ ତେଲର ମୂଲ୍ୟ ବୃଦ୍ଧିକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ଖୁଚୁରା ବ୍ୟବସାୟକୁ ନିୟନ୍ତ୍ରଣ କରୁଥିବା ରାଜ୍ୟ ବାହାରର ବଡ଼ ବଡ଼ ବ୍ୟବସାୟୀ ଓ ବହୁ ରାଷ୍ଟ୍ରୀୟ କମ୍ପାନୀଗୁଡ଼ିକଟାରୁ ଆରମ୍ଭ କରି ଡିଷ୍ଟ୍ରିବ୍ୟୁଟର, ହୋଲସେଲର ପର୍ଯ୍ୟନ୍ତ ପର୍ଯ୍ୟାପ୍ତ ପରିମାଣରେ ସୋରିଷ ତେଲ ମହଜୁଦ ରଖି ବଜାରରେ କୃତ୍ରିମ ଅଭାବ ସୃଷ୍ଟି କରୁଥିବାର ଅଭିଯୋଗ ହୋଇଛି । ବାରିପଦା ସହରରେ ଥିବା ଜଣେ ଖୁଚୁରା ବୈବସାୟୀଙ୍କ କହିବା ଅନୁସାରେ ଚଳିତ ଏପ୍ରିଲ ମାସରେ କରୋନାର ଦ୍ୱିତୀୟ ଲହରକୁ ନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ପରେ ହୋଲସେଲରମାନେ ସୋରିଷ ତେଲ ମୂଲ୍ୟ କ୍ରମାଗତ ଭାବେ ବୃଦ୍ଧି କରାଇ ଆସୁଛନ୍ତି । ଏବେ ଏପରି ଅବସ୍ଥାରେ ପହଁଚି ଗଲାଣି ଆମକୁ ତେଲ ପ୍ୟାକେଟ ଉପରେ ପ୍ରିଂଟ ମୂଲ୍ୟଠାରୁ ଅଧିକ ମୂଲ୍ୟରେ ବିକ୍ରି କରିବାକୁ ବାଧ ହେବୁ । ଯଦି ହୋଲସେଲରମାନେ ଖୁଚୁରା ବ୍ୟବସାୟୀମାନଙ୍କୁ ପ୍ରିଣ୍ଟ ମୂଲ୍ୟ ଅଥବା ପାଖାପାଖି ମୂଲ୍ୟରେ ସୋରିଷ ତେଲ ଯୋଗାଇ ଦେଲେ କଣ କରି ପାରିବେ ବୋଲି ପ୍ରଶ୍ନ କରିଛନ୍ତି । ହୋଲସେଲରମାନେ ମାଲ ମିଳୁନାହିଁ ବୋଲି କହି ଚଢ଼ା ମୂଲ୍ୟରେ ବିକ୍ରି କରୁଥିବା ବେଳେ ପ୍ରଶାସନ ଅଥବା ସରକାର ହୋଲସେଲରମାନଙ୍କ ଗୋଦାମରେ ଚଢ଼ାଉ କରି ଷ୍ଟକ ଯାଂଚ କଲେ ପ୍ରକୃତ ଘଟଣା ଜଣାପଡ଼ନ୍ତା ବୋଲି କହିଛନ୍ତି । ତିନିମାସ ମଧ୍ୟରେ ଏକ ଲିଟର ସୋରିଷ ତେଲ ମ୍ୟଲ୍ୟ ୨୦ରୁ ୪୦ ଟଙ୍କା ବୃଦ୍ଧି ପାଇଛି । ଗତ ଜାନୁଆରୀ ମାସରେ ଖୁଚୁରା ବଜାରରେ ସୋରିଷ ତେଲ ମୂଲ୍ୟ ଲିଟର ପିଛା ୧୨୦ରୁ ୧୩୦ ଟଙ୍କା ଭିତରେ ସିମୀତ ରହିଥିଲା । ଏବେ ୧୯୫, ୨୧୨ ଟଙ୍କାରେ ବିକ୍ରି କରାଯାଉଛି । ସେହିପରି ପାତଞ୍ଜଳି ସୋରିଷ ତେଲ ୧୬୦, ସାଲୋନୀ ୧୬୩ ଟଙ୍କାରେ ବିକ୍ରି ହେଉଛି । ସାଧାରଣ ଭାବେ ପ୍ରତ୍ୟେକ ପରିବାରରେ ସୋରିଷ ତେଲର ଚାହିଦା ରହିଛି । ମହଜୁଦକାରୀମାନଙ୍କ ଉପରେ ସରକାରଙ୍କର ନିୟନ୍ତ୍ରଣ ନ ଥିବାରୁ ଏହି କୃତ୍ରିମ ମୂଲ୍ୟ ବୃଦ୍ଧି ଘଟୁଥିବାର ଖୁଚୁରା ବ୍ୟବସାୟୀମାନେ ପ୍ରକାଶ କରିଛନ୍ତି । ସରକାରଙ୍କ ନୀତି ନିୟମର ଫାଇଦା ନେଇ ବଜାରରେ ଅଭାବ ସୃଷ୍ଟି କରାଯାଉଛି । ଏହାର ପ୍ରଭାବରେ ଖାଉଟି ହନ୍ତସନ୍ତ ହେବାରେ ଲାଗିଛନ୍ତି । ଗତ ବର୍ଷ ଏହି ସମୟରେ ଇଞ୍ଜିନ ସୋରିଷ ତେଲ ୯୫ ଟଙ୍କା ବିକ୍ରି ହେଉଥିଲା । ଏବର୍ଷ ଏହାର ମୂଲ୍ୟ ଆଶାତୀତ ଭାବେ ବୃଦ୍ଧିପାଇଛି । ସେହିପରି ରିଫାଇନ, ସୋୟାବିନ, ପାମୋଲିନ ଓ ଡାଲଡା ଘିଅ ଆଦି ମୂଲ୍ୟରେ ମଧ ବୃଦ୍ଧି ଘଟିଥିବାର ପରିଲକ୍ଷିତ ହୋଇଛି ।

## ଟିମହ୍ୟୁମାନିଟି କନ୍ଧମାଳ ଏବଂ ପୋଲିସର ମିଳିତ ଭାବରେ କରୋନା ସଚେତନତା

କନ୍ଧମାଳ: ସମଗ୍ର ଦେଶରେ ପୁଣି କରୋନା କଡ ଲେଉଟାଣୀ ଦେବାସହିତ ସେଥିରୁ କନ୍ଧମାଳ ଜିଲ୍ଲାକୁ ମଧ ଧିରେ ଧିରେ କବଳିତ କରିବାକୁ ଲାଗିଲାଣି ତେଣୁ ଏନେଇ ଜିଲ୍ଲା ପ୍ରଶାସନ ଓ ପୋଲିସ ପ୍ରଶାସନ ବିଭିନ୍ନ କାର୍ଯ୍ୟକ୍ରମ ମାଧମରେ ମାସ୍କ ବ୍ୟବହାର ,ସାମାଜିକ ଦୁରତା ବଜାୟ ରଖିବା ଅତି ଆବଶ୍ୟକ ନଥିଲେ ଘରୁ ବାହାରକୁ ନବାହାରିବା ଏବଂ ସାମାଜିକ ଦୁରତା ବଜାୟ ରଖିବା ଭଳି ବିଭିନ୍ନ ସଚେତନତା ମୁଳକ କାର୍ଯ୍ୟକ୍ରମ ଆଜି ଫୁଲବାଣୀରେ ଟିମ ହ୍ୟୁମାନିଟି କନ୍ଧମାଳ ଏବଂ ଫୁଲବାଣୀ ଟାଉନ ଥାନା ପୋଲିସ ପକ୍ଷରୁ ମିଳିତ ଭାବରେ କରାଯାଇଛି । ଲୋକଙ୍କୁ ବାରମ୍ବାର ନିଜ ହାତକୁ ଭଲ ଭାବରେ ଧୋଇବା ଏପରି ଗାଁ ଗାଁ ବୁଲି ସଚେତନ କରୁଛି ପୋଲିସ । କିଲର ଭାଇରସ କରୋନାକୁ ସମୁଳେ ନିପାତ କରିବା ପାଇଁ ପ୍ରାୟାସ ଜାରିରଖିଛି ଟିମହ୍ୟୁମାନିଟି ଏବଂ ପୋଲିସ ପ୍ରଶାସନ । ଏଥିପାଇଁ ଆଜି ଆଉ ଏକ କରୋନା ସଚେତନତା କାର୍ଯ୍ୟକ୍ରମ କରାଯାଇଛି ସ୍ୱଚ୍ଛାସେବୀ ଦଳ ଟିମ ହ୍ୟୁମାନିଟି କନ୍ଧମାଳ ଏବଂ ଫୁଲବାଣୀ ପୋଲିସ ପକ୍ଷରୁ । ଫୁଲବାଣୀ ଏସଡିପିଓ ମହେନ୍ଦ୍ରନାଥ ମୁର୍ମୁଙ୍କ ନେତୃତ୍ୱରେ ଫୁଲବାଣୀ ଟାଉନ ଥାନାର ସେକେଣ୍ଡ ଅଫିସର ସାନ୍ତନୁ ପ୍ରଧାନ,କିଶୋର କୁମାର ମହାକୁଡ ଓ ଅନ୍ୟ ପୋଲିସ କର୍ମଚାରୀ ଅଂଶ ଗ୍ରହଣ କରିଥିଲେ ।




# କୋଭିଡ ଦ୍ୱିତୀୟ ଲହରର ପ୍ରଥମ ସଟଡାଉନରେ କେନ୍ଦ୍ରାପଡା ସହର ଜନଶୂନ୍ୟ

କେନ୍ଦ୍ରାପଡ଼ା (ପିଏନ୍): କୋଭିଡ - ୧୯ର ଦ୍ୱିତୀୟ ଲହରର ପ୍ରଥମ ସଟଡାଉନ ଘୋଷଣା ପରେ ଶନିବାର କେନ୍ଦ୍ରାପଡା ସହର ଜନଶୁନ୍ୟ ହୋଇପଡିଥିବା ଦେଖିବାକୁ



ମିଳିଛି । କରୋନା ସଂକ୍ରମଣର ଦ୍ୱିତୀୟ ଲହରକୁ ନେଇ ରାଜ୍ୟ ସରକାରଙ୍କ ଘୋଷଣା ଓ ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶନାମା ଜାରି ପରେ ଜନସାଧାରଣ ସଚେତନ ହୋଇପଡିଥିବା ଯୋଗୁଁ ନିହାତି ଜରୁରୀ ଆବଶ୍ୟକତା ନଥିଲେ ଘରୁ ପଦାକୁ ବାହାରିବାକୁ ଉଚିତ ମଣିନଥିବା ଦେଖାଯାଇଛି । କେନ୍ଦ୍ରାପଡା ପୌରା□ଳ ଅନ୍ତର୍ଗତ ଇଛାପୁର, କେଶପୁର ବଜାର, ସାନ୍ତସାହି, ମଢିଆଳ, ପୁରୁଣାବସଷ୍ଟାଣ୍ଡ, ବଡହାଟ, କାକଟ, ଗଣାମାହାଲ, ନୂଆବସଷ୍ଟାଣ୍ଡ, ବଣିଆମାଳ, ମହିପାଳ, କଜଳା, ତିନିମୁହାଣିଛକ ପ୍ରଭୃତି ସ୍ଥାନରେ ରାସ୍ତା ଗୁଡିକ ଶୁନଶାନ ଥିବା ଦେଖିବାକୁ ମିଳିଛି । ଏସବୁ ସ୍ଥାନ ଗୁଡିକରେ ବିଶେଷ ଭାବରେ ପୋଲିସ ବ୍ୟବସ୍ଥା ନଥାଇ ମଧ୍ୟ ଲୋକମାନେ ରାସ୍ତା ଉପରକୁ ଆସିନଥିବା ଦେଖାଯାଇଥିଲା । କୋଭିଡ ସଂକ୍ରମଣର ଭୟାବହତା ସମ୍ପର୍କରେ



ସାଧାରଣ ଲୋକ ପ୍ରାୟ ସଚେତନ ଥିଲା ପରି ଜଣାପଡୁଥିଲା । ଫଳରେ ପୋଲିସ ରାସ୍ତାରେ ନଥିଲେ ମଧ୍ୟ ଲୋକମାନେ ଘରୁ ବାହାରୁ ନଥିବା ଦେଖିବାକୁ ମିଳିଥିଲା । ଲୋକମାନେ ଏଭଳି ଭାବରେ ନିଜେ ସଚେତନ ହୋଇ କୋଭିଡ ନିୟମକୁ ଅନୁପାଳନ ପୂର୍ବକ ସାମାଜିକ ଦୂରତା ରକ୍ଷା, ହାତ ସାନିଟାଇଜ କରିବା ଓ ମାସ୍କ ପରିଧାନ ଦ୍ୱାରା ସହଜରେ କରୋନା ଭଳି ମହାମାରୀର ସଂକ୍ରମଣକୁ ହ୍ରାସ କରାଯାଇପାରିବ ବୋଲି ଉପଜିଲ୍ଲାପାଳ ନିରଞ୍ଜନ ବେହେରା କହିଛନ୍ତି । ଟାଉନ ଥାନାର ଭାରପ୍ରାପ୍ତ ଇନସପେକ୍ଟର ଜ୍ୟୋତିରଞ୍ଜନ ସାମନ୍ତରାୟ ଓ ସବଇନସପେକ୍ଟର ଅନ୍ତର୍ଯ୍ୟାମୀ ବିଶ୍ୱାଳ ସହରର ବିଭିନ୍ନ ସ୍ଥାନରେ ପଇଁତରା ମାରିବା ସହ ଅମାନିଆଙ୍କୁ କରୋନା ସଂକ୍ରଣ ସମ୍ପର୍କରେ ସଚେତନ କରୁଥିବା ଦେଖିବାକୁ ମିଳିଥିଲା । କୋଭିଡ - ୧୯ର ଦ୍ୱିତୀୟ ଲହରର ସଟଡାଉନ ଘୋଷଣା ପରେ ରବିବାର କେନ୍ଦ୍ରାପଡା ସହର ପ୍ରଥମ ଦିନ ଭଳି ଜନଶୁନ୍ୟ ହୋଇପଡିଥିବା ଦେଖିବାକୁ ମିଳିଛି । କରୋନା ସଂକ୍ରମଣର ଦ୍ୱିତୀୟ ଲହର ସଟଡାଉନର ଦ୍ୱିତୀୟ ଦିନରେ ଜନସାଧାରଣ ସଚେତନ ହୋଇପଡିଥିବା ଯୋଗୁଁ ନିହାତି ଜରୁରୀ ଆବଶ୍ୟକତା ନଥିଲେ ଘରୁ ପଦାକୁ ବାହାରୁ ନଥିବା ଦେଖାଯାଇଛି । କେତେକ ସ୍ଥାନରେ କିଛି ଆମାନିଆ ରାସ୍ତା ଉପରକୁ ଆସିଥିବା ବେଳେ ପୋଲିସର କଡା ପ୍ରହରା ସେମାନଙ୍କୁ ଫେରି ଯିବାକୁ ବାଧ କରିଥିଲା । କେନ୍ଦ୍ରାପଡା ପୌରା□ଳର ଇଛାପୁର, କେଶପୁର ବଜାର, ସାନ୍ତସାହି, ମଢିଆଳ, ପୁରୁଣାବସଷ୍ଟାଣ୍ଡ, ବଡହାଟ, କାକଟ, ଗଣାମାହାଲ, ନୂଆବସଷ୍ଟାଣ୍ଡ, ବଣିଆମାଳ, ମହିପାଳ, କଜଳା, ତିନିମୁହାଣିଛକ ପ୍ରଭୃତି ସ୍ଥାନରେ ରାସ୍ତା ଗୁଡିକ ଶୁନଶାନ ରହିଥିବା ଦେଖିବାକୁ ମିଳିଛି । କାଁ ଭାଁ କିଛି ଅମାନିଆମାନେ ରାସ୍ତା ଉପରକୁ ଆସିଯାଇଥିବା ବେଳେ ପୋଲିସ ସେମାନଙ୍କୁ ଘଉଡାଇ ଦେଇଥିବାର ଦେଖିବାକୁ ମିଳିଛି । କେତେକ ସରକାରୀ କର୍ମଚାରୀ ଏବଂ ଅନ୍ୟ କିଛି ଜରୁରୀ କାର୍ଯ୍ୟରେ ଯାଉଥିବା ବେଳେ ପୋଲିସକୁ ପରିଚୟ ପତ୍ର ଓ ପ୍ରମାଣ ଦେଖାଇ ଯାଉଥିବାର ଦେଖିବାକୁ ମିଳିଥିଲା। କେନ୍ଦ୍ରାପଡା ଏସଡିପିଓ ରାଜୀବ ଲୋଚନ ପଣ୍ଡା, ଟାଉନ ଥାନାର ଭାରପ୍ରାପ୍ତ ଇନସପେକ୍ଟର ଜ୍ୟୋତିରଞ୍ଜନ ସାମନ୍ତରାୟ, ସବଇନସପେକ୍ଟର ଅନ୍ତର୍ଯ୍ୟାମୀ ବିଶ୍ୱାଳ ଓ ସବଇନସପେକ୍ଟର ସୌମ୍ୟରଞ୍ଜନ ଜାଲ, ପୁରୁଣା ବସଷ୍ଟାଣ୍ଡ ଫାଣ୍ଡିର ହାବିଲଦାର ନରେନ୍ଦ୍ର ନାଥ ସୋରେନ ପ୍ରମୁଖ ସହରର ବିଭିନ୍ନ ସ୍ଥାନରେ ପଇଁତରା ମାରିବା ସହ ଲୋକମାନଙ୍କୁ କରୋନା ସଂକ୍ରଣ ସମ୍ପର୍କରେ ସଚେତନ କରାଇବା ସହ ଅମାନିଆଙ୍କୁ ଘଉଡାଇଦେଇଥିବାର ଦେଖିବାକୁ ମିଳିଥିଲା ।

## କରୋନା ବିରୋଧରେ ଲଢିବା ପାଇଁ ପାରସ୍ପରିକ ବିଶ୍ୱାସ ଆବଶ୍ୟକ



ଭୁବନେଶ୍ୱର (ପିଏନ୍): କୋଭିଡ ମହାମାରୀର ସଂକ୍ରମଣ ପୁଣି ଥରେ ଭୟାନକର ଆହ୍ୱାନ ରୂପେ ଦେଶ ସମ୍ମୁଖରେ ଠିଆ ହୋଇଛି । ମହାମାରୀର ସଂକ୍ରମଣ ଏବଂ ଗମ୍ଭୀରତା ପୂର୍ବ ଅପେକ୍ଷା ଏଥର ଅଧିକ ଗୁରୁତ୍ୱର ଅଟେ । ଆଜି ଦେଶର ଅଧିକାଂଶ ଅଂଚଳ ଏହାର ନିର୍ଦ୍ଦୟ ମାଡର ସମ୍ମୁଖୀନ ହେଉଛନ୍ତି । ବହୁ ସଂଖ୍ୟାର ଲୋକ ସଂକ୍ରମିତ ହୋଇ ଡାକ୍ତରଖାନାରେ ଭର୍ତି ହେଉଛନ୍ତି । ଶହଶହ ପରିବାର ମଧ୍ୟ ନିଜର ପ୍ରିୟଜନଙ୍କୁ ହରାଉଛନ୍ତି । ଏହି ବିପର୍ଯ୍ୟୟରେ ରାଷ୍ଟ୍ରୀୟ ସ୍ୱୟସେବକ ସଂଘ ସମସ୍ତ ଦେଶବାସୀଙ୍କୁ ସମବେଦନା ଜ୍ଞାପନ କରୁଛି । ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ସରକାର୍ଯ୍ୟବାହ ଶ୍ରୀ ଦତାତ୍ରେୟ ହୋସବ୍ୱାଲେ ଏକ ପ୍ରେସ ବିଜ୍ଞପ୍ତି ମାଧ୍ୟମରେ ପ୍ରକାଶ କରି କହିଛନ୍ତି ଯେ, ପରିସ୍ଥିତି ଭୟଙ୍କର, କିନ୍ତୁ ସମାଜର ଶକ୍ତି କମିଯାଇନାହିଁ । ଚରମ ସଂକଟ ସହ ମୁକାବିଲା କରିବାର ଆମର କ୍ଷମତା ଜଣାଶୁଣା । ଆମେ ବିଶ୍ୱାସ କରୁ ଯେ ଧୈର୍ଯ୍ୟ ଏବଂ ମନୋବଳ ବଜାୟ ରଖି ଆମେ ନିଜେ ଅନୁଶାସନ ଏବଂ ପରସ୍ପର ସହଯୋଗ ଦ୍ୱାରା ନିଶ୍ଚିତ ଭାବରେ ଏହି ଭୟଙ୍କର ପରିସ୍ଥିତିରେ ବିଜୟୀ ହେବୁ । ମହାମାରୀର ହଠାତ୍ ବିକାଟାଳ ରୂପ ଧାରଣ କରିବାରୁ ଶଯ୍ୟା, ଅମ୍ଳଜାନ ଏବଂ ଔଷଧ ଭଳି ଆବଶ୍ୟକୀୟ ସମ୍ବଳ ଅଭାବରୁ ଡାକ୍ତରଖାନା ଗୁଡିକରେ କଷ୍ଟର ସମ୍ମୁଖୀନ ହେବାକୁ ପଡୁଛି । ଭାରତ ପରି ଏକ ବିଶାଳ ଦେଶରେ ସମସ୍ୟାର ସ୍ୱରୂପ ବିଶାଳ ରୂପ ନେଉଛି । ସମସ୍ୟାର ସମାଧାନ ପାଇଁ କେନ୍ଦ୍ର , ରାଜ୍ୟ ସରକାର, ପ୍ରଶାସନ ଏବଂ ସ୍ଥାନୀୟ ସଂଗଠନ ମାନଙ୍କ ଦ୍ୱାରା ବ୍ୟାପକ ଉଦ୍ୟମ କରାଯାଉଛି । ଚିକିତ୍ସା କ୍ଷେତ୍ରରେ ସମସ୍ତ ଭାଇ,ଭଉଣୀ, ସୁରକ୍ଷା ଏବଂ ସ୍ୱଚ୍ଛତା କର୍ମକର୍ତାମାନେ ନିଜ ଜୀବନକୁ ବାଜି ଲଗାଇ ପୂର୍ବପରି ଦାୟିତ୍ୱ ତୁଲାଉଛନ୍ତି । ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ସ୍ୱୟଂସେବକମାନେ ସମାଜର ଆବଶ୍ୟକତା ପୂରଣ କରିବା ପାଇଁ ସାରା ଦେଶରେ ବିଭିନ୍ନ ପ୍ରକାର ସେବା କାର୍ଯ୍ୟରେ ସକ୍ରିୟ ରହିଛନ୍ତି । ଅନେକ ଧାର୍ମିକ,ସାମାଜିକ ଅନୁଷ୍ଠାନ ସହିତ ସାଧାରଣ ସମାଜ ମଧ୍ୟ ନିଜ ପ୍ରେରଣାରେ ଚ୍ୟାଲେଂଜକୁ ଗମ୍ଭୀରତା ସହ ନେଇ ସମସ୍ତ ପ୍ରକାର ପ୍ରୟାସରେ ନିୟୋଜିତ ଅଛନ୍ତି । ଏହା ମଧ୍ୟ ସମ୍ଭବ ଯେ ସମାଜ ବିରୋଧୀ ତଥା ଭାରତ ବିରୋଧୀ ଶକ୍ତି ଏହି ଗରୁତ୍ୱର ପରିସ୍ଥିତିର ସୁଯୋଗ ନେଇ ଦେଶରେ ନକରାତ୍ମକତା ଏବଂ ଅବିଶ୍ୱାସର ବାତାବରଣ ସୃଷ୍ଟି କରି ପାରନ୍ତି । ଦେଶବାସୀଙ୍କୁ ମଧ୍ୟ ସେମାନଙ୍କର ସକରାତ୍ମକ ପ୍ରୟାସ ସହିତ ଏହି ଶକ୍ତିର ଷଡଯନ୍ତ୍ର ବିଷୟରେ ସଚେତନ ହେବାକୁ ପଡିବ । ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ସ୍ୱୟଂସେବକମାନଙ୍କ ସହିତ ସମାଜର ସମସ୍ତ ସାମାଜିକ, ଧାର୍ମିକ ସଂଗଠନ, ସେବା ସଂଗଠନ, ଶିଳ୍ପ ଏବଂ ବ୍ୟବସାୟିକ ପ୍ରତିଷ୍ଠାନ ଇତ୍ୟାଦି କ୍ଷେତ୍ରର ଭାଇମାନଙ୍କୁ ନମ୍ରତାର ସହ ଅନୁରୋଧ କରେ ଯେ ଏହାର ସମାଧାନ ପାଇଁ ସେବା ଭାବ ସହିତ ଏକତ୍ରିତ ହୋଇ କୌଣସି ପ୍ରକାରରେ ଅଭାବ ଦୂର କରିବା ପାଇଁ ଯଥା ସମ୍ଭବ ଚେଷ୍ଟା କରନ୍ତୁ । ସାମ୍ପ୍ରତିକ ପରିସ୍ଥିତିକୁ ଧ୍ୟାନରେ ରଖି କିଛି ଗୁରୁତ୍ୱପୂର୍ଣ୍ଣ ଜିନିଷ ପ୍ରତି ଧ୍ୟାନ ଦେବା ଜରୁରୀ ବୋଲି ଶ୍ରୀ ହୋସବ୍ୱାଲେ ନିବେଦନ କରିଛନ୍ତି । ସେ କହିଛନ୍ତି ଯେ, ସ୍ୱାସ୍ଥ୍ୟ ଏବଂ ଅନୁଶାସନ ସମ୍ବନ୍ଧୀୟ ସମସ୍ତ ନିୟମକୁ ପାଳନ କରି ସେବାରେ ନିୟୋଜିତ ଲୋକମାନେ ନିଜେ ନିଜକୁ ସୁରକ୍ଷିତ ରଖନ୍ତୁ । ମାସ୍କ ପିନ୍ଧିବା, ସ୍ୱଚ୍ଛତା, ଶାରୀରିକ ଦୂରତା, ବ୍ୟକ୍ତିଗତ ତଥା ସାର୍ବଜନୀନ କାର୍ଯ୍ୟକ୍ରମରେ ସଂଖ୍ୟା ସୀମା, କର୍ଫ୍ୟୁର ନିୟମ ପାଳନ କରିବା ଏବଂ ଆୟୁର୍ବେଦିକ କାଢା ସେବନ, ବାଷ୍ପ ଗ୍ରହଣ, ଟୀକାକରଣ ପରି ସ୍ୱାସ୍ଥ୍ୟ ବିଷୟଗୁଡିକ ଉପରେ ବ୍ୟାପକ ଜନଜାଗରଣ କରାଯାଉ । ଅତି ଆବଶ୍ୟକ ହେଲେ ଘରୁ ବାହାରକୁ ଯାଆନ୍ତୁ । ସମାଜକୁ ଅନୁରୋଧ କରୁଛି ଯେ, ନିଜେ ସାମୂହିକ ନିଷ୍ପତି ମାଧ୍ୟମରେ ସ୍ଥାନୀୟ ସ୍ତରରେ ଦୈନନ୍ଦିନ କାର୍ଯ୍ୟକଳାପକୁ ନିୟନ୍ତ୍ରଣ କରନ୍ତୁ । ସମସ୍ତ ସ୍ତରରେ ଶାସନ, ପ୍ରଶାସନ, ଡାକ୍ତର, ଚିକିତ୍ସା କର୍ମଚାରୀ, ସୁରକ୍ଷା ଏବଂ ସ୍ୱଚ୍ଛତା କର୍ମୀଙ୍କ ସହିତ ସମ୍ପୂର୍ଣ୍ଣ ସହଯୋଗ କରନ୍ତୁ । ଗଣମାଧ୍ୟମ ସହିତ ସମାଜର ସମସ୍ତ ବର୍ଗଙ୍କୁ ଅନୁରୋଧ ଯେ ସମାଜରେ ସକାରାତ୍ମକତା, ଆଶା ଏବଂ ବିଶ୍ୱାସର ବାତାବରଣ ବଜାୟ ରଖିବାରେ ସହଯୋଗ କରିବାକୁ ଅନୁରୋଧ । ସାମାଜିକ ଗଣମାଧ୍ୟମରେ ସକ୍ରିୟ ଥିବା ବ୍ୟକ୍ତିମାନେ ବିଶେଷ ସଂଯମତା ଏବଂ ସତର୍କତା ସହିତ ଏକ ସକାରାତ୍ମକ ଭୂମିକା ଗ୍ରହଣ କରିବା ଉଚିତ ।

# ଉତ୍କଳଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ଉପଲକ୍ଷେ ଆୟୋଜିତ ଏକ ୱେବିନାର୍



ଭୁବନେଶ୍ୱର (ପିଏନ୍): ଉତ୍କଳ-ଗୌରବ ମଧୁସୂଦନ ଦାସଙ୍କ ପୁଣ୍ୟ ଜନ୍ମତିଥି ଅବସରରେ ଓଡ଼ିଶା ରାଜ୍ୟ ସଂଗ୍ରହାଳୟ ପକ୍ଷରୁ ଆୟୋଜିତ ହୋଇଯାଇଛି "ନବ ଓଡ଼ିଶାର ନିର୍ମାତା-ମଧୁବାବୁ" ଶୀର୍ଷକ ୱେବିନାର୍। ଏହି ୱେବିନାରରେ ଉଦ୍‌ଘାଟକ ତଥା ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ କ୍ୟାପ୍‌ଟେନ୍ ଦିବ୍ୟଶଙ୍କର ମିଶ୍ର, ମାନ୍ୟବର ମନ୍ତ୍ରୀ, ଶକ୍ତି, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ, ଗୃହ (ରାଷ୍ଟ୍ର) ମନ୍ତ୍ରୀ । ତାଙ୍କ ଅଭିଭାଷଣରେ ସେ, ମଧୁବାବୁଙ୍କର ଶିଳ୍ପ ପ୍ରତି ଆନ୍ତରିକତା ଓ ସମର୍ପଣ ଭାବକୁ ଉପସ୍ଥାପନ କରିବା ସଙ୍ଗେ ସଙ୍ଗେ ଏଭଳି ୱେବିନାରରେ ଛାତ୍ରଛାତ୍ରୀମାନେ ବହୁ ସଂଖ୍ୟାରେ ଯୋଗଦାନ କରିଥିବାରୁ ଖୁସି ଅଭିବ୍ୟକ୍ତ କରିଥିଲେ। ପ୍ରତ୍ୟେକ ବ୍ୟକ୍ତି ଭିତରେ ଜଣେ ନାୟକ ବା ନାୟିକା ପ୍ରଚ୍ଛନ୍ନ ଭାବରେ ରହିଥାନ୍ତି ଏବଂ ତା'କୁ ଆବିଷ୍କାର କରିବା ହେଉଛି ଆମମାନଙ୍କର ଦାୟିତ୍ୱ ବୋଲି ସେ ମତବ୍ୟକ୍ତ କରିଥିଲେ । ଗ୍ରାମାଞ୍ଚଳରେ ସୂତାକଟା ଓ ଲୁଗାବୁଣା ଶିଳ୍ପର ବିକାଶ ପାଇଁ ମଧୁବାବୁଙ୍କର ଚେଷ୍ଟା କୁଟୀର ଶିଳ୍ପର ବିକାଶ ଦିଗରେ ସହାୟକ ହୋଇପାରିଥିଲା। ବିଭାଗର ପ୍ରମୁଖ ଶାସନ ସଚିବ ଡ. ବିଷ୍ଣୁପଦ ସେଠୀ ତାଙ୍କ ଅଭିଭାଷଣରେ ମଧୁବାବୁଙ୍କର ନୂଆ ଓଡ଼ିଶା ଗଠନର ସ୍ୱପ୍ନକୁ ସାକାର କରିବା ପ୍ରତ୍ୟେକ ଜନସାଧାରଣଙ୍କର ଦାୟିତ୍ୱ ବୋଲି ମତବ୍ୟକ୍ତ କରିବା ସଙ୍ଗେ ସଙ୍ଗେ ମଧୁବାବୁଙ୍କ ଆଦର୍ଶରେ ଓଡ଼ିଶାର ପ୍ରତ୍ୟେକ ବ୍ୟକ୍ତି ଅନୁପ୍ରାଣିତ ହେବା ଉଚିତ୍ ବୋଲି ଆଶାବ୍ୟକ୍ତ କରିଥିଲେ। ସମୃଦ୍ଧ ଓଡ଼ିଶା ଗଠନ ପାଇଁ ମଧୁବାବୁ ୧୯୦୫ ମସିହାରେ ଉତ୍କଳ ଟ୍ୟାନେରୀ ପ୍ରତିଷ୍ଠା କରିବା ସହିତ ଓଡ଼ିଶାର ଶିଳ୍ପ ଓ ପ୍ରଗତି ପ୍ରତି ଏକ ନୂଆ ରାହା ଦେଖାଇଥିଲେ। ସେ କହିଥିଲେ - ମଧୁବାବୁ କେବଳ ଜଣେ ସ୍ୱାଧୀନତା ସଂଗ୍ରାମୀ, ଆଇନଜୀବୀ ବା ସମାଜ ସୁଧାରକ ନଥିଲେ, ଥିଲେ ଭାଷା ସାହିତ୍ୟର ସାଧକ ଓ ଉପାସକ। ମୁଖ୍ୟବକ୍ତା ଭାବେ ଯୋଗଦେଇ ବିଶିଷ୍ଟ ସାହିତ୍ୟିକ ଶ୍ରୀଯୁକ୍ତ ଦାଶ ବେନହୁର୍ ମଧୁବାବୁଙ୍କର ଓଡ଼ିଆ ଜାତି ନିର୍ମାଣରେ ଅବଦାନକୁ ଉପସ୍ଥାପନ କରିବା ସଙ୍ଗେ ସଙ୍ଗେ ମଧୁବାବୁ ଓଡ଼ିଆ ଜାତିର ମୁକୁଟବିହୀନ ସମ୍ରାଟ ବୋଲି ସେ ମତବ୍ୟକ୍ତ କରିଥିଲେ। ଆଧୁନିକ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ମଧୁବାବୁଙ୍କର ଅବଦାନ ଅବିସ୍ମରଣୀୟ ଏବଂ ଏହି ମହାସଂଗ୍ରାମର ସେ ହିଁ ସେନାପତି ବୋଲି ସେ ପ୍ରକାଶ କରିଥିଲେ। ନୂଆ ଓଡ଼ିଶାର ନିର୍ମାଣର ନାୟକ ମଧୁବାବୁଙ୍କ ଜୀବନର ଓଡ଼ିଆ ଭାଷାଭାଷୀ ଏକତ୍ରୀକରଣ ସର୍ବଶ୍ରେଷ୍ଠ ଐତିହାସିକ କାର୍ଯ୍ୟ ଏବଂ ଓଡ଼ିଆ ଜାତିକୁ ତାଙ୍କର ଶ୍ରେଷ୍ଠ ଉପହାର ବୋଲି ସେ ମତବ୍ୟକ୍ତ କରିଥିଲେ । ଏତଦ୍‌ବ୍ୟତୀତ ସେ ପଗଡ଼ି ପୁରୁଷଙ୍କ ବହୁ ଅନାଲୋଚିତ ତଥ୍ୟକୁ ମଧ୍ୟ ଏହି ଅବସରରେ ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ସଂଗ୍ରହାଳୟର ଅଧୀକ୍ଷକ ଡ. ଭାଗ୍ୟଲିପି ମଲ୍ଲ ଏବଂ ସଂଗ୍ରହାଳୟରେ ଗଚ୍ଛିତ ଥିବା ମଧୁବାବୁଙ୍କ ବ୍ୟବହୃତ ସାମଗ୍ରୀ ତାଙ୍କର ପଗଡ଼ି, ଚଷମା, ହାତବାଡ଼ି, ହାତୀଦାନ୍ତର ଟେବୁଲ୍, ମାନପତ୍ର, ପାନଡବା, ବନ୍ଧୁକ, ରୁମାଲ୍, ଚାମଚ ପ୍ରଭୃତି ଭର୍ଚୁଆଲ୍ ୱେବିନାରରେ ପ୍ରଦର୍ଶନ କରିଥିଲେ, ଯାହାକି ଯୋଗଦେଇଥିବା ଛାତ୍ରଛାତ୍ରୀମାନଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇପାରିଥିଲା। ଏତଦ୍‌ବ୍ୟତୀତ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧୀନରେ ଥିବା କଟକ ସ୍ଥିତ ମଧୁସ୍ମୃତି ସଂଗ୍ରହାଳୟରେ ପ୍ରଦର୍ଶିତ ହୋଇଥିବା ମଧୁବାବୁଙ୍କର ଖଟ, ଗଦି, ତକିଆ, ପୋଷାକ, ଜୋତା, ଆସବାବପତ୍ର ଓ ବିଭିନ୍ନ ଫଟୋଚିତ୍ରଗୁଡ଼ିକୁ ଓଡ଼ିଶାର ପ୍ରତ୍ୟେକ ଛାତ୍ରଛାତ୍ରୀମାନେ ଆଖିରେ ଦେଖିଯିବା ପାଇଁ ନିବେଦନ କରିଥିଲେ। ଏହାଦ୍ୱାରା ପିଲାମାନଙ୍କ ମନରେ ମଧୁବାବୁଙ୍କ ପ୍ରତି ସମର୍ପିତ ତଥା ଉତ୍ସର୍ଗୀକୃତ ଭାବନା ଜାଗ୍ରତ ହେବା ସହିତ ଓଡ଼ିଆ ଜାତିପ୍ରୀତି ପାଇଁ ଅଧିକ ଉତ୍ସାହ ଜାଗ୍ରତ ହୋଇ ପାରିବ। ୱେବିନାର୍‌ରେ ବହୁ ବିଶିଷ୍ଟ ବ୍ୟକ୍ତିବିଶେଷ ଓ ଅନେକ ଛାତ୍ରଛାତ୍ରୀ ଯୋଗଦେଇଥିଲେ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଆୟୋଜିତ ହେବାକୁ ଯାଉଥିବା ଓଡ଼ିଶାର ବରପୁତ୍ର ସମ୍ପର୍କରେ ଧାରାବାହିକ ୱେବିନାର୍‌ର ଏହା ହେଉଛି ପ୍ରଥମ ୱେବିନାର୍, ଯାହା ଥିଲା ଉତ୍କଳଗୌରବ ମଧୁସୂଦନଙ୍କ ପାଇଁ ଉତ୍ସର୍ଗୀକୃତ।

## ଜିଲ୍ଲାର ବିଭିନ୍ନ ଥାନାରେ ଥିବା ପୋଲିସ ସବଇନସପେକ୍ଟରଙ୍କ ବଦଳି

କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଜିଲ୍ଲାର ବିଭିନ୍ନ ଥାନାରେ ଥିବା ପୋଲିସ ସବଇନସପେକ୍ଟରଙ୍କ ବଦଳି କରିଛନ୍ତି ଆରକ୍ଷୀ ଅଧିକ୍ଷକ ସମ୍ବିତ ସମ୍ପଦ ମଡକର । ଥାନାର ଏସଆଇ ଏସ.ଆର. ପାଣିଗ୍ରାହୀଙ୍କୁ ସଦର ଥାନାର ଚାନ୍ଦୋଳ ଫାଣ୍ଡିକୁ ବଦଳି କରାଯାଇଥିବା ବେଳେ ଚାନ୍ଦୋଳ ଫାଣ୍ଡିରେ ଥିବା ଏସ.ଆଇ. ଶରତ ଚନ୍ଦ୍ର ଦାସଙ୍କୁ ନିକିରେଇ ଥାନାକୁ ବଦଳି କରାଯାଇଛି । ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାର ଏସ.ଆଇ. ବିଲ୍ୱମଙ୍ଗଳ ସେଠୀଙ୍କୁ ଚଉଦକୁଲାଟ ଫାଣ୍ଡିକୁ ବଦଳି କରାଯାଇଥିବା ବେଳେ ସେହି ଥାନାର ଏସ.ଆଇ. ବିଶ୍ୱଜୀତ ଭୋଇଙ୍କୁ ପାଟକୁରା ଥାନାକୁ ବଦଳି କରାଯାଇଛି । ଟାଉନ ଥାନାର ସବଇନସପେକ୍ଟର ଅନ୍ତର୍ଯ୍ୟାମୀ ବିଶ୍ୱାଳଙ୍କୁ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାକୁ ବଦଳି କରାଯାଇଥିବା ବେଳେ ଚଉଦକୁଲାଟ ଫାଣ୍ଡିର ଏସ.ଆଇ. ବିଜୟ କୁମାର ଖଟୁଆଙ୍କୁ ମାର୍ଶାଘାଇ ଥାନାକୁ ବଦଳି କରାଯାଇଛି । ସେହିପରି ପୋଲିସ ମୁଖ୍ୟାଳୟରେ ଥିବା ଏସ.ଆଇ. ରମାକାନ୍ତ ବେହେରାଙ୍କୁ ରାଜକନିକା ଥାନାକୁ ବଦଳି କରାଯାଇଥିବା ବେଳେ ଡେରାବିଶି ଥାନାରେ ଥିବା ଏସ.ଆଇ. ଶ୍ରୀଧର ମାହାଳିକଙ୍କୁ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାକୁ ବଦଳି କରାଯାଇଛି ।

## ପିସିସି ପକ୍ଷରୁ କୋଭିଡ୍ କଂଟ୍ରୋଲ ରୁମ୍ ଖୋଲିଲା

ଭୁବନେଶ୍ୱର (ପିଏନ୍)- କରୋନା ମହାମାରୀ ବର୍ତମାନ ଓଡିଶାରେ ଭୟଙ୍କର ସ୍ଥିତି ସୃଷ୍ଟି କରିଛି। ଏଥିରେ ସାଧାରଣ ଲୋକଙ୍କୁ ସାହାଯ୍ୟ କରିବା ପାଇଁ ନିଖିଳ ଭାରତ କଂଗ୍ରେସ କମିଟିର ନିର୍ଦ୍ଦେଶକ୍ରମେ ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ କୋଭିଡ୍ କଂଟ୍ରୋଲ ରୁମ୍ ଖୋଲାଯାଇଛି। ଏହି ଅବସରରେ ପିସିସି ସଭାପତି ଶ୍ରୀ ନିରଂଜନ ପଟ୍ଟନାୟକ ୫ ଜଣିଆ କମିଟି ଗଠନ କରିଛନ୍ତି। ଏହି କମିଟି କଂଟ୍ରୋଲ ରୁମ୍ ଦାୟିତ୍ୱରେ ରହି ସୂଚାରୁ ରୂପେ କାର୍ଯ୍ୟ ସମାପନ କରିବେ ବୋଲି ଶ୍ରୀ ପଟ୍ଟନାୟକ ନିର୍ଦ୍ଦେଶ ଦେଇଛନ୍ତି। ଏହି କମିଟିରେ ପଦ୍ମାକର ଗୁରୁ (ମୋ - ୬୩୭୦୯୬୫୯୭୮) ସଂଯୋଜକ ଥିବାବେଳେ ସୁବ୍ରତ ମହାପାତ୍ର (ମୋ - ୯୧୩୨୭୮୫୬୨୪), ଲିଙ୍ଗରାଜ ସାହୁ (ମୋ-୯୨୩୭୦୧୦୯୩୯), ପ୍ରମୋଦ କୁମାର ସାହୁ (ମୋ-୭୦୦୮୭୮୮୬୭୭) ଓ ତରୁଣକାନ୍ତ ମିଶ୍ର (ମୋ- ୯୪୩୭୧୯୨୧୬୧) ପ୍ରମୁଖ ସଭ୍ୟ ଭାବେ ରହିଛନ୍ତି। ଏହି କଂଟ୍ରୋଲ ରୁମ ସକାଳ ୯ ଘଟିକାରୁ ସନ୍ଧ୍ୟା ୬ ଘଟିକା ପର୍ଯ୍ୟନ୍ତ କାର୍ଯ୍ୟ କରିବ ବୋଲି ପିସିସି କାର୍ଯ୍ୟାଳୟ ପକ୍ଷରୁ ପିସିସି ଗଣମାଧ୍ୟମ ସଂଯୋଜକ ଦୀପକ କୁମାର ମହାପାତ୍ର ଜଣାଇଛନ୍ତି।

## ସ୍କୁଟି ଚଳାଇବା ବେଳେ ମୋବାଇଲ ଫୋନରେ କଥା ହେଉଥିବାରୁ ଜୋରିମନା

କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ସହରର ପୁରୁଣା ବସଷ୍ଟାଣ୍ଡରୁ ସାନ୍ତସାହି ରାସ୍ତାରେ ପୂର୍ବତନ ଜିଲ୍ଲା ବିଜେପି ସଭାପତି ଦୁର୍ଯ୍ୟୋଧନ ସାହୁ ବଳଗଣ୍ଡି ନିକଟରେ ସ୍କୁଟି ଚଳାଇ ଯାଉଥିବା ସମୟରେ ମୋବାଇଲ ଫୋନରେ କଥା ହେଉଥିବା ସେହି ରାସ୍ତାରେ ଯାଉଥିବା ଆରକ୍ଷୀ ଅଧିକ୍ଷକ ସମ୍ବିତ ସମ୍ପଦ ମଡକର ଦେଖିବାକୁ ପାଇଥିଲେ । ଆରକ୍ଷୀ ଅଧିକ୍ଷକଙ୍କ ନିର୍ଦ୍ଦେଶ କ୍ରମେ ଶ୍ରୀ ସାହୁଙ୍କୁ ଆଇନ ଉଲ୍ଲଙ୍ଘନ ନିମନ୍ତେ ୫ହଜାର ଟଙ୍କା ଜୋରିମାନା କରାଯାଇଥିଲା । କିନ୍ତୁ ଜୋରିମାନା ନଦେବାରୁ ସେ ଚଳାଉଥିବା ସ୍କୁଟିକୁ ଟାଉନ ଥାନାକୁ ପୋଲିସ ନେଇଯାଇଥିଲା । ଏହାପରେ ଶ୍ରୀ ସାହୁ ଥାନାକୁ ଯାଇ ସେଠାରେ କିଛି ଘଂଟା ବସିବା ପରେ ଘରକୁ ଫେରି ଆସିଥିବା ବେଳେ ଜୋରିମାନା ଦେଇନଥିବାରୁ ସ୍କୁଟିଟି ଥାନାରେ ରଖାଯାଇଥିବା ସୂଚନା ମିଳିଛି ।

## ଛତା କୋଭିଡ ହସପିଟାଲ କାର୍ଯ୍ୟକ୍ଷମ ହେଲା

କେନ୍ଦ୍ରାପଡ଼ା (ପିଏନ୍): ଭୁବନେଶ୍ୱର ସମ ହସପିଟାଲ ଦ୍ୱାରା ପରିଚାଳିତ ଛତା କୋଭିଡ ହସପିଟାଲ କାର୍ଯ୍ୟକ୍ଷମ ହୋଇଥିବା ଜିଲ୍ଲାପାଳ ଅମ୍ରିତ ଋତୁରାଜ ଟୁଇଟ କରି ସୂଚନା ଦେଇଛନ୍ତି। ଏଥିସହିତ ପଟ୍ଟାମୁଣ୍ଡାଇ ଉପଖଣ୍ଡ ଡାକ୍ତରଖାନାରେ ଏକ ଜିଲ୍ଲାସ୍ତରୀୟ କୋଭିଡ ସ୍ୱାସ୍ଥ୍ୟକେନ୍ଦ୍ର କାର୍ଯ୍ୟ କରିବ ବୋଲି ଜିଲ୍ଲାପାଳ କହିଛନ୍ତି । ୫୦ଟି ଅମ୍ଳଜାନ ସିଲିଣ୍ଡର ଏଥିନିମନ୍ତେ ଗଚ୍ଛିତ କରି ରଖାଯାଇଥିବା ସେ କହିଛନ୍ତି। ଜିଲ୍ଲାର ସମସ୍ତ ନାଗରିକମାନଙ୍କୁ କୋଭିଡ ନିୟମ ପାଳନ କରିବାକୁ ଏହି ଅବସରରେ ଜିଲ୍ଲାପାଳ ନିବେଦନ କରିଛନ୍ତି।

## ଆକସ୍ମିକ ଅଗ୍ନିକାଣ୍ଡରେ ୪ବଖରା ଘର ଭସ୍ମୀଭୂତ

କେନ୍ଦ୍ରାପଡ଼ା (ପିଏନ୍): ଆକସ୍ମିକ ଅଗ୍ନିକାଣ୍ଡରେ ୪ବଖରା ଘର ପୋଡି ପାଉଁଶ ହୋଇଯାଇଛି । କେନ୍ଦ୍ରାପଡା ପୌରା□ଳ ଅନ୍ତର୍ଗତ ଜୟୀପୁରା ଗ୍ରାମର ସେକ ବସିରଙ୍କ ପୁଅ ସେକ ବଦିରଙ୍କ ୪ବଖରା ଘର ବିଦ୍ୟୁତ ସଟସର୍କିଟରୁ ପୋଡି ପାଉଁଶ ହୋଇଯାଇଛି । ଖବର ପାଇ କେନ୍ଦ୍ରାପଡା ଅଗ୍ନିଶମ ବିଭାଗ ଗାଡି ଘଟଣାସ୍ଥଳରେ ପହଁଚି ନିଆଁକୁ ଆୟତ କରିଥିଲା । ସେହି ୪ବଖରା ଘରେ ଥିବା ସମସ୍ତ ଆସବାବପତ୍ର ପୋଡି ପାଉଁଶ ହୋଇଯାଇଥିବା ସୂଚନା ମିଳିଛି ।

## ସୁଧ ଟଙ୍କା ନଦେବାରୁ ଦମ୍ପତିଙ୍କୁ ମରଣାନ୍ତକ ଆକ୍ରମଣ ଅଭିଯୋଗ

କେନ୍ଦ୍ରାପଡ଼ା (ପିଏନ୍): ଧାର ନେଇଥିବା ଅର୍ଥର ସୁଧ ବାବଦ ଟଙ୍କା ଦେଇନଥିବା ଯୋଗୁଁ ଏକ ଅନୁସୂଚିତ ଜାତି ଦମ୍ପତିଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଥିବା ଅଭିଯୋଗ ହୋଇଛି । କେନ୍ଦ୍ରାପଡା ସଦର ଥାନା ଅନ୍ତର୍ଗତ ଚକ୍ରୋଡା ଗ୍ରାମପ□ାୟତର କନ୍ତିଆ ଗ୍ରାମର କ୍ଷୀରୋଦ ସେଠୀଙ୍କ ପତ୍ନୀ ଗାୟତ୍ରୀ ସେଠୀ ସଦର ଥାନାରେ ଅଭିଯୋଗ କରିଛନ୍ତି ଯେ ସେ ସେହି ଗ୍ରାମର ପଙ୍କଜ ଜେନାଙ୍କଠାରୁ ପ୍ରାୟ ୧୨ହଜାର ଟଙ୍କା ସୁଧରେ ଉଦ୍ଧାର ଆଣିଥିଲେ । କିନ୍ତୁ ମୂଳ ଟଙ୍କା ଶୁଝି ଦେଇଥିବା ବେଳେ ସୁଧ ଅର୍ଥରୁ କିଛି ରହିଯାଇଥିଲା। ସେଥିପାଇଁ ସେହି ଗ୍ରାମର ଟୁକୁନା ଓ କୁଜି ହଠାତ ତାଙ୍କ ଘରେ ପହ□ି ସେହି ସୁଧ ଟଙ୍କା ନିମନ୍ତେ ଗାୟତ୍ରୀ ଓ ତାଙ୍କ ସ୍ୱାମୀ କ୍ଷୀରୋଦଙ୍କୁ ଭୂଜାଲିରେ ମରଣାନ୍ତକ ଆକ୍ରମଣ କରିଥିଲେ। ଉଭୟଙ୍କୁ ଗୁରୁତର ଅବସ୍ଥାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି । ଗାୟତ୍ରୀଙ୍କ ଅଭିଯୋଗ ଉପରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଥିବା ସଦର ଥାନା ଇନସପେକ୍ଟର ପ୍ରମୋଦ କୁମାର ମଲ୍ଲିକଙ୍କଠାରୁ ସୂଚନା ମିଳିଛି ।

## ଶିଶୁ କଣ୍ଠଶିଳ୍ପୀ ମାଷ୍ଟର ଦେବେଶ୍ୱରଙ୍କୁ ଜନ୍ମଦିନର ଶୁଭେଚ୍ଛା

ଯାଜପୁର (ପିଏନ୍): ରାମନବମୀ ଦିନ ଓଡ଼ିଶାର ସୁନାମଧନ୍ୟ ଶିଶୁ କଣ୍ଠ ଶିଳ୍ପୀ ମାଷ୍ଟର ଦେବେଶ୍ୱରଙ୍କ ଜନ୍ମଦିନ ଥିବାରୁ ବହୁ ଅନୁଷ୍ଠାନ ତାଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। ଅନ୍ୟ ସହ ଥିଏଟର ଗ୍ରୁପ୍‌ର ସଭାପତି ବୃନ୍ଦାବନ ମିଶ୍ର ଓ ସଂସ୍କୃତି ସମ୍ପାଦକ ସଂଗଠନ ପକ୍ଷରୁ ମାଷ୍ଟର ଦେବେଶ୍ୱରଙ୍କୁ ତାଙ୍କ ଜନ୍ମଦିନର ଶୁଭେଚ୍ଛା ଜଣାଇବା ସହିତ ମା' ବିରଜା ତାଙ୍କୁ ଦୀର୍ଘାୟୁ କରିବା ସହିତ ଆଗକୁ ଯାଜପୁର ଜିଲ୍ଲା ତଥା ବିରଜା ମାଟିର ସୁନାମ ଅର୍ଜନ କରନ୍ତୁ ବୋଲି ଆଶାପୋଷଣ କରିଛନ୍ତି। ଦେବେଶ୍ୱର ବର୍ତ୍ତମାନ ଡି.ଏ.ଭି. ସ୍କୁଲରେ ଦଶମ ଶ୍ରେଣୀର ଛାତ୍ର। କରୋନା କଟକଣାକୁ ଦୃଷ୍ଟିରେ ରଖି ବର୍ତ୍ତମାନ ଘରେ ଗୀତ ଅଭ୍ୟାସ ଜାରି ରଖିଛନ୍ତି।

## ଲେଖିକା ଜ୍ୟୋସ୍ନାରାଣୀ ସ୍ୱାଇଁଙ୍କ ପରଲୋକରେ ବିଭିନ୍ନ ବ୍ୟକ୍ତିଙ୍କ ଶୋକ



ବ୍ରହ୍ମପୁର (ପିଏନ୍): ବ୍ରହ୍ମପୁରର ବିଶିଷ୍ଟ ଲେଖିକା ଜ୍ୟୋସ୍ନରାଣୀ ସ୍ୱାଇଁ (୬୫)ଙ୍କ ଗତ ଶନିବାର ଭୋରରେ ଗେଟବଜାରସ୍ଥିତ ନିଜ ବାସଭବନରେ ପରଲୋକ ହୋଇଯାଇଛି। ସେ କିଛିଦିନ ହେଲା ଅସୁସ୍ଥ ଥିଲେ। କୋଭିଡ-୧୯ ନିୟମ ଅନୁପାଳନ ପୂର୍ବକ ସୀମିତ ବ୍ୟକ୍ତିଙ୍କ ଉପସ୍ଥିତିରେ ଗେଟ୍ ବଜାର ଗୋକର୍ଣ୍ଣେଶ୍ୱର ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସଂପନ୍ନ ହୋଇଛି। ଗତ ଛଅମାସ ତଳେ ତାଙ୍କ ସ୍ୱାମୀ ବରିଷ୍ଠ ସାହିତ୍ୟିକ ଡା. ଚନ୍ଦ୍ରମଣି ସ୍ୱାଇଁଙ୍କ ଦେହାନ୍ତ ହୋଇଥିଲା। ବ୍ରହ୍ମପୁର ସାହିତ୍ୟ ଜଗତରେ ଉଭୟ ଲେଖକ ଦମ୍ପତି ଭାବେ ପରିଚିତ ଥିଲେ। ଜ୍ୟୋସ୍ନରାଣୀଙ୍କ ବହୁ ଲେଖା ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶ ପାଇଛି। ଶିଶୁ ଗଳ୍ପ ସଂକଳନ 'ଗଳ୍ପଗାମଲା', ଭ୍ରମଣ କାହାଣୀ ପୁସ୍ତକ 'ଆସ ଯିବା ପିଲେ ଲଣ୍ଡନ ବୁଲି'ର ଲେଖିକା ଭାବେ ପାଠକ ମହଲରେ ଜଣାଶୁଣା ଥିଲେ। ଏହା ସହିତ ନବୀନ ପାଠାଗାର ଓ ସାହିତ୍ୟ ପ୍ରତିଷ୍ଠାନର ଉପସଭାପତି, ଗଞ୍ଜାମ କଳା ପରିଷଦର କାର୍ଯ୍ୟକାରୀ ସଦସ୍ୟା, ଚନ୍ଦ୍ରଜ୍ୟୋସ୍ନା ସାହିତ୍ୟ ସଂସଦର ପ୍ରତିଷ୍ଠାତ୍ରୀ ଥିଲେ। ସାରସ୍ୱତ ସାଧନା ନିମନ୍ତେ ବହୁ ଅନୁଷ୍ଠାନରୁ ସମ୍ମାନିତ ହୋଇଥିଲେ। ତାଙ୍କର ଅତ୍ୟନ୍ତ ମେଳାପୀ ସ୍ୱଭାବ ଓ ବନ୍ଧୁବତ୍ସଳତା ସମସ୍ତଙ୍କୁ ମୁଗ୍ଧ କରୁଥିଲା। ଶେଷ ଶଯ୍ୟା ନିକଟରେ ଦୁଇ ପୁତ୍ର ମଣ୍ଟୁ ଓ ପିଣ୍ଟୁଙ୍କ ସମେତ ଆତ୍ମୀୟ ସ୍ୱଜନମାନେ ଉପସ୍ଥିତ ଥିଲେ। ତାଙ୍କ ବିୟୋଗରେ ବରିଷ୍ଠ ଭେଷଜ ବିଶେଷଜ୍ଞ ପ୍ରଫେସର ଡା. ପି. ସି. ସାହୁ, ବୈଜ୍ଞାନିକ ଡ. ଡ଼ମ୍ବରୁ ଧର ସାହୁ, ବରିଷ୍ଠ ସାମ୍ବାଦିକ ତଥା ନବୀନର ସଂପାଦକ ରବି ରଥ, ସମାଜସେବୀ ରାମକୃଷ୍ଣ ପାତ୍ର, ଭଗବତ ଋରିଟେବଲ ଟ୍ରଷ୍ଟର ଅଧ୍ୟକ୍ଷ ଏସ୍. ପ୍ରକାଶ ଚନ୍ଦ୍ର ପାତ୍ର, ଡ଼ା. ଶଙ୍କର୍ଷଣ ପାତ୍ର, କବି କୃଷ୍ଣଚନ୍ଦ୍ର ତ୍ରିପାଠୀ, କପିଳ ଚନ୍ଦ୍ର ମହାନ୍ତି, ସୁଶାନ୍ତ କୁମାର କର, ଶିକ୍ଷାବିତ୍ ଜିତେନ୍ଦ୍ର ନାଥ ପଟ୍ଟନାୟକ, ଆଡଭୋକେଟ ଲାଲବାହାଦୁର ପଟ୍ଟନାୟକ, ବି. ସତ୍ୟମ୍ ଆଚାରୀ, ହରିହର ଚୌଧୁରୀ, କବି ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ, ଇଂ. ପ୍ରଫୁଲ୍ଲ କୁମାର ତ୍ରିପାଠୀ, କବି ନୀଳକଣ୍ଠ ସାହୁ, ଅଧ୍ୟାପିକା ଜ୍ୟୋସ୍ନାକୁମାରୀ ପ୍ରଧାନ ପ୍ରମୁଖ ଗଭୀର ଶୋକବ୍ୟକ୍ତ କରିଛନ୍ତି।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ଭଦ୍ରକ ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟିର ମନୋଜ ଶ୍ରଦ୍ଧାଞ୍ଜଳି

ଭଦ୍ରକ: ବହୁ କମ୍ ବ୍ୟକ୍ତି ନିଜ ଜୀବନକାଳରେ କିଂବଦନ୍ତୀରେ ରୂପାନ୍ତରିତ ହୋଇଥାନ୍ତି । ସାରସ୍ୱତ ସାଧନାର ଶ୍ରଦ୍ଧାଶୀଳ ଉଚ୍ଚାରଣ ପଦ୍ମଭୂଷଣ ମନୋଜ ଦାସ ସେହି ସଂଖ୍ୟାଲଘୁଙ୍କ ମଧ୍ୟରୁ ଅନ୍ୟତମ । ଆଜି ସେ ଆଲୋକ-ଆନନ୍ଦର ମାର୍ଗରେ 'ଶେଷ ତାନ୍ତ୍ରିକର ସନ୍ଧାନରେ'ଅଗ୍ରସର ହୋଇଛନ୍ତି । ୧୯୫୨ ମସିହାରେ ପ୍ରଥମ ଗଳ୍ପ ସଂକଳନ 'ସମୁଦ୍ରର କ୍ଷୁଧା' ରୁ ୨୦୧୯ ମସିହାରେ ସଦ୍ୟତମ ପ୍ରକାଶିତ ଉପନ୍ୟାସ 'ଶେଷ ତାନ୍ତ୍ରିକର ସନ୍ଧାନରେ', ବାମପନ୍ଥୀ ଆନ୍ଦୋଳନର ପୁରୋଭାଗରୁ ଶ୍ରୀ ଅରବିନ୍ଦ ଆଶ୍ରମରେ ଦୀର୍ଘ ପା ଦଶନ୍ଧି ବ୍ୟାପୀ ସାଧନାରତ ମନୋଜ ଦାସଙ୍କ ଜୀବନକୁ ଆମେ ଆଧ୍ୟାତ୍ମିକ ଉ ରଣର ପ୍ରତୀକ ଭାବେ ଗ୍ରହଣ କରିପାରିବା । ଏହି ଛ ଦଶନ୍ଧି ମଧ୍ୟରେ ଓଡିଆ ଏବଂ ଇଂରାଜୀ ଭାଷାରେ ସେ ଆମକୁ ଅଜସ୍ର ଗଳ୍ପ, କବିତା,ସ୍ତମ୍ଭ,ଉପନ୍ୟାସ,ଭ୍ରମଣ କାହାଣୀ ,ଶିଶୁ ସାହିତ୍ୟ ଆଦି ଅର୍ପଣ କରି ଓଡ଼ିଆ ଭାଷା ସମେତ ଜାତୀୟ ସଂସ୍କୃତିକୁ ଅନ୍ତର୍ଜାତୀୟସ୍ତରରେ ପ୍ରତିଷ୍ଠା ଆଣିପାରିଛନ୍ତି । ତାଙ୍କ ଦ୍ୱାରା ବ୍ୟବହୃତ କେତୋଟି ଇଂରାଜୀ ଶବ୍ଦକୁ କନ୍‌ସାଇଜ୍ ଅକ୍ସଫୋର୍ଡ ଡିକ୍ସନାରୀ ଦୃଷ୍ଟାନ୍ତ ଭାବେ ଗ୍ରହଣ କରିଛନ୍ତି । ସଂପାଦନାକ୍ଷେତ୍ରରେ ତାଙ୍କର ଅବଦାନ ଅତ୍ୟନ୍ତ ସୁସ୍ପଷ୍ଟ । 'ଦିଗନ୍ତ' ଏବଂ 'ହେରିଟେଜ୍' ନାମ ସ୍ମରଣ କରିବା ମାତ୍ରେ ଏବେ ମଧ୍ୟ ପ୍ରାଣରେ ଶିହରଣ ସୃଷ୍ଟି ହୁଏ । ଏକଦା ତାଙ୍କ ସଂପାଦନାରେ ଇଂରାଜୀ 'ଚନ୍ଦାମାମା'ର ପ୍ରସାରଣ ଦୁଇ ହଜାରରୁ ଏକ ଲକ୍ଷ ପହ୍ ପାରିଥିଲା । ପ୍ରଫେସର ମନୋଜ ଦାସଙ୍କ ମତରେ ସାହିତ୍ୟର ସ୍ରୋତ ଚାରୋଟି ଧାରାରେ ପ୍ରବାହିତ । ପ୍ରେରଣା-ସମ୍ଭୂତ ସାହିତ୍ୟ । ଏହି ପର୍ଯ୍ୟାୟର ସାହିତ୍ୟ, ଜୀବନ ଓ ଜଗତର ଯନ୍ତ୍ରଣାକୁ ଅସ୍ୱୀକାର କରେ ନାହିଁ , ବରଂ ତାହା ଅତିକ୍ରମ କରିଯିବା ସକାଶେ ଯୁଗ ଯୁଗ ପାଇଁ ମାନବସମାଜକୁ ଶକ୍ତି ଏବଂ ସାମର୍ଥ୍ୟ ଯୋଗାଇଥାଏ । ରାମାୟଣ,ମହାଭାରତ, ସାବିତ୍ରୀ ମହାକାବ୍ୟ ଇତ୍ୟାଦି ଏହି ପର୍ଯ୍ୟାୟର । ଦ୍ୱିତୀୟ -ସାମାଜିକ ଅଙ୍ଗୀକାରବଦ୍ଧ ସାହିତ୍ୟ । ଏହା ସମାଜର ଅନ୍ଧକାରାଚ୍ଛନ୍ନ ଦିଗକୁ ସିନ୍ଦୂରା ଫାଟିବାର ମୁହୂର୍ତ୍ତରେ ପରିଣତ କରିଦିଏ । ପ ତନ୍ତ୍ର, ଜାତକ ଗଳ୍ପ, ଟମ କକାଙ୍କ କୁଟୀର, ଲକ୍ଷ୍ମୀ ପୁରାଣ ଆଦି ଏହି ବିଭବର ସର୍ବକାଳୀନ ଶ୍ରେଷ୍ଠ କୃତି । ତୃତୀୟ -ଉ ଜନା ପ୍ରବଣ ସାହିତ୍ୟ ଏବଂ ଚତୁର୍ଥ ବିଜ୍ଞାପନ ସାହିତ୍ୟ । ଶେଷ ଦୁଇ ପର୍ଯ୍ୟାୟ ଯଥାର୍ଥ ଭାବେ ସାହିତ୍ୟ ପଦବାଚ୍ୟ ନୁହେଁ । କାରଣ ଜନ୍ମ ନେବାର କିଛି ମୁହୂର୍ତ୍ତ ପରେ ଏଗୁଡିକ ସମୟର ମହାସ୍ରୋତରେ ନିଶ୍ଚିହ୍ନ ହୋଇଯାଆନ୍ତି । କେବଳ କ୍ଷଣିକ ପାଇଁ ହଟଚମଟ ସୃଷ୍ଟି କରିବା ଏହାର ଏକମାତ୍ର ଅଭିମୁଖ୍ୟ । ସାରସ୍ୱତ ସାଧକ ମନୋଜ ବିଶ୍ୱାସ କରନ୍ତି ଦୁଇଟି ଶକ୍ତି ସର୍ବଦା ମଣିଷକୁ ନିୟନ୍ତ୍ରିତ କରିଆସିଛି - ଆଧ୍ୟାତ୍ମିକ ଶକ୍ତି ଓ ଆସୁରିକ ଶକ୍ତି । ମଣିଷ ଯେତେବେଳେ ଦିବ୍ୟ କୃପା ବଳରେ ଆଧ୍ୟାତ୍ମିକ ଶକ୍ତିର ପ୍ରଭାବରେ ଥାଏ, ସେତେବେଳେ ତାର ଚେତନାର ଦିଗ୍‌ବଳୟ ଅତିନ୍ଦ୍ରିୟ ଶୂନ୍ୟଭୂମିକୁ ପ୍ରଲମ୍ବିତ ହୋଇଯାଏ । ସେହି ମୁହୂର୍ତ୍ତରେ ସେ କେବଳ ନିଜର ନୁହେଁ, ସମଗ୍ର ମାନବ ସମାଜର ଅତୀତ,ବର୍ତ୍ତମାନ ସଂପର୍କରେ ଅବଗତ ହୋଇ ଭବିତବ୍ୟର ମାର୍ଗଦର୍ଶନ କରେ । କିନ୍ତୁ ଅନେକ ସମୟରେ ମଣିଷ ଆସୁରିକ ଶକ୍ତିର ପ୍ରଭାବରୁ ମୁକ୍ତ ହୋଇପାରେ ନାହିଁ । ଜୀବନର ପ୍ରତିଟି ଦୋଛକିରେ ସେହି ଶକ୍ତି ତାକୁ ପ୍ରଲୋଭିତ କରେ । ବେଳେବେଳେ ଏହି ଶକ୍ତି ଜଣେ ବ୍ୟକ୍ତି ମାଧ୍ୟମରେ ଗୋଟାଏ ଜାତିକୁ ମଧ୍ୟ ମାଡ଼ିବସେ । ହିଟଲର ହେଉଛନ୍ତି ଏହାର ଦୃଷ୍ଟାନ୍ତ । ପଦ୍ମଭୂଷଣ ମନୋଜ ଦାସଙ୍କ ମହାପ୍ରୟାଣରେ ଭଦ୍ରକ ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟି ତରଫରୁ ସ୍ତମ୍ଭକାର ଅଭୟ ଦ୍ୱିବେଦୀଙ୍କ ପୌରୋହିତ୍ୟରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ବକ୍ତାମାନେ ଏହି ମତ ବ୍ୟକ୍ତ କରିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଡାକ୍ତର ହରେକୃଷ୍ଣ ନାୟକ, ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, ସୁଧାକର ରାଉତ, ଶାନ୍ତନୁ ରାଉତ, ଶ୍ରୀହର୍ଷ ସ୍ୱାଇଁ, ବୈଲୋଚନ ବେହୁରିଆ, ଇଂ ମହେଶ ଦାସ, ରାମଚନ୍ଦ୍ର ବେହେରା, ସୀତାକାନ୍ତ ଦାସ, ବାବୁଲାଲ ଦାସ ପ୍ରମୁଖ ଶ୍ରଦ୍ଧାଞ୍ଜଳି ବକ୍ତବ୍ୟ ପ୍ରଦାନ କରିଥିଲେ ।

### ଚିକିତ୍ସା ଅବହେଳାରୁ ନାବାଳିକାର ମୃତ୍ୟୁ ଘଟଣା, ଏକ ଲକ୍ଷ ଟଙ୍କା କ୍ଷତିପୂରଣ ଲାଗି ମାନବାଧିକାର କମିଶନଙ୍କ ନିର୍ଦ୍ଦେଶ

ଭଦ୍ରକ:୩୨ ମାସ ତଳେ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା ଅବହେଳାରୁ ଜଣେ ନାବାଳିକାର ମୃତ୍ୟୁ ଅଭିଯୋଗ ମାମଲାର ଶୁଣାଣି କରି ରାଜ୍ୟ ମାନବାଧିକାର ଆୟୋଗ (କମିଶନ) ନାବାଳିକାର ପରିବାରକୁ ୧ ଲକ୍ଷ ଟଙ୍କା କ୍ଷତିପୂରଣ ଲାଗି ନିର୍ଦ୍ଦେଶ ଦେଇଛନ୍ତି । କ୍ଷତିପୂରଣ ଅର୍ଥ ରାଜ୍ୟ ସରକାର ନିଜେ ନାବାଳିକାର ବାପାଙ୍କୁ ପ୍ରଦାନ କରିବେ । ତେବେ ଏହି କ୍ଷତିପୂରଣ ଅର୍ଥ କାର୍ଯ୍ୟରେ ଅବହେଳା କରିଥିବା ଡାକ୍ତର, ନର୍ସ ଅଥବା ସହାୟକଙ୍କ ଠାରୁ ଆଦାୟ କରାଯିବ କି ନାହିଁ ସରକାର ସ୍ଥିର କରିବେ ବୋଲି ଆୟୋଗ ଦର୍ଶାଇଛନ୍ତି । ସୂଚନାଯୋଗ୍ୟ ଯେ: ଧାମନଗର ବ୍ଲକ ଚୂଡ଼ାକୁଟି ଦଇପୁର ଗ୍ରାମର ଅଭିମନ୍ୟୁ ମଲିକଙ୍କ ଝିଅ ଦେବସ୍ମିତା(୧୪) ୨୦୧୮ ଜୁଲାଇ ୨ ତାରିଖ ରାତିରେ ପେଟରେ ଯନ୍ତ୍ରଣା ଅନୁଭବ କରିବାରୁ ଚିକିତ୍ସା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ । ବର୍ହିବିଭାଗ ଦାୟିତ୍ୱରେ ଥିବା ଡାକ୍ତର ରୋଗୀକୁ ଦେଖିବା ପରେ ଇଜେଂକସନ ଓ ସାଲାଇନ ଲେଖି ଆଡମିଶନ ପାଇଁ ପରାମର୍ଶ ଦେଇଥିଲେ । ପରେ ରାତି ୧୨ଟା ବେଳକୁ ଶୁଭସ୍ମିତାର ଅବସ୍ଥା ଗୁରୁତର ହୋଇଥିଲା । ଦାୟିତ୍ୱରେ ଥିବା ନର୍ସଙ୍କୁ ଅଭିମନ୍ୟୁ ନିଜ ଝିଅର ଅବସ୍ଥା ଜଣାଇଥିଲେ । ହେଲେ ଶୋଇଥିବା ନର୍ସ ରୋଗୀ ନିକଟକୁ ଆସିନଥିଲେ ବୋଲି ଅଭିଯୋଗ ହୋଇଥିଲା । ରାତି ପ୍ରାୟ ୨ଟା ବେଳକୁ ଦେବସ୍ମିତାଙ୍କୁ ମୃତ ଘୋଷଣା କରାଯାଇଥିଲା ।

## ଭଦ୍ରକକୋର୍ଟ ପରିସରରେ ଉତ୍କଳଗୌରବ ମଧୁସୁଦନ ଦାସଙ୍କ ୧୭୪ତମ ଜୟନ୍ତୀ ସମାରୋହ

ଭଦ୍ରକ: ଭଦ୍ରକ କୋର୍ଟ ପରିସରରେ ଉତ୍କଳ ଗୌରବ ମଧୁସୁଦନ ଦାସଙ୍କ ୧୭୪ତମ ଜୟନ୍ତୀ ସମାରୋହ ଭଦ୍ରକ ଓକିଲସଂଘ ପକ୍ଷରୁ କୋଭିଡ଼ ନିୟମ ଅନୁସାରେ ପାଳନ କରାଯାଇଅଛି । ଭଦ୍ରକ କଚେରୀ ପରିସରରେ ଥିବା ମଧୁବାବୁଙ୍କ ପ୍ରତିମୂର୍ତିରେ ଭଦ୍ରକ ଜିଲ୍ଲା ଜର୍ଜ ଶିଶିର କୁମାର ରଥ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ସେହିପରି ଜିଲ୍ଲାପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲ୍ଲାପାଳ ମଧୁସୁଦନ ଦାଶ, ପୌରକାର୍ଯ୍ୟ ନିର୍ବାହୀ ଅଧିକାରୀ ବିଚିତ୍ରା ନନ୍ଦ ନାୟକ, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଗୋଲଖ ଚନ୍ଦ୍ର ବେହେରା ସମେତ ବରିଷ୍ଠ ଆଇନଜୀବି ନିରାକାର ଜେନାଙ୍କ ସହିତ ବରିଷ୍ଠ ଓ କନିଷ୍ଠ ଆଇନ୍‌ଜୀବୀମାନେ ପ୍ରତିମୂର୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ପରେ ଓକିଲସଂଘର ସଭାଗୃହ ପରିସରରେ ସାମାଜିକ ଦୂରତା ରକ୍ଷା କରିବା ସହ କୋଭିଡ଼ ନିୟମ ପାଳନ କରାଯାଇ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ଭଦ୍ରକ ବାର୍‌ର ସଭାପତି ଦିଲ୍ଲୀପ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜୟନ୍ତୀ ଉତ୍ସବରେ ବରିଷ୍ଠ ଆଇନ୍ ଜୀବୀ ନିରାକାର ଜେନା ଯୋଗଦେଇ ଉତ୍କଳ ଗୌରବ ମଧୁସୁଦନ ଦାସଙ୍କର ଜୟନ୍ତୀ ଉତ୍ସବକୁ ପ୍ରତିବର୍ଷ ଆଇନଜୀବି ଦିବସ ଭାବେ ପାଳନ କରାଯାଉଅଛି । ଏତଦ୍ ବ୍ୟତୀତ ମଧୁବାବୁ ଥିଲେ ଖୁବ୍ ସ୍ୱାଭିମାନୀ । ଓଡ଼ିଶାକୁ ନେଇ ସେ ଖୁବ୍ ଗର୍ବ ଅନୁଭବ କରିବା ସହିତ ସ୍ୱାଭିମାନର ସହିତ ବ ବାକୁ ପରାମର୍ଶ ଦେଉଥିଲେ । ସେଥିଲେ ଓଡ଼ିଶାର ପ୍ରଥମ ବାରିଷ୍ଟର ଏବଂ ଓଡ଼ିଆ ଭାଷା ଆନ୍ଦୋଳନର ମୁଖ୍ୟ ପୁରୋଧା ଥିଲେ ବୋଲି କହିଥିଲେ ।ଭଦ୍ରକ ଓକିଲ ସଂଘର ସଂପାଦକ ଜିତେନ୍ଦ୍ର କୁମାର ପଣ୍ଡା, ଉପସଭାପତି କରୁଣାକର ଦାସ, ଆଇନ୍‌ଜୀବୀ ଦିବ୍ୟସିଂହ ନାୟକ, ପବନ ଶର୍ମା, ଗିରିଧାରି ନାଥ, ଅତିଶ ବେହେରା, ଅମର ବାରିକ, ପୂର୍ବତନ ସଭାପତି ବିଷ୍ଣୁ ମୋହନ ମହାପାତ୍ର, ଅରୁଣ ଚାନ୍ଦ, ପୂର୍ଣ୍ଣଚନ୍ଦ୍ର ମହାନ୍ତି, କୋଷାଧକ୍ଷ ସୁରେନ୍ଦ୍ର କର, କିଶୋର ବଳ, ପ୍ରତାପ ସେଠୀ, ଗଣେଷ ଦାସ, ବିଜନ ଜେନା, କାହ୍ନୁ ବାରିକ, ତୁଷାର ଦାସ, ନିଶିକାନ୍ତ ନାୟକ, ଧିରେନ୍ଦ୍ର ରାୟ, ଗୋପବନ୍ଧୁ ଦୀକ୍ଷିତ, ରାଜିବ୍ ବାରିକ, ସଂଗ୍ରାମ କେଶରୀ ଜେନା, ସଞ୍ଜୟ ନାୟକ, ସେକ୍ ସାହାଜାନ୍, ଅଞ୍ଜୁବାଳା ରାଉତ, ଅଶୋକ କୁମାର ନାୟକ, ଅଭୟ ସେଠୀ, ଦାମୋଦର ପଣ୍ଡାଙ୍କ ସମେତ ବହୁ ବରିଷ୍ଠ ଓ କନିଷ୍ଠ ଆଇନ୍‌ଜୀବୀମାନେ ଯୋଗଦେଇ ମଧୁବାବୁଙ୍କର ଜୀବନୀ ଓ ଆଦର୍ଶ ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ସଂଘର ସଂପାଦକ ଶ୍ରୀ ପଣ୍ଡା ନିଜ ପକ୍ଷରୁ ଆଇନ୍‌ଜୀବୀଙ୍କୁ ମାକ୍ସ ବ ନ କରିଥିବା ବେଳେ ଯୁଗ୍ମ ସଂପାଦକ(ସାଧାରଣ) ନିକୁଞ୍ଜ କୃଷ୍ଣ ପୁହାଣ ଧନ୍ୟବାଦ ଅର୍ପଣ କରିଥିଲେ । ସଂଘ କାର୍ଯ୍ୟାଳୟ ପକ୍ଷରୁ ସଞ୍ଜୟ କୁମାର ନାୟକ ଓ କେଦାର ଜେନା କାର୍ଯ୍ୟକ୍ରମକଚ ସହଯୋଗିତା କରିଥିଲେ ।

## ଏବିଭିପି ପକ୍ଷରୁ ରକ୍ତଦାନ ଅଭିଯାନ ଉଦଘାଟିତ

ଭୁବନେଶ୍ୱର: ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ତରଫରୁ ପ୍ରାନ୍ତ କାର୍ଯ୍ୟାଳୟରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏବିଭିପି ଓଡିଶା ପ୍ରଦେଶର ରାଜ୍ୟ ସଭାପତି ଡ ଗାର୍ଗୀ ବାନାର୍ଜୀ ଏହି ଶିବିରକୁ ଉଦଘାଟନ କରିବା ସହ ପ୍ରଥମେ ନିଜେ ରକ୍ତ ଦେଇ ବିଦ୍ୟାର୍ଥୀ ମାନଙ୍କୁ ରକ୍ତ ଦେବା ପାଇଁ ଉତ୍ସାହିତ କରିଥିଲେ । ଏହି ଶିବିରରେ ମୋଟ ୨୬ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା । କରୋନା ଟିକା ନେବାର କିଛି ସପ୍ତାହ ପର୍ଯ୍ୟନ୍ତ ରକ୍ତ ଦେଇ ପାରିବା ନାହିଁ । ସାରା ଦେଶରେ ମଇ ୧ ତାରିଖରୁ ୧୮ ବର୍ଷରୁ ୪୪ ବର୍ଷ ବୟସ୍କ ନାଗରିକମାନଙ୍କୁ ଟିକାକରଣ କରାଯିବାକୁ ଥିବା ବେଳେ ଆଗକୁ ରକ୍ତାଭାବ ଦେଖାଯାଇପାରେ । ତେଣୁ ଏହି ରକ୍ତଦାନ ଶିବିର ସମାଜ ପାଇଁ ସହାୟକ ହେବ ବୋଲି ରାଜ୍ୟ ସଭାପତି ଗାର୍ଗୀ ବାନାର୍ଜୀ କହିଛନ୍ତି ।

## ଭଦ୍ରକ : ପ୍ରେମୀ ଯୁଗଳଙ୍କ ବିବାହ

ଭଦ୍ରକ : ମହିଳା ଓ ଶିଶୁ ବିକାଶ ବିଭାଗ ଦ୍ୱାରା ପ୍ରାୟୋଜିତ ସୋସାଇଟି ଫର ଉଇକର କମ୍ୟୁନିଟି ଦ୍ୱାରା ପରିଚାଳିତ ଆଶିଆନା ସ୍ୱଧାର ଗୃହ ଅନ୍ତେବାସିନୀ ସୋନାଲୀ ପାଢୀ ନିଜ ପ୍ରେମିକ ଦୀପୁ ଯେନାଙ୍କୁ କୁଆଁସ ଜଗନ୍ନାଥ ମନ୍ଦିରରେ ବୈଦିକ ରୀତିନୀତିରେ ବିବାହ କରିଛନ୍ତି । ପ୍ରକାଶ ଯେ ତିହିଡ଼ି ଥାନା ତାଳପଦା ଗ୍ରାମର ସୋନାଲୀ ଏହି ଥାନା ଅନ୍ତର୍ଗତ କୁବେରା ଗ୍ରାମର ଦୀପୁଙ୍କୁ ପ୍ରେମ କରୁଥିଲେ । ଉଭୟେ ବିବାହ କରିବାକୁ ସ୍ଥିର କରିଥିବା ବେଳେ ପରିବାର ଲୋକେ ଏହାର ବିରୋଧ କରିଥିଲେ । ଯାହା ଫଳରେ ଉଭୟ ଗତ ୨୦୧୯ ମସିହା ମାର୍ଚ୍ଚ ୩୦ ତାରିଖରେ ଘରୁ ଲୁଚି ପଳାଇ ଆସିଥିଲେ । ସେତେବେଳେ ସୋନାଲୀ ନାବାଳିକା ଥିବାରୁ ପରିବାର ଲୋକେ ତିହିଡ଼ି ଥାନାରେ ଅଭିଯୋଗ କରିଥିଲେ । ପୁଲିସ ସୋନାଲୀଙ୍କୁ ଉଦ୍ଧାର କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ବେଳେ ସୋନାଲୀ ଯିବାକୁ ମନା କରିବାରୁ ତାଙ୍କୁ ଜିଲ୍ଲା ଶିଶୁ ମଙ୍ଗଳ କମିଟିକୁ ହସ୍ତାନ୍ତର କରାଯାଇଥିଲା । କମିଟି ତାଙ୍କୁ ଆଶିଆନାର ମୁକ୍ତାଶ୍ରୟ କେନ୍ଦ୍ରରେ ରଖାଇଥିଲେ ।

## କୁଖ୍ୟାତ ଡ୍ରଗ୍ସ ମାଫିଆ ସେକ୍ ବବ୍‌ଲୁ ଓ ଚରମ୍ପାର ୨ ମହିଳା ଓ ଜଣେ ଯୁବକ ଗିରଫ, ୨୬ ଲକ୍ଷ ଟଙ୍କାର ୨୬୫ ଗ୍ରାମ ବ୍ରାଉନସୁଗାର, ମୋବାଇଲ୍ ଓ ବାଇକ୍ ଜବତ

ଭଦ୍ରକ:ଧଳା ଜହର କୁହାଯାଉଥିବା ବ୍ରାଉନସୁଗାର କବ୍‌ଜାରେ ଏବେ ଭଦ୍ରକ ଜିଲାର ସହର, ବଜାର ଠାରୁ ଆରମ୍ଭ କରି ଗାଁର ଗଳିକନ୍ଦି ପର୍ଯ୍ୟନ୍ତ ଏଭଳି ବ୍ୟାପିଗଲାଣି ଯେ ପ୍ରତ୍ୟେକ ଦିନ ଏହି ବେଆଇନ୍ ବେପାର କରୁଥିବା ପୁରୁଷଙ୍କ ଠାରୁ ଆରମ୍ଭ କରି ମହିଳାଙ୍କ ପର୍ଯ୍ୟନ୍ତ କେନ୍ଦ୍ରୀୟ ଅବକାରୀ ବିଭାଗ ଟିମ୍, ଜିଲା ପୁଲିସ୍ ଓ ଏସ୍‌ଟିଏଫ୍ ସ୍କ୍ୱାର୍ଡର କବ୍‌ଜାକୁ ଆସୁଛନ୍ତି । ଗତ ସପ୍ତାହକ ମଧରେ ଏହି ଧଳା ଜହର ବେପାର କରୁଥିବା ବହୁ ଅପରାଧୀ ଗିରଫ ହୋଇ କୋର୍ଟ ଚାଲାଣ ହୋଇଆସୁଥିବାବେଳେ ଆଜି ପୁଣିଥରେ ଗ୍ରାମା ଳ ପୁଲିସ୍ ଦ୍ୱାରା ଏକ କୁଖ୍ୟାତ ବ୍ରାଉନସୁଗାର ମାଫିଆ ଧରାପଡିବା ସହ ତାର ଜଣେ ସହଯୋଗୀ ଓ ଏହି ବେପାର କରିଆସୁଥିବା ଦୁଇଜଣ ମହିଳାଙ୍କୁ ପୁଲିସ୍ ଗିରଫ କରି କୋର୍ଟ ଚାଲାଣ କରିଛି । ଜବତ ହୋଇଥିବା ଏହି ବ୍ରାଉନ୍‌ସୁଗାର ସଂପର୍କରେ ଆଜି ଅତିରିକ୍ତ ଜିଲା ଆରକ୍ଷୀ ଅଧିକ୍ଷକ ଯତୀନ କୁମାର ପଣ୍ଡା ଗ୍ରାମା ଳ ଥାନାରେ କରିଥିବା ଏକ ସାମ୍ବାଦିକ ସମ୍ମିଳନୀର ତଥ୍ୟ ଅନୁସାରେ ଜିଲା ଆରକ୍ଷୀ ଅଧିକ୍ଷକ ଚରଣ ସିଂ ମୀନା କୌଣସି ସୂତ୍ରରୁ ଖବର ପାଇ ବାଂଲାଦେଶ ବୋର୍ଡରେ ଦେଇ ବାଲେଶ୍ୱର ଜିଲା ଜଳେଶ୍ୱରକୁ ଆସୁଥିବା ଏହି ଧଳାଜହରକୁ ସେଠାକାର କୁଖ୍ୟାତ ନିଶା ବେପାରୀ ଟାକ୍‌ଲୁ ରାଜା ଚଳାଇଆସୁଥିବାବେଳେ ସେ ନିକଟରେ ପୁଲିସ୍ ଭୟରେ ବାଲେଶ୍ୱର ସ୍ପେଶାଲ କୋର୍ଟରେ ଆତ୍ମ ସମର୍ପଣ କରିଛି । ଏହାପରେ ଏହି ବ୍ୟବସାୟକୁ ତାର ସଂପର୍କୀୟ ଭାଇ ମୁନା ଓରଫ ସେକ୍ ବବ୍‌ଲୁ ଚଳାଇ ଆସୁଛି । ବବ୍‌ଲୁ ବାଂଲାଦେଶ ବୋର୍ଡର ଦେଇ ଏହି ବ୍ରାଉନସୁଗାରକୁ କୋଲକାତା ପାର କରାଇ ଜଳେଶ୍ୱରକୁ ଆଣିବା ପରେ ସେଠାରୁ ଓଡ଼ିଶାର ବିଭିନ୍ନ ସ୍ଥାନକୁ ପଠାଯାଇଥାଏ । ତେବେ କୁଖ୍ୟାତ୍ ନିଶା ବେପାରୀ ସେକ୍ ବବ୍‌ଲୁକୁ ଗିରଫ କରିବା ନେଇ ଜିଲା ଆରକ୍ଷୀ ଅଧିକ୍ଷକଙ୍କ ଠାରୁ ସୂଚନା ପାଇବା ପରେ ଗ୍ରାମା ଳ ଥାନାଧିକାରୀ ଆଲୋକ ଜେନାଙ୍କ ନେତୃତ୍ୱରେ ଏକ ଟିମ୍ ଭଦ୍ରକର ଚରମ୍ପା ନିକଟସ୍ଥ ୧୬ ନଂ ଜାତୀୟ ରାଜପଥ ଧାମରା ବ୍ରିଜ୍ ଠାରେ ଛକି ବସିଥିଲେ । ସେକ୍ ବବ୍‌ଲୁ ଏକ ନମ୍ବର ବିହୀନ କଳା ହିରୋହୋଣ୍ଡା ମୋଟର ସାଇକେଲ୍‌ରେ ଚରମ୍ପା ଅଂଚଳର ବିଶାଲ ଶର୍ମା ନାମକ ଯୁବକ ସହ ଆସୁଥିବାବେଳେ ତାକୁ ଅଟକାଇଥିଲେ । ଯା ସମୟରେ ସେମାନଙ୍କ ନିକଟରୁ ୨୬୫ ଗ୍ରାମ ବ୍ରାଉନସୁଗାର (ଯାହାର ଆନୁମାନିକ ମୂଲ୍ୟ ୨୬ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ) ଜବତ କରି ସେମାନଙ୍କ ମୋବାଇଲ୍ ଓ ଗାଡିକୁ ଜବତ କରିଥିଲେ । ଅଧିକ ତଦନ୍ତ କାଳରେ ସେମାନେ ଜବତ ବ୍ରାଉନ୍‌ସୁଗାରକୁ ଦେବାକୁ ଆସିଥିବା ଚରମ୍ପା ବଉଳପୋଖରୀ ନିବାସୀ (ବ ମାନ ଜେଲ୍‌ରେ ଥିବା) ଗଗନ ମଲ୍ଲିକଙ୍କ ପତ୍ନୀ ବର୍ଷାରାଣୀ ଓ ତାଙ୍କ ପୁତ୍ର ଖଗେଶ୍ୱରର ପତ୍ନୀ ବଚନ ମଲ୍ଲିକ (ପୁତ୍ରବଧୂ) କୁ ମଧ ଗିରଫ କରିଛନ୍ତି । ସେମାନଙ୍କ ନିକଟରୁ ବ୍ରାଉନସୁଗାର ପେକିଂ କରାଯାଉଥିବା ଖାଲି ପୁଡିଆ ଓ ସେମାନଙ୍କ ମୋବାଇଲ୍ ଜବତ କରିବା ପରେ ସେଥିରୁ ସେମାନେ ଫୋନ୍ ପେ ଜରିଆରେ ମୁନା ଓରଫ ସେକ୍ ବବ୍‌ଲୁ ସହ ଟଙ୍କା ନେଣଦେଣ କାରବାର କରି ଏହି ବେପାର ଚଳାଇଆସୁଥିବାର ଜଣାପଡିଛି । ତେବେ ଆଜି ପୁଲିସ୍ ଦୁଇ ମହିଳାଙ୍କ ସମେତ ଚାରିଜଣେ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିବାବେଳେ ସେମାନଙ୍କର ରାକେଟ୍‌ର ଚେର କେତେଦୂର ଲମ୍ବିଛି, ଏଥିରେ ଅନ୍ୟ କେଉଁମାନେ ସଂପୃକ୍ତ, ସେଥିନେଇ ଅଧିକ ତଦନ୍ତ କରୁଥିବା ବିଷୟ ଗଣମାଧ୍ୟମକୁ କହିଛନ୍ତି ଅତିରିକ୍ତ ଜିଲା ଆରକ୍ଷୀ ଅଧିକ୍ଷକ ଯତୀନ ପଣ୍ଡା ।

## ଠିକାଦାରୀ ରେ ରାଜନୈତିକ କରଣ, ଲୋକଙ୍କୁ କଂଟେନମେଂଟ ଜୋନରେ ରଖି ବେଆଇନ ନିର୍ମାଣ, ନେତା-ଠିକାଦାର-ଜେଇ ଏବଂ ପିଇଓଙ୍କ ମଧୁଚନ୍ଦ୍ରିକା

ଭଦ୍ରକ: ନେତା-ଠିକାଦାର-ଜେଇ ଏବଂ ପିଇଓଙ୍କ ମଧ୍ୟରେ ମଧୁଚନ୍ଦ୍ରିକା । ଲୋକଙ୍କୁ କଂଟେନମେଂଟ ଜୋନରେ ବନ୍ଦୀ କରି ଚାଲିଛି ବେଆଇନ ନିର୍ମାଣ । ସରକାରୀ ରାସ୍ତା ଏବଂ ଡ୍ରେନ ନିର୍ମାଣ ଆଳରେ ଘରୋଇ ମାଲିକାନାରେ ରହିଥିବା ଲକ୍ଷ ଲକ୍ଷ ଟଙ୍କା ମୁଲ୍ୟବାନ ସଂପତି ଉପରେ କବ୍ଜା କରିନେଲେ ଠିକାଦାର । ଯାହାକୁ ନେଇ ଦେଖାଦେଇଛି ତିବ୍ର ଜନ ଅସନ୍ତୋଷ । ଜମି ମାଲିକଙ୍କ ଅଭିଯୋଗ ପାଇବା ପରେ ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି ଭଦ୍ରକ ଜିଲ୍ଲାପାଳ । ଏହି ଧରଣର ଏକ ଘଟଣା ଏବେ ଭଦ୍ରକ ବ୍ଲକ ଏରେଇଁ ପଂଚାୟତ ଧଳସାହି ଏବଂ ଭଦ୍ରକ ପୌରପାଳିକା ୱାର୍ଡ ନଂ ୩ ରେ ଚର୍ଚ୍ଚାର ବିଷୟ ହୋଇଛି । ରାସ୍ତା ଏବଂ ଡ୍ରେନ ନିର୍ମାଣ ସକାସେ ପର୍ଯ୍ୟାପ୍ତ ସରକାରୀ ଯାଗା ଜମି ଥାଇ ମଧ୍ୟ କେଉଁ ପରିସ୍ଥିତିରେ ସଂପୃକ୍ତ ଠିକାଦାର ଏହି ଧରଣର ବେଆଇନ ନିର୍ମାଣ କରିଛନ୍ତି ଏବଂ ତାକୁ ସରକାରୀ ଅଧିକାରୀ ମାନେ କିଭଳି ଅନୁମୋଦନ କରିଛନ୍ତି ତାକୁ ନେଇ ଏବେ ରାଜନୈତିକ ଚର୍ଚ୍ଚା ଯୋର ଧରିଛି । ସୁଚନା ଅନୁଯାଇ ଏହି ପଂଚାୟତ ଏବଂ ୱାର୍ଡରେ ୨ ଲକ୍ଷ ୫୦ ହଜାର ଟଙ୍କା ବ୍ୟୟ ଅଟକଳରେ ବେହେରା ସାହି ଠାରୁ ହନୁମାନ ମନ୍ଦିର ପର୍ଯ୍ୟନ୍ତ ଏବଂ ୧ ଲକ୍ଷ ୫୦ ହଜାର ଟଙ୍କା ବ୍ୟୟ ଅଟକଳରେ ଖଣ୍ଡିଆବଜାର କୀର୍ତନ ମଣ୍ଡପ ଠାରୁ ସାଳନ୍ଦୀ କେନାଲ ପର୍ଯ୍ୟନ୍ତ ଦୁଇ ଗୋଟି ପ୍ରକଳ୍ପ ନିର୍ମାଣ ସକାସେ ଯଥାକ୍ରମେ ଜିଲ୍ଲା ପରିଷଦ ଉନ୍ନୟନ ପାଂଠି ଏବଂ ପନଚାୟତସମିତି ୧୫ ତମ କେନ୍ଦ୍ରିୟ ଅର୍ଥ କମିଶନ ଆର୍ଥିକ ଅନୁଦାନରେ କଂକ୍ରିଟ ରାସ୍ତା ଏବଂ ଡ୍ରେନ ନିର୍ମାଣ ସକାସେ କାର୍ଯ୍ୟାଦେଶ ଜାରି କରାଯାଇଥିଲା । ଏହାକୁ ଡିପାର୍ଟମେଂଟାଳି କରିବାକୁ କୁହାଯାଇଥିଲେ ମଧ୍ୟ କାଗଜପତ୍ରରେ ଡିପାର୍ଟମେଂଟ କରୁଥିବା ଦର୍ଶାଇ ରାଜନୈତିକ ଲୋକଙ୍କ ଜରିଆରେ ଏହି ନିର୍ମାଣ କରାଯାଇଥିଲା । ତେବେ କତୃପକ୍ଷ ସରକାରୀ ଡ୍ରେନ ଏବଂ ରାସ୍ତା ନିର୍ମାଣ ଆଳରେ ଏହି ପଂଚାୟତର ଧଳ ସାହି ଏବଂ ଭଦ୍ରକ ପୌରପାଳିକା ୱାର୍ଡ ନଂ ୩ ଖାତାନଂ ୬୫୫ ଏବଂ ପ୍ଲଟ ନଂ ୮୦୩ ରେ ଶରତ ଧଳ ନାମକ ଜଣେ ବ୍ୟକ୍ତିଙ୍କ ବ୍ୟକ୍ତିଗତ ମାଲିକାନାରେ ରହିଥିବା ଏକ ଜମି ଉପରେ କଂକ୍ରିଟ ରାସ୍ତା ଏବଂ ଡ୍ରେନ ନିର୍ମାଣ କରି ଥଇବା ଅଭିଯୋଗ ହୋଇଛି । ସବୁଠାରୁ ବଡ କଥା ହେଲା ନିକଟରେ ଏହି ଅଂଚଳରେ ଏକାଧିକ କରୋନା ରୋଗୀ ଚିହ୍ନଟ ହେବା ପରେ ଜିଲ୍ଲା ପ୍ରଶାସନ ତରଫରୁ ଏହି ଅଂଚଳକୁ ୧୪ ଦିନିଆ କଂଟେନମେଂଟ ଜୋନ ଘୋଷଣା କରି ଅଂଚଳକୁ ସିଲ କରି ଥିବା ବେଳେ ଏହାର ସୁଯୋଗ ନେଇ ଅତ୍ୟନ୍ତ ତରବରିଆ ଭାବେ ଏହି ରାସ୍ତା ଏବଂ ଡ୍ରେନ ନିର୍ମାଣ କରାଯାଇଥିବା ଅଭିଯୋଗ ହୋଇଛି । କଂଟେନମେଂଟ ଜୋନ କଟକଣା ହଟିବା ପରେ ଏହି ଧରଣର ବେଆଇନ ନିର୍ମାଣ କରାଯାଇଥିବା ଦେଖି ଜମି ମାଲିକଙ୍କ ପକ୍ଷରୁ ତୁରନ୍ତ ଏଥିନେଇ ଭଦ୍ରକ ଜିଲ୍ଲାପାଳ,ଭଦ୍ରକ ବିଡିଓ,ଭଦ୍ରକ ତହସିଲଦାର ଏବଂ ଏରେଇଁ ଗ୍ରାମପନଚାୟତ ପିଇଓ ଙ୍କ ନିକଟରେ ଅଭିଯୋଗ ଫର୍ଦ୍ଦ ଦାଖଲ କରି ଏହି ଧରଣର ବେଆଇନ ନିର୍ମାଣ କୁ ତୁରନ୍ତ ଉଚ୍ଛେଦ କରିବାକୁ ଦାବୀ କରିଥିଲେ । ଜମି ମାଲିକଙ୍କ ଅଭିଯୋଗ କୁ ଭିତି କରି ଜିଲ୍ଲାପାଳ ଜ୍ଞାନ ଦାସ ଘଟଣାର ତଦନ୍ତ କରି ତୁରନ୍ତ ରିର୍ପୋଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିବା ବେଳେ ବିଡିଓ ଉମେଶ ମଲ୍ଲିକ ଏବାବଦରେ କିଛି ଜାଣିନଥିବା କହିଛନ୍ତି । ସେହିଭଳି ପିଇଓ ଦୀପକ ମହାନ୍ତି ଏ ସଂର୍ପକରେ ତାଙ୍କୁ କିଛି ଜଣାନଥିବା କହିଛନ୍ତି । ସେହିଭଳି ସରପଂଚ ଅଶ୍ୱନୀ ରଣା କହିଛନ୍ତି ସରକାରୀ ଯାଗା ଜମି ଥାଇ ମଧ୍ୟ କାମ କରିଥିବା ଠିକାଦାର ଙ୍କ ଏହି ଧରଣର ବେଆଇନ କାର୍ଯ୍ୟ ପାଇଁ ତାଙ୍କ ବିଲକୁ ଅଟକାଇ ରଖାଯାଇଛି । ଘଟଣା ସଂର୍ପକରେ ବ୍ଲକ ସହକାରୀ ଯନ୍ତ୍ରୀ ପ୍ରଶାନ୍ତ ନାୟକଙ୍କୁ ପଚାରିବାରେ ସେ କହିଛନ୍ତି ଘଟଣାର ଆପୋଷ ବୁଝାମଣା ପ୍ରକ୍ରିୟା ଆରମ୍ଭ ହୋଇଛି । ତେବେ ଏଥିରୁ ଗୋଟିଏ କଥା ସ୍ପଷ୍ଟ ହୋଇଛି ଯେ ଏହି ଧରଣର ବେଆଇନ ନିର୍ମାଣ ପଛରେ ରାଜନୈତିକ ପୃଷ୍ଟପୋଷକତା ରହିଛି । ଯାହାକୁ ପାଳନ କରିବାକୁ ଯାଇ ଡିର୍ପାଟମେଂଟ ଜରିଆରେ କାମର କାର୍ଯ୍ୟାଦେଶ ପାଇଥିବା ପିଇଓ ନିଜେ କାମ ନକରି ରାଜନୈତିକ ଇଙ୍ଗିତରେ ଠିକାଦାର ଲଗାଇ କାମ କରୁଛନ୍ତି । ଯାହାକି ସାଧାରଣ ଲୋକଙ୍କ ସ୍ୱାର୍ଥ ପରିପନ୍ଥି ସାବ୍ୟସ୍ତ ହୋଇଛି । ତେବେ ମାମଲାର ଆପୋଷ ସମାଧାନ ହେଉ କି ନହେଉ ସରକାରୀ ପରିଚାଳିତ କାମକୁ କେଉଁ ପରିସ୍ଥିତିରେ ବେସରକାରୀ ଠିକାଦାଙ୍କ ଜରିଆରେ କରାଯାଉଛି ତାହାର ଏକ ଉଚ୍ଚସ୍ତରିୟ ତଦନ୍ତ ଦାବୀ କରାଯାଇଛି ।

## ରାଇରଙ୍ଗପୁର ଫ୍ରେଣ୍ଡସ୍ କର୍ଣ୍ଣର ସପିଂ ମଲରେ ଅଗ୍ନିକାଣ୍ଡ : ୨କୋଟିରୁ ଅଧିକ ମୂଲ୍ୟର ସମ୍ପତି ନଷ୍ଟ

ବାରିପଦା, (ପିଏନ)- ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ପୌରପରିଷଦର ବଜାର ଗୋଲେଇ ଛକ ନିକଟରେ ଥିବା ଫ୍ରେଣ୍ଡସ୍ କର୍ଣ୍ଣର ସପିଂ ମଲରେ ଗତ ବୁଧବାର ରାତି ପ୍ରାୟ ୩ଟା ପାଖାପାଖି ଅଗ୍ନିକାଣ୍ଡ ଘଟିଥିଲା । ଖବର ପାଇ ବାମନଘାଟି ଉପଖଣ୍ଡସ୍ଥିତ ଏକ ଦମକଳ ଗାଡ଼ି ୪ଟା ପାଖାପାଖି ପହଁଚି ନିଆଁକୁ ଆୟତ କରିବାକୁ ଉଦ୍ୟମ ଚଳାଇଥିବା ସମୟରେ ଗାଡ଼ିରେ ପାଣି ଶେଷ ହୋଇଯାଇଥିଲା । ଏହାପରେ ଅନ୍ୟ ଗାଡ଼ିଗୁଡ଼ିକ ପହଁଚିବା ନିମନ୍ତେ ପ୍ରାୟ ଏକ ଘଂଟାରୁ ଅଧିକ ବିଳମ୍ବ କରିଦେଇଥିବାରୁ ନିଆଁ ସମସ୍ତ ଚାରିଆଡ଼େ ମାଡ଼ି ଯାଇଥିଲା । ପରବର୍ତି ସମୟରେ ପ୍ରାୟ ୯ରୁ ଅଧିକ ଦମକଳ ଗାଡ଼ି ଘଟଣାସ୍ଥଳରେ ପହଁଚି ନିଆଁକୁ ଆୟତ କରିବା ନିମନ୍ତେ ଆପ୍ରାଣ ଉଦ୍ୟମ ଚଳାଇଥିଲେ । ପ୍ରାୟ ୫ ଘଂଟାରୁ ଅଧିକ ସମୟ ଧରି ଅଗ୍ନିଶମ ବିଭାଗର କର୍ମଚାରୀମାନଙ୍କ ମିଳିତ ଉଦ୍ୟମ ପରେ ନିଆଁକୁ ଆୟତ କରାଯାଇ ପାରିଥିଲା । ସପିଂ ମଲରେ ଥିବା ଫ୍ରେଣ୍ଡସ୍ କର୍ଣ୍ଣର, ଫ୍ରେଣ୍ଡସ୍ ଏମ୍ପୋରିଆଲ, ଫ୍ରେଣ୍ଡସ୍ ଡ଼ିପାଟମେଂଟାଲ, ଫ୍ରେଣ୍ଡସ୍ ୟୁଟିଲିଟି ଓ ଫ୍ରେଣ୍ଡସ୍ ଗାର୍ମେଂଟ ଆଦି ୫-ଟି ବ୍ୟବସାୟ ପ୍ରତିଷ୍ଠାନରେ ଥିବା ଷ୍ଟେସନାରୀ ଓ ଗିଫ୍ଟ ସାମଗ୍ରୀ, କପଡ଼ା, ଇଲେକ୍ଟ୍ରୋନିକ୍ସ ସାମଗ୍ରୀ, ଫ୍ରିଜ୍, ଟିଭି, ମୋବାଇଲ ଆଦି ସମସ୍ତ ଜିଲିଷପତ୍ର ସହ ଆସବାବପତ୍ର ପୋଡ଼ି ସମ୍ପୂର୍ଣ୍ଣ ନଷ୍ଟ ହେବା ସହିତ ସପିଂ ମଲ୍ କୋଠାଟି ପୋଡ଼ି ଯାଇଥିଲା । ଫଳରେ ମଲରେ ଥିବା ରତନ ରାମ, ମନୋହର ରାମ, ଉମେଶ ରାମ, ଅଜୟ ରାମ ଓ ରିତେଶ ରାମ ପ୍ରମୁଖ ବ୍ୟବସାୟୀମାନଙ୍କର ପ୍ରାୟ ୨ କୋଟିରୁ ଅଧିକ ମୂଲ୍ୟର ଜିନିଷପତ୍ର ଓ ଆସବାବପତ୍ରଗୁଡ଼ିକ ଆଖି ସମ୍ମୁଖରେ ପୋଡ଼ି ପାଉଁଶ ପାଲଟି ଯାଇଥିଲା । ନିଆଁ ଲାଗିଥିବା ସପିଂ ମଲର ଅଳ୍ପ ଦୂରରେ ଥିବା ଏକ ପେଟ୍ରୋଲ ପମ୍ପ ରହିଥିବାରୁ ସେଥିରେ ଯେପରି ନିଆଁ ନ ଧରିବ ସେଥି ନିମନ୍ତେ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାରର ବ୍ୟବସ୍ଥା କରାଯାଇଥିଲା । ରାଇରଙ୍ଗପୁର ପୁଲିସ ଘଟଣାସ୍ଥଳରେ ପହଁଚି ମୁଖ୍ୟ ରାସ୍ତାକୁ ସିଲ୍ କରିଦେଇଥିଲେ । ସପିଂ ମଲରେ ଅଗ୍ନିକାଣ୍ଡ ଘଟିବାର ସଠିକ୍ କାରଣ ବର୍ତମାନ ପର୍ଯ୍ୟନ୍ତ ଜଣାପଡ଼ିନଥିବା ସମୟରେ ସଟ୍ ସର୍କିଟ୍ କାରଣରୁ ଘଟିଥାଇ ପାରେ ବୋଲି ସନ୍ଦେହ କରାଯାଇଥିବା ସମୟରେ ରାଇରଙ୍ଗପୁର ଉପଖଣ୍ଡରେ ଏହି ପ୍ରକାରରେ ଭୟାବହ ଅଗ୍ନିକାଣ୍ଡ ପ୍ରଥମ ଘଟଣା ବୋଲି ଜଣାପଡ଼ିଛି ।

## ଚିହ୍ନଟ ହେଲେ ନୂଆ ୬୭ ଆକ୍ରାନ୍ତ

ଭଦ୍ରକ, (ପିଏନ)- ଭଦ୍ରକ ଜିଲ୍ଲାରୁ ଆଜି ନୂଆ କରୋନା ଆକ୍ରାନ୍ତ ୬୭ଜଣ ଚିହ୍ନଟ ହୋଇଛନ୍ତି । ଜିଲ୍ଲାରୁ ମୋଟ ୧ ଲକ୍ଷ ୩୦୪୯ ଜଣଙ୍କ ନମୁନା ପରୀକ୍ଷା ପରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ପହଂଚିଛି ୬୧୬୬ରେ । ତେବେ ଏମାନଙ୍କ ମଧ୍ୟରୁ ୫୫୯୧ଜଣ ସୁସ୍ଥ ହୋଇ ସାରିଛନ୍ତି । ଗତକାଲି ୧୧୪ ଜଣ ସୁସ୍ଥ ହେବା ପରେ ନୂଆ ଆକ୍ରାନ୍ତଙ୍କୁ ମିଶାଇ ଏବେ ମୋଟ ୫୬୦ଜଣ ଆକ୍ରାନ୍ତ ସକ୍ରିୟ ରହି ଚିକିତ୍ସିତ ହେଉଛନ୍ତି । ଚିହ୍ନଟ ହୋଇଥିବା ନୂଆ ଆକ୍ରାନ୍ତମାନେ ବାସୁଦେବପୁର ବ୍ଲକର ୨ଜଣ, ଭଦ୍ରକ ବ୍ଲକର ୪ଜଣ, ଭଦ୍ରକ ପୌରପାଳିକାର ୬ଜଣ, ବନ୍ତ ବ୍ଲକର ୧୯ଜଣ, ଭଣ୍ଡାରିପୋଖରୀ ବ୍ଲକର ୩ଜଣ, ଚାନ୍ଦବାଲି ବ୍ଲକର ଜଣେ, ଧାମନଗର ବ୍ଲକର ୨୬ଜଣ, ତିହିଡି ବ୍ଲକର ୬ଜଣ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି ।

### ବିଡ଼ିଓଙ୍କ ନିର୍ଦ୍ଦେଶକୁ ଖାତିର ନକରି ସହକାରୀ ଯନ୍ତ୍ରୀଙ୍କ ମନୋମୁଖି କାର୍ଯ୍ୟ, ସୋହଡ଼ା ପଂଚୟତରେ ଏମ୍‌ଜିଏନ୍‌ଆରଜିଏସ୍ ଦୁର୍ନୀତି ଅଭିଯୋଗ, ସୋହଡ଼ା ପଂଚୟତର ଅର୍ଥ ଖଡ଼ିପଦାରେ ଖର୍ଚ୍ଚ

ଭଦ୍ରକ: କେନ୍ଦ୍ର ଠାରୁ ରାଜ୍ୟ ସରକାର ଗ୍ରାମା ଳରେ ଉନ୍ନତି ଓ ବିକାଶ ନିମନ୍ତେ ସିଧାଶଳଖ ଭାବରେ ସରପଂଚ ମାନଙ୍କୁ କ୍ଷମାତା ପ୍ରଦାନ କରିଛନ୍ତି । ହେଲେ ସରପଂଚମାନେ ତାଙ୍କ କ୍ଷମତାର ଅପବ୍ୟବହାର କରିବାସହିତ ବିଭାଗୀୟ ଅଧିକାରୀଙ୍କୁ ହାତବାରିସକରି ଲକ୍ଷ ଲକ୍ଷ ଟଙ୍କା ହରିଲୁଟ କରୁଛନ୍ତି । ଏମିତି ଏକ ଘଟଣା ଘଟିଛି ଧାମନଗର ବ୍ଲକ ସୋହଡ଼ା ପଂଚୟତରେ ଉକ୍ତ ପଂଚୟତର ସରପଂଚ ମନୋମୁଖି ଭାବରେ କେତେକ ରାଜନୈତିକ ବ୍ୟକ୍ତିଙ୍କ ପ୍ରଲୋଚନାରେ ବିଭାଗୀୟ ଅଧିକାରୀଙ୍କ ସହ ହାତମେଳାଇ ଏମ୍‌ଜିଏନ୍‌ଆରଜିଏସ୍ ମାଧମରେ ଆସିଥିବା ଅର୍ଥକୁ ହରିଲୁଟ କରୁଛନ୍ତି । ପ୍ରକାଶ ଥାଉକି ସୋହଡ଼ା ପଂଚୟତ ପକ୍ଷରୁ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ଅଚ୍ୟୁତପତି ଘରସାମ୍ନା ହରପାର୍ବତି ଖେଳପଡ଼ିଆ ଉନ୍ନତି କରଣ ନିମନ୍ତେ କାର୍ଯ୍ୟ ହୋଇଥିଲା । ମାତ୍ର ଏହି ଯୋଜନା ସୋହଡ଼ା ପଂଚୟତରେ ନହୋଇ ଖଡ଼ିପଦା ପଂଚୟତ ବୈକୁଣ୍ଠି ରାଜସ୍ୱ ଗ୍ରାମର ଶିବମନ୍ଦିର ପରିସରରେ କରାଯାଇଥିଲା । ଯାହାକି ସମ୍ପୂର୍ଣ୍ଣ ଭାବରେ ଆଇନ୍ ବିରୋଧ । ସୋହଡ଼ା ପଂଚୟତର ଅର୍ଥ ସେଇ ସୋହଡ଼ା ପଂଚୟତରେ ଖର୍ଚ୍ଚ ହୋଇପାରିବ ଏବଂ ସେଠାକାର ଶ୍ରମିକ ମାନେ ଏହି କାର୍ଯ୍ୟ କରିବେ । ହେଲେ କିପରି ଭାବରେ ସୋହଡ଼ା ପଂଚୟତରର କାମ ଖଡ଼ିପଦା ପଂଚୟତରେ କରାଗଲା ସେ ନେଇ ସାଧାରଣରେ ପ୍ରଶ୍ନବାଚି ସୃଷ୍ଟି ହୋଇଛି । ଏ ନେଇ ଖଡ଼ିପଦାର ପଂଚୟତର ବୈକୁଣ୍ଠି ରାଜସ୍ୱ ଗ୍ରାମର ଗ୍ରାମବାସୀ ଓ ଶ୍ରମିକ ମାନେ ଧାମନଗର ବିଡ଼ିଓଙ୍କ ନିକଟରେ ଅଭିଯୋଗ କରିଥିଲେ । ବିଡ଼ିଓ ସମ୍ପୃକ୍ତ ସହକାରୀ ଯନ୍ତ୍ରୀକୁ କାର୍ଯ୍ୟର ତଦନ୍ତ କରିବା ସହିତ ବିଲ୍ ବନ୍ଦକରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ହେଲେ ସହକାରୀ ଯନ୍ତ୍ରୀ ବିଡ଼ିଓଙ୍କ ନିର୍ଦ୍ଦେଶକୁ ଖାତିରନକରି ଗତମାସ ୧୨ଜଣ ଶ୍ରମିକଙ୍କର ୬ଦିନର ମଜୁରି ପ୍ରଦାନ କରିଛନ୍ତି । ଏନେଇ ସହକାରୀଯନ୍ତ୍ରୀଙ୍କ ସହ ଯୋଗାଯୋଗ କରିବାରୁ ସେ କୁହନ୍ତି ପଂଚୟତର ଉନ୍ନତି ହେଉଛି ଏବଂ ଶ୍ରମିକ ମାନେ କାର୍ଯ୍ୟକରୁଛନ୍ତି । ଏଥିରେ ଅସୁବିଧା କେଉଁଠି ରହିଲାବୋଲି ସେ ଓଲଟି ପ୍ରଶ୍ନ କରିଛନ୍ତି । ଏଦୀଗରେ ଖଡ଼ିପଦା ପଂଚୟତର ପୂର୍ବତନ ସରପଂଚ ଅତିଶକୁମାର ନନ୍ଦ କୁହନ୍ତି ଖଡ଼ିପଦା ପଂଚୟତରେ ବହୁ ଉନ୍ନତିକରଣ କାର୍ଯ୍ୟ ହୋଇଛି ଏବଂ ପଂଚୟତ ପକ୍ଷରୁ ମଧ ବିଭିନ୍ନ କାର୍ଯ୍ୟ ହାତକୁ ନିଆଯାଇଛି । ତେବେ ଅନ୍ୟ ପଂଚୟତର ଅର୍ଥ ଖଡ଼ିପଦା ପଂଚୟତରେ ବିନିଯୋଗ କରାଯାଉଥିବାବେଳେ ଖଡ଼ିପଦା ପଂଚୟତ ଶ୍ରମିକ ମାନେ ମଧ ଏହି କାମରୁ ବଂଚିତ ହୋଇଛନ୍ତି । ଏ ଦୀଗରେ ବିଧିବଧ ତଦନ୍ତ କରାଗଲେ ପ୍ରକୃତ ସତ୍ୟତା ପଦାକୁ ଆସିପାରିବ ବୋଲି ଶ୍ରୀ ନନ୍ଦ କହିଛନ୍ତି ।

## ଜିଲ୍ଲା ଶିକ୍ଷାଧିକାରୀ କାର୍ଯ୍ୟାଳୟ ସମ୍ମୁଖରେ ଓଡ଼ିଶା ଏମଡ଼ିଏମ୍ ସଂଘର ମୟୂରଭଞ୍ଜ ଶାଖା ପକ୍ଷରୁ ବିକ୍ଷୋଭ

ବାରିପଦା,(ପିଏନ)- ମୟୂରଭଞ୍ଜ ଜିଲ୍ଲାରେ ଥିବା ବିଭିନ୍ନ ବିଦ୍ୟାଳୟଗୁଡ଼ିକରେ କାର୍ଯ୍ୟରତ ଏମ୍‌ଡ଼ିଏମ୍ ପାଚିକା ଓ ସହାୟିକାମାନଙ୍କର ୨୮ ମାସର ଏରିଆର ପ୍ରଦାନ ସହ ବକେୟା ୩ ମାସର ଦରମା ଏବଂ ବେଆଇନ ଭାବେ ଛଟେଇ ହୋଇଥିବା ପାଚିକା ଓ ସହାୟିକାମାନଙ୍କୁ ପୁନଃ ନିଯୁକ୍ତି ବାବିରେ ଆଜି ଓଡ଼ିଶା ଏମଡ଼ିଏମ ୱାର୍କାରସ୍ ୟୁନିୟନର ମୟୂରଭଞ୍ଜ ଶାଖା ପକ୍ଷରୁ ମୟୂରଭଞ୍ଜ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ କରୋନା ମାର୍ଗଦର୍ଶୀକା ଅନୁପାଳନ ପୂର୍ବକ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଓଡ଼ିଶା ଏମଡ଼ିଏମ ୱାର୍କାରସ୍ ୟୁନିୟନର କୋଷାଧକ୍ଷ ଅମଳ ଦେଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିକର୍ତନ କବି, ପ୍ରଶାନ୍ତ ପରିଡ଼ା, କୁଞ୍ଜଲତା ମହାନ୍ତ, ସନ୍ଧ୍ୟା ବେହେରା, ମାଳତୀ ମହାନ୍ତ, ରଞ୍ଜିତା ରାଉତ, ମେରିଆ ହାଁସଦାଃ, ବୀଣାପାଣି ନାୟକ, ଆଲାଦି ହେମ୍ବ୍ରମ, କାଲୁ ଦେହୁରୀ, ମଞ୍ଜୁଳା ମହାନ୍ତ, ଆରତୀ କବି, ଅନ୍ନପୂର୍ଣ୍ଣା ବାରିକ ପ୍ରମୁଖ ଯୋଗ ଦେଇ ନିଜ ନିଜର ମତ ଉପସ୍ଥାପନ କରାଇଥିଲେ । ଏହାପରେ ଏକ ପ୍ରତିଧି ଦଳ କାର୍ଯ୍ୟାଳୟକୁ ଯାଇ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ସହ ସେମାନଙ୍କ ୮ ଦଫା ଦାବିଗୁଡ଼ିକ ଉପରେ ଆଲୋଚନା କରିଥିଲେ ଏବଂ ଜିଲ୍ଲା ଶିକ୍ଷା ଅଧିକାରୀ ୩ ମାସର ବକେୟା ଦରମା ପ୍ରଦାନ ନିମନ୍ତେ ବିଲ ଯାଇଛି । ପାଶ ହୋଇ ଆସିବା ପରେ ପ୍ରଦାନ କରାଯିବ । ଏଥି ସହିତ ୨୮ ମାସର ଏରିଆର ଟଙ୍କା ପ୍ରଦାନ ନିମନ୍ତେ ବିଲ ଯାଇଛି । ଭୁବନେଶ୍ୱରରୁ ପାଶ ହୋଇ ଆସିଲେ ମିଳିଯିବ ଏବଂ ଛଟେଇ ପାଚିକା ଓ ସହାୟିକାମାନଙ୍କ ଫାଇଲକୁ ଅନୁଧ୍ୟାନ କରି ବିହିତ ପଦକ୍ଷେପ ଗ୍ରହଣ କରିବେ ବୋଲି ନିର୍ଭର ପ୍ରତିଶ୍ରୁତି ପ୍ରଦାନ କରିଥିଲେ । ସେହିପରି ଯେଉଁ ଦାବିଗୁଡ଼ିକ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କ୍ଷମତା ପରିସରର ବାହାରେ ସେଗୁଡ଼ିକ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରେରଣ କରାଇବେ ବୋଲି ପ୍ରକାଶ କରିଥିଲେ ।

## ଦୁତିପଡା ଏଏନଏମଙ୍କ ବିରୁଦ୍ଧରେ ଦାବିପତ୍ର ପ୍ରଦାନ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲା ଖଜୁରିପଡା ବ୍ଲକ ଅନ୍ତର୍ଗତ ଦୂତିପଡ଼ା ଗ୍ରାମ ପଂଚାୟତରେ ଥିବା ଉପ ସ୍ୱାସ୍ଥ୍ୟକେନ୍ଦ୍ରର ଏଏନଏମଙ୍କ ମନମୁଖୀ କାର୍ଯ୍ୟକୁ ନେଇ ଅଂଚଳବାସୀ ଏକ ଅଭିଯୋଗ ପତ୍ର ଜିଲା ପ୍ରଶାସନକୁ ପ୍ରଦାନ କରିଛନ୍ତି । ସେମାନେ ଦେଇଥିବା ଅଭିଯୋଗ ଅନୁସାରେ, ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଦୁତିପଡା ଏବଂ ଆଖପାଖର ଶତାଧିକ ଲୋକ ନିର୍ଭର କରୁଛନ୍ତି । ହେଲେ ସେହି କେନ୍ଦ୍ରର ଦାୟୀତ୍ୱରେ ଥିବା ଏ.ଏନ.ଏମ ନିୟମିତ ନ ଆସିବାରୁ ମାସର ଅଧିକାଂଶ ସମୟ ଉକ୍ତ ଉପସ୍ୱାସ୍ଥ୍ୟକେନ୍ଦ୍ରରେ ତାଲା ଝୁଲୁଛି । ଉକ୍ତ ଉପସ୍ୱାସ୍ଥ୍ୟ କେନ୍ଦ୍ରରେ ଥିବା ଏଏନଏମ୍ ପ୍ରଭାସିନି ନାୟକଙ୍କ ମନମୁଖୀ କାର୍ଯ୍ୟରେ ଅଂଚଳବାସୀ ଅତିଷ୍ଠ ହୋଇ ଜିଲାପାଳ ଓ ଜିଲା ଅତିରିକ୍ତ ଚିକିତ୍ସା ଅଧିକାରୀଙ୍କୁ ଏକ ଲିଖିତ ଅଭିଯୋଗ ଦେଇଛନ୍ତି । ଅଭିଯୋଗ ପ୍ରକାରେ, ଏଏନଏମ୍ ଜଣକ ନିୟମିତ ଭାବେ କାର୍ଯ୍ୟକୁ ଆସୁନଥିବାରୁ ସେହି ଉପସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ନିର୍ଭର କରୁଥିବା ଲୋକେ ସଠିକ୍ ସମୟରେ ସ୍ୱାସ୍ଥ୍ୟ ସେବା ନ ପାଇ ସମସ୍ୟାରେ ପଡୁଛନ୍ତି । ଫଳରେ ସେମାନଙ୍କୁ ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟ କିମ୍ବା ଖଜୁରିପଡ଼ା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରକୁ ଯିବାକୁ ପଡୁଛି । ନିଜ ଗାଁରେ ଏହି ସ୍ୱାସ୍ଥ୍ୟକେନ୍ଦ୍ରଟି ଥିଲେ ମଧ ସେମାନେ ଅଯଥା ଖର୍ଚ୍ଚାନ୍ତ ହେଉଛନ୍ତି । ବିଭିନ୍ନ ସମୟରେ ଗର୍ଭବତୀ, ନବଜାତ ଶିଶୁ ଓ ପ୍ରସୂତିମାନେ ଅନେକ ସମୟରେ ସେବା ପାଇବାରୁ ବଂଚିତ ହେଉଛନ୍ତି । ଏନେଇ ଏଏନଏମଙ୍କ କହିଲେ ମିଥ୍ୟା କେସ୍ ଦେଇ ଲୋକଙ୍କୁ ହଇରାଣ କରୁଥିବା ମଧ ଅଭିଯୋଗ ପତ୍ରରେ ଦର୍ଶାଯାଇଛି । ଏ ଦିଗରେ ଜିଲା ପ୍ରଶାସନ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ପାଇଁ ମଧ୍ୟ ଅଞ୍ଚଳବାସୀ ଦାବିକରିଛନ୍ତି ।

# ଖେଳ



ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ
PARYABEKHYAK ପର୍ଯବେକ୍ଷକ



Bhubaneswar Friday April 30, 2021 ଭୁବନେଶ୍ୱର ଶୁକ୍ରବାର, ଅପ୍ରେଲ ୩୦,୨୦୨୧ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com ୮


## ରାଉରକେଲା ଚ୍ୟାମ୍ବର ଅଫ କମର୍ସ ପକ୍ଷରୁ ପ୍ରତ୍ୟେହ ସକାଳ ୬ଟାରୁ ଦିନ ୨ଟା ପର୍ଯ୍ୟନ୍ତ ଦୋକାନ ଖୋଲିବାକୁ ବ୍ୟବସାୟୀଙ୍କୁ ନିବେଦନ

ରାଉରକେଲା: ସୁନ୍ଦରଗଡ଼ ଜିଲ୍ଲାରେ କରୋନା ସଂକ୍ରମଣ ଉପରେ ରୋକ୍ ଲଗାଇବା ପାଇଁ ପଦକ୍ଷେପ ସ୍ୱରୂପ ପ୍ରତ୍ୟେହ ସକାଳ ୬ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଦୋକାନ ଖୋଲିବାକୁ ବ୍ୟବସାୟୀଙ୍କୁ ନିବେଦନ କରାଯାଇଛି । ରାଉରକେଲା ଚ୍ୟାମ୍ବର ଅଫ କମର୍ସର ସଭାପତି ଏକ ଭିଡ଼ିଓ ବାର୍ତା ମାଧ୍ୟମରେ ଏନେଇ ସମସ୍ତ ବ୍ୟବସାୟୀଙ୍କୁ ନିବେଦନ କରିଛନ୍ତି ।ତେବେ ସଂନ୍ଧ୍ୟା ୬ଟା ଠାରୁ ରାତ୍ରୀକାଳୀନ କର୍ଫ୍ୟୁ ଆରମ୍ଭ ହେଉଥିବାରୁ ଉପରବେଳା ବ୍ୟବସାୟ ସମ୍ପୂର୍ଣ୍ଣ ବନ୍ଦ ରହିଛି । ଏହାଦ୍ୱାରା ଛୋଟ ବଡ଼ ବେପାରୀଙ୍କ ଠାରୁ ଆରମ୍ଭ କରି ସହରର ସମସ୍ତ ବ୍ୟବସାୟୀ ଅଳ୍ପେ ବହୁତେ କ୍ଷତିର ସମ୍ମୁଖୀନ ହେଉଥିବା କହିଛନ୍ତି । ଏହାରି ଭିତରେ ରାସ୍ତା କଡ଼ରେ ଠେଲା ଗାଡିରେ ତେଲଭାଜି ଓ ଫାଷ୍ଟଫୁଡ୍ ବ୍ୟବସାୟ କରି ପରିବାର ପ୍ରତିପୋଷଣ କରୁଥିବା ଲୋକମାନେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏଠାରେ ଉଲ୍ଲେଖଯୋଗ୍ୟ, କରୋନା ଦ୍ୱିତୀୟ ଲହରରେ ସୁନ୍ଦରଗଡ଼ ଜିଲ୍ଲାରେ ଆକ୍ରାନ୍ତଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଉଥିବା ବେଳେ ଆଜି ନୂଆ ୯୩୩ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ଗୁରୁତର ଆକ୍ରାନ୍ତ ମାନଙ୍କୁ କୋଭିଡ୍ ହସ୍ପିଟାଲ ଓ ସାମାନ୍ୟ ଆକ୍ରାନ୍ତଙ୍କୁ ହୋମ୍ ଆଇସୋଲେସନରେ ରଖାଯାଇ ଚିକିତ୍ସା କରାଯାଉଛି । ସହରର କେତେକ ହେଟେଲକୁ ମଧ୍ୟ ଆଇସୋଲେସନ ସେଂଟର ଭାବେ ଅନୁମତି ଦିଆଯାଇଛି ।

## ପୁରୀରେ ପ୍ରତିଷ୍ଠା ହେବ ସ୍ୱତନ୍ତ୍ର କୋଭିଡ୍ ହସ୍ପିଟାଲ

ପୁରୀ: ପିପିପି ମୋଡ୍ ରେ ପୁରୀରେ ପ୍ରତିଷ୍ଠା ହେବ ସ୍ୱତନ୍ତ୍ର କୋଭିଡ୍ ହସ୍ପିଟାଲ । ଭୁବନେଶ୍ୱର ସମ୍ ହସ୍ପିଟାଲ ଏହି କୋଭିଡ୍ ହସ୍ପିଟାଲର ପରିଚାଳନା ଦାୟୀତ୍ୱ ନେବ । ଜିଲ୍ଲାପାଳ ସମର୍ଥ ବର୍ମା ଏନେଇ ଅଧିକ ସୂଚନା ଦେଇ କହିଛନ୍ତି ଯେ, ପୁରୀ ଜିଲ୍ଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ଦିନକୁ ଦିନ ବଢିବାରେ ଲାଗିଛି । ଏଥିପାଇଁ ଜିଲ୍ଲାରେ ସ୍ୱତନ୍ତ୍ର କୋଭିଡ୍ ହସ୍ପିଟାଲର ଆବଶ୍ୟକତା ରହିଛି । ଏହି ହସ୍ପିଟାଲରେ ୪୦ଟି ଆଇସିୟୁ ସହିତ ୪ଟି ଭେଂଟିଲେଟର ବ୍ୟବସ୍ଥା ରହିବ । ସେହିପରି ଗତ ୨୩ ତାରିଖରୁ ଆରଟିପିସିଆର ଟେଷ୍ଟିଂ ମେସିନ୍ ଅଚଳ ଥିବାରୁ ରୋଗୀଙ୍କ ଆଂଟିଜେନ୍ ଟେଷ୍ଟ କରାଯାଉଛି । ଏହା ସହ ଯେଉଁ ମାନଙ୍କ ଠାରେ କରୋନା ଲକ୍ଷଣ ଦେଖାଯାଉଛି ସେମାନେ ହସ୍ପିଟାଲ ଯାଇ ଡ଼ାକ୍ତରଙ୍କ ପରାମର୍ଶ ନେବାକୁ ଜିଲ୍ଲାପାଳ କହିଛନ୍ତି । ଚିହ୍ନଟ ହେଉଥିବା କରୋନା ସଂକ୍ରମିତ ମାନଙ୍କୁ ଚିକିତ୍ସା ନିମନ୍ତେ ହସ୍ପିଟାଲରେ ଭର୍ତି କରାଯାଉଥିବା ଜିଲ୍ଲାପାଳ ଶ୍ରୀ ବର୍ମା ସୂଚନା ଦେଇଛନ୍ତି ।

## କେନ୍ଦ୍ରାପଡା ସହରରେ ଆରକ୍ଷୀ ଅଧିକ୍ଷକଙ୍କ କୋଭିଡ ସଚେତନତା ମାସ୍କ ଚେକିଂ



କେନ୍ଦ୍ରାପଡ଼ା: କେନ୍ଦ୍ରାପଡା ପୌରାଞ୍ଚଳ ଅନ୍ତର୍ଗତ ପୁରୁଣା ବସଷ୍ଟାଣ୍ଡ ଠାରୁ ଆରମ୍ଭ କରି ବଡହାଟ ପର୍ଯ୍ୟନ୍ତ ରାସ୍ତାରେ ଗୁରୁବାର ପୂର୍ବାହ୍ନରେ ଆରକ୍ଷୀ ଅଧିକ୍ଷକ ସମ୍ବିତ ସମ୍ପଦ ମଡକର ପାଦରେ ଚାଲି ଚାଲି ଲୋକମାନଙ୍କୁ ଏବଂ ଦୋକାନୀମାନଙ୍କୁ କୋଭିଡ ସମ୍ପର୍କରେ ସଚେତନ କରିବା ସହ ଅମାନିଆମାନଙ୍କ ଠାରୁ ମାସ୍କ ପିନ୍ଧି ନଥିବା କାରଣରୁ ଜୋରିମାନା ଆଦାୟ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଆରକ୍ଷୀ ଅଧିକ୍ଷକ ଶ୍ରୀ ମଡକରଙ୍କ ସହିତ କେନ୍ଦ୍ରାପଡା ଏସଡିପିଓ ରାଜୀବଲୋଚନ ପଣ୍ଡା, ଟାଉନ ଥାନାର ଭାରପ୍ରାପ୍ତ ଇନସପେକ୍ଟର ଜ୍ୟୋତିରଞ୍ଜନ ସାମନ୍ତରାୟ, ସବଇନସପେକ୍ଟର ଅନ୍ତର୍ଯ୍ୟାମୀ ବିଶ୍ୱାଳ ଓ ଏ.ଏସ.ଆଇ. ଶରତ ଚନ୍ଦ୍ର ବାରିକ ପ୍ରମୁଖ ରାସ୍ତାରେ ମାସ୍କ ନପିନ୍ଧି ଯାଉଥିବା ଦୁଇଚକିଆ ଯାନର ଚାଳକ ଓ ଲୋକମାନଙ୍କ ଠାରୁ ୫ଶହ ଟଙ୍କା ଲେଖାଏଁ ଜୋରିମାନା ଆଦାୟ କରିଥିଲେ । ଟାଉନ ଥାନା ପୋଲିସ ପକ୍ଷରୁ ମାସ୍କ ପିନ୍ଧି ନଥିବା ଲୋକଙ୍କ ଠାରୁ ୧୦ହଜାର ଟଙ୍କା ଜୋରିମାନା ଆଦାୟ କରାଯାଇଥିବା ସୂଚନା ମିଳିଛି ।

## କେନ୍ଦୁଝରରେ କରୋନା ସଂକ୍ରମଣକୁ ପ୍ରତିହତ କରିବା ଲାଗି ଜିଲ୍ଲା ପ୍ରଶାସନର ତତ୍ପରତା: ଜାରି ହେଲା ନୂତନ ଗାଇଡ ଲାଇନ

କେନ୍ଦୁଝର: କେନ୍ଦୁଝର ରେ କରୋନା ର ମୁକାବିଲା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ନିଆଯାଉଥିବା ପଦକ୍ଷେପ ଓ ଜାରି କରାଯାଇଥିବା ଗାଇଡ୍ ଲାଇନ ସଂପର୍କରେ ଜିଲ୍ଲାପାଳ ଆଶିଷ ଠାକରେ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ଜିଲ୍ଲାପାଳ ଠାକରେଙ୍କ ଦ୍ୱାରା ଦିଆଯାଇଥିବା ସୂଚନାନୁଶାରେ ବର୍ତମାନ ରୋଗୀମାନଙ୍କ ଠାରେ ଦେଖାଯାଉଥିବା ଲକ୍ଷଣନୁଶାରେ ସେମାନଙ୍କୁ ଅକ୍ସିଜେନର ଆବଶ୍ୟକ ଅଧିକ ପଡୁଛି । ତେଣୁ ଜିଲ୍ଲା ମୁଖ୍ୟାଳୟର କାର୍ଯ୍ୟକ୍ଷମ ଥିବା ରାଙ୍କିସ୍ଥିତ କୋଭିଡ ହସ୍ପିଟାଲରେ ଆଇ.ସି.ୟୁ. ସଂଖ୍ୟା ୪୫ କୁ ବଢାଇ ଦିଆଯାଇଛି । ଏବଂ ଏଠାରେ ୧୩୦ ଟି ଅକ୍ସିଜେନ ଶଯ୍ୟା ପସ୍ତୁତ କରି ରଖାଯାଇଛି । ଏବଂ ଜିଲ୍ଲାରେ ଡି.ଡି. କଲେଜର ଦୁଇଟି ଛାତ୍ରାବାସ ରେ ୨ଟି ସହ ଯୋଡା , ଚମ୍ପୁଆ , ବଡବିଲ ଓ ଆନନ୍ଦପୁର ଠାରେ ୫ଟି କୋଭିଡ କେୟାର ସେଟଂର ସ୍ଥାପନ କରାଯାଇଥିବା ବେଳ ୩୯୦ ଟି ଜେନେରାଲ ଓ ୧୨୦ ଟି ଅକ୍ସିଜେନ ବେଡର ସୁବିଧା ଥିବା ସେ ସୂଚନା ଦେଇଛନ୍ତି । ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ପରିସର ରେ ଥିବା ଦରବାର ହଲ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀ ଜରିଆରେ ଶ୍ରୀ ଠାକରେ ପ୍ରକାଶ କରିଛନ୍ତି । କେନ୍ଦୁଝର ଜିଲ୍ଲାରୁ ପ୍ରତିଦିନ ଚିହ୍ନଟ ହେଉଥିବା ନୂତନ କରୋନା ରୋଗୀ ଙ୍କ ସଂଖ୍ୟା ମଧ୍ୟରୁ ପ୍ରାୟ ୫୦ ରୁ ୬୦ ଭାଗ ରୋଗୀ ମ୍ୟୁନିସିପାଲଟି ଅଂଚଳରୁ ହିଁ ରହୁଛନ୍ତି , ଯାହା ମଧ୍ୟରେ କେନ୍ଦୁଝର ସଦର ମ୍ୟୁନିସିପାଲଟି ଅଂଚଳ ସବୁଠାରୁ ଆଗରେ ରହିଛି । ତେଣୁ ଜିଲ୍ଲା ର ସବୁ ମ୍ୟୁନିସିପାଲଟି ଓ ଏହା ପାଖ ଆଖ ଅଂଚଳ ରେ ଏକା ସାଙ୍ଗରେ ପାଂଚ ଜଣ ରୁ ଅଧିକ ଲୋକ ଏକାଠି ହୋଇପାରିବେ ନାହିଁ ବୋଲି ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ଏବଂ ଆଜି ବୁଧବାର ସକାଳ ସୁଦ୍ଧା ଜିଲ୍ଲା ରେ ୨୦ ଟି ମାଇକ୍ରୋ କନ୍ଟେନମେନ୍ଟଯୋନ କରାଯାଇଥିବା ବେଳେ ତା ମଧ୍ୟରୁ ୧୬ ଟି ମାଇକ୍ରୋଯୋନ କେବଳ କେନ୍ଦୁଝର ମ୍ୟୁନିସିପାଲଟି ଅଂଚଳ ମଧ୍ୟରେ ରହିଅଛି । ଏହାସହ ଏହି ଯୋନ ମଧ୍ୟରେ ଥିବା ଲୋକ ମାନଙ୍କୁ ଅତ୍ୟାବଶ୍ୟକ ସାମଗ୍ରୀ ମଧ୍ୟ ପ୍ରଶାସନ ପକ୍ଷରୁ ଯୋଗାଇ ଦିଆଯିବ ବୋଲି ଜିଲ୍ଲାପାଳ ସ୍ପଷ୍ଟ କରି ଦେଇଛନ୍ତି । ଯେହେତୁ ମ୍ୟୁନିସିପାଲଟି ଅଂଚଳ ରେ ଅଧିକ କୋଭ୍ଡ ଆକ୍ଟିଭ କେଶ ବାହାରୁଅଛି ସେଥିପାଇଁ ଏହି ଅଂଚଳ ମଧ୍ୟରେ ଥିବା ଖାଦ୍ୟ ସାମଗ୍ରୀ ଦୋକାନ ବା ହୋଟେଲ ଜଳଖିଆ ଆଦି ଦୋକାନ ରେ ଲୋକେ ବସି ଖାଇବାକୁ ବାରଣ କରାଯାଇଥିବା ବେଳେ କେବଳ ପାର୍ସଲ ନେବାକୁ ଅନୁମତି ଦିଆଯାଇଛି । କେନ୍ଦୁଝର ମୁନିସିପାଲ ଟି ଅଂଚଳରେ ୮ ଟି ର୍ୟାପିଡ ରେସପନ୍ସ ଟିମ ନିୟୋଜିତ କରାଯାଇଛି । ସେମାନେ ଘର ଘର ବୁଲି ନୂଆ କେଶକୁ ଚିହ୍ନଟ କରିବା ସହ ପୁରୁଣା କେଶର ହୋମ ଆଇସୋଲେସନ ଆଦିକୁ କୁ ତଦାରଖ କରବେ । ଏହାଛଡା ଆଶା କର୍ମୀ ଅଙ୍ଗନବାଡି କର୍ମି ଓ ଏ. ଏନ.ଏମ୍ ମାନେ କେନ୍ଦୁଝର ମ୍ୟୁନିସିପାଲଟି ଅଂଚଳରେ ୨୧ ଟି ଓ୍ୱାର୍ଡ ପର୍ଯ୍ୟାୟ କମିଟି ଫର୍ମ କରାଯାଇଛି । ସେମାନେ ଓ୍ୱାର୍ଡରେ ଘରକୁ ଘର ବୁଲି ହୋମ ଆସୋଲେସନ ରେ ରହିଥିବା ଲୋକଙ୍କର ସ୍ୱାସ୍ଥ ର ସମକ୍ଷା କରିବେ ଓ ଦରକାର ହେଲେ ସେମାନଙ୍କୁ ସ୍ୱାସ୍ଥ ସେବା ଯୋଗାଇ ଦିଆଯିବା ଦିଗରେ ସଂପୃକ୍ତ ଅଧିକାରୀ ବା ବିଭାଗ ସହ ଯୋଗାଯୋଗ କରି ପଦକ୍ଷେପ ନେବେ । ଅନ୍ୟ ପକ୍ଷରେ ଜିଲ୍ଲାବାସୀ ବିନା କାରଣ ରେ କେଉଁଠାରେ ହେଲେ ବି ଗହଳି ନକରିବାକୁ ଏବଂ ବିନା କାମ ରେ ଘରୁ ନ ବାହାରକୁ ଜିଲ୍ଲାପାଳ ଶ୍ରୀ ଠାକରେ ପରାମର୍ଶ ଦେବା ସହ ନିଜର ଓ ଅନ୍ୟର ସୁରକ୍ଷା ଦୃଷ୍ଟିରୁ ବାହାରିଲେ ମାସ୍କ ପିନ୍ଧିବାକୁ କହିଛନ୍ତି । ଏହା ଛଡା ଜିଲ୍ଲା ରେ ଥିବା ସମସ୍ତ କୋଭ୍ଡ କେୟାର ସେନ୍ଟରେ ମାନଙ୍କରେ ଆଇସିୟୁ ଓ ଆକ୍ସିଜେନ ଆଦି ବେଡ ବୃଦ୍ଧି କରାଯାଉଥିବା ବେଳେ ପର୍ଯ୍ୟାପ୍ତ ପରିମାଣ ର ଆକ୍ସିଜେନ ମହଜୁଦ ଅଛି ଓ ଆସନ୍ତା ଦୁଇ ସପ୍ତାହକ ଭିତରେ ରାଙ୍କି ସ୍ଥିତ କୋଭ୍ଡ ହସ୍ପିଟାଲ ରେ ଅକ୍ସିଜେନ ତିଆରି ମେସିନ କାର୍ଯ୍ୟକ୍ଷମ ହେବ ବୋଲି ଜିଲ୍ଲାପାଳ ସୂଚନା ଦେଇଛନ୍ତି ।

## ସର୍ଭିସ୍ ରାଇଫଲ୍ ରୁ ଗୁଳି ଚଳାଇ ଯବାନଙ୍କ ଆତ୍ମହତ୍ୟା

ରାୟଗଡ଼ା: ନିଜ ସର୍ଭିସ୍ ରାଇଫଲ୍ ରୁ ଗୁଳି କରି ଆତ୍ମହତ୍ୟା କରିଛନ୍ତି ଯବାନ। ରାୟଗଡ଼ା ଜିଲ୍ଲା କଲ୍ୟାଣସିଂପୁର ଅଂଚଳରେ ଆଜି ମଧ୍ୟାହ୍ନରେ ଘଟିଯାଇଛି ଏଭଳି ଏକ ଅଭାବନୀୟ ଘଟଣା । ମୃତ ଯବାନଙ୍କ ନାମ ଦିଲ୍ଲୀପ କୁମାର ମାଇ । ରାୟଗଡ଼ା କାଶୀପୁର ଥାନା ବିଏସଏଫ ୬୮ ବାଟାଲିୟନରେ କାର୍ଯ୍ୟରତ ଏହି ଯବାନ ଗତ ୪ ମାସ ତଳେ ବିବାହ କରିଥିବା ସୂଚନା ମିଳିଛି । ଆତ୍ମହତ୍ୟାର କାରଣ ଅଦ୍ୟାବଧି ଅସ୍ପଷ୍ଟ ରହିଛି । ତେବେ ପାରିବାରିକ କହଳରୁ ସେ ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି ।ଦିଲ୍ଲୀପ ନିଜ କ୍ୟାମ୍ପରେ ଥିବା ସମୟରେ ହଠାତ୍ ଗୁଳି ଫୁଟିବା ଶବ୍ଦ ଶୁଣାଯାଇଥିଲା । ସାଥୀ ଯବାନ ମାନେ ଦୌଡ଼ି ଯାଇ ଘଟଣାସ୍ଥଳରେ ଦିଲ୍ଲୀପଙ୍କ ମୃତଦେହ ପଡିଥିବା ଦେଖିବାକୁ ପାଇଥିଲେ । ଖବର ପାଇ ରାୟଗଡ଼ା ଡିଏସପି ସେଠାରେ ପହଂଚି ଛାନଭିନ୍ ଜାରୀ ରଖିଛନ୍ତି ।

## ଧାନ ମଣ୍ଡିରେ ଠକେଇ : ଦୁଇ ମାସ ହେଲା ମିଳୁନି ଟଙ୍କା

କେନ୍ଦ୍ରାପଡ଼ା: ଚଳିତ ଖରିପ ଋତୁରେ ତେରୋହି ପ୍ରାଥମିକ କୃଷି ସମବାୟ ସମିତିରେ ମୋଟ୍ ୬୬ କ୍ୱିଣ୍ଟାଲ ଧାନ ଦେଇଥିବା ଚାଷୀଙ୍କୁ ଏପର୍ଯ୍ୟନ୍ତ ଟଙ୍କା ମିଳିନଥିବା ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି । ଅଭିଯୋଗରୁ ପ୍ରକାଶ ଯେ, ପଟ୍ଟାମୁଣ୍ଡାଇ ବ୍ଲକ ଅଧିନ ତେରୋହି ପ୍ରାଥମିକ କୃଷି ସମବାୟ ସମିତିରେ ଶଶିକଳା ବିଶ୍ୱାଳ ଧାନ ଦେଇଥିଲେ । ଧାନ ବାବଦ ମୋଟ୍ ୧ ଲକ୍ଷ ୨୭ ହଜାର ଟଙ୍କା ପାଇବାର କଥା ମାତ୍ର ତାଙ୍କ ବ୍ୟାଙ୍କ ଖାତାକୁ ୧ ଲକ୍ଷ ୫ ହଜାର ଟଙ୍କା ଆସିଥିବା ବେଳେ ଅବଶିଷ୍ଟ ୨୨ ହଜାର ଟଙ୍କା ଏପର୍ଯ୍ୟନ୍ତ ଆସିନାହିଁ । ସରକାର ୨୪ ଘଣ୍ଟା ଭିତରେ ଚାଷୀଙ୍କୁ ଟଙ୍କା ପରିଶୋଧ କରିବା ପାଇଁ କହିଥିଲେ ମଧ ଦୀର୍ଘ ୧ମାସ ରୁ ଉର୍ଦ୍ଧ ବିତି ଯାଇଥିଲେ ସୁଦ୍ଧା ଶଶିକଳା ଟଙ୍କା ପାଇନଥିବା ଜିଲ୍ଲାପାଳଙ୍କୁ ଅଭିଯୋଗ କରିଛନ୍ତି ।

## କେନ୍ଦୁଝରରେ କୋଭିଡ ଟୀକାକରଣ କେନ୍ଦ୍ରରେ ତାଲା:ନିରାଶରେ ଫେରୁଛନ୍ତି ଲୋକେ:ପୃଥକ ସ୍ଥାନକରଣ କେନ୍ଦ୍ରକେବେ ?

କେନ୍ଦୁଝର: କେନ୍ଦୁଝର ଜିଲ୍ଲାରେ ଗତ କେତେଦିନ ହେବ ଟୀକାକରଣ କେନ୍ଦ୍ର ଗୁଡିକ ରେ ତାଲା ଝୁଲୁଥିବା ବେଳେ କେନ୍ଦ୍ର ସମ୍ମୁଖରେ ନୋଟିସ ଦେଖିବାକୁ ମିଳିଛି । କୋଭିଡ-୧୯ ଟୀକାର ଅଭାବ କାରଣରୁ ଟୀକାକରଣ କେନ୍ଦ୍ର ଗୁଡିକ ର ଝୁଲୁଥିବା ଦେଖିବାକୁ ମିଳିଥିବା ବେଳେ ଲୋକଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ କେନ୍ଦ୍ରର ସମ୍ମୁଖରେ ନୋଟିସ ମଧ୍ୟ ମାରି ଦିଆଯାଇଛି । ଫଳରେ ଚାଲିଥିବା ଟୀକାକରଣ ପ୍ରକ୍ରିୟାରେ ବ୍ରେକ ଲାଗିଛି । କୋଭିଡ ସଂକ୍ରମଣ ଉପରେ ବ୍ରେକ ଲଗାଇବା ପାଇଁ ସରକାର ବିଭନ୍ନ ଉପାୟ ଆପଣାଇବାକୁ ଚିନ୍ତା କରୁଥିବା ବେଳେ ଏପଟେ ଟୀକାକରଣ କ୍ଷେତ୍ରରେ ଲାଗିଛି ପ୍ରଥମ ବ୍ରେକ । କେନ୍ଦୁଝର ଜିଲ୍ଲାରେ କୋଭିଡ ସଂକ୍ରମଣ ଦିନକୁ ଦିନ ବଢିବାରେ ଲାଗିଥିବା ବେଳେ ଠିକ ଏହି ସମୟରେ ଟୀକାର ଅଭାବ କାରଣରୁ ଟୀକୀକରଣ କେନ୍ଦ୍ରରେ ତାଲା ଝୁଲିବା ଘଟଣା ସମସ୍ତଙ୍କୁ ନିରାଶ କରିବା ସ୍ୱଭାବିକ । ଯେତେବେଳେ ଅନେକ ବରିଷ୍ଠ ନାଗରିକ ମଧ୍ୟରୁ କେହି କେହି ପ୍ରଥମ ଡୋଜ ନେବାପରେ ଦ୍ୱିତୀୟ ଡୋଜ ଅପେକ୍ଷାରେ ରହିଥିବା ବେଳେ କେହି କେହି ମଧ୍ୟ ପ୍ରଥମ ଡୋଜ ଅପେକ୍ଷାରେ ରହିଛନ୍ତି । ଅନ୍ୟପକ୍ଷରେ ଟୀକାକରଣ କେନ୍ଦ୍ରରେ ଗହିଳିକୁ ଦୃଷ୍ଟିରେ ରଖି କେତେକ ଗହଳି କମିବାର ଅପେକ୍ଷାରେ ରହିଥିବା ବେଳେ ଇତି ମଧ୍ୟରେ ୪୫ ବର୍ଷରୁ ଉର୍ଦ୍ଧ ବର୍ଗଙ୍କୁ ଟୀକା କରଣ କାର୍ଯ୍ୟକ୍ରମରେ ରେ ସାମିଲ କରାଯିବା ପରେ କେନ୍ଦ୍ର ମାନଙ୍କରେ ଗହଳି ମଧ୍ୟ ବଢିଯାଇଛି । କିନ୍ତୁ ଟୀକାକରଣ କେନ୍ଦ୍ରକୁ ଟୀକା ନେବାକୁ ଯାଉଥିବା ସମସ୍ତଙ୍କର ସ୍ୱାସ୍ଥଗତ ସୁରକ୍ଷା ଦୃଷ୍ଟିରୁ ସମସ୍ତ ବର୍ଗଙ୍କ ଟୀକାକରଣ ପାଇଁ ପୃଥକ ପୃଥକ ସ୍ଥାନ ବ୍ୟବସ୍ଥା କରିବା ଦିଗରେ ପ୍ରଶାସନର ନିଦାବିଷ୍ଟ ଭୂମିକା ସମସ୍ତଙ୍କୁ ଅବଶ୍ୟ ଆଶ୍ଚର୍ଯ୍ୟ କରିଛି । ଜିଲ୍ଲା ପ୍ରଶାସନ ଏ ଦିଗରେ ଗୁରୁତର ସହ ତୁରନ୍ତ ବିଚାର କରିବାର ଆବଶ୍ୟକ ରହିଛି ।

## ମଇ ୩ରୁ କେନ୍ଦ୍ରାପଡା ସହରରେ ଦୋକାନ ସକାଳ ୭ଟାରୁ ଅପରାହ୍ନ ୨ଟା ଖୋଲା ରହିବ

କେନ୍ଦ୍ରାପଡ଼ା: ଆସନ୍ତା ମଇମାସ ୩ତାରିଖ ଠାରୁ କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖାଯାଇ କେନ୍ଦ୍ରାପଡା ସହରର ଦୋକାନ ଗୁଡିକ ପ୍ରତ୍ୟେହ ସକାଳ ୭ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଖୋଲା ରହିବ ବୋଲି ବଜାର କମିଟି ଓ ପ୍ରଶାସନର ମିଳିତ ବୈଠକରେ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ଗ୍ରହଣ କରାଯାଇଛି । ଏହି ଉପଲକ୍ଷେ ଗୁରୁବାର ଟାଉନହଲ ପରିସରରେ ଉପଜିଲ୍ଲାପାଳ ନିରଞ୍ଜନ ବେହେରାଙ୍କ ପୌରହିତ୍ୟରେ କେନ୍ଦ୍ରାପଡା ସହର ବଜାର କମିଟିର କର୍ମକର୍ତ୍ତାମାନଙ୍କୁ ନେଇ ଅନୁଷ୍ଠିତ ବୈଠକରେ ଏଭଳି ନିଷ୍ପତ୍ତି ଗ୍ରହଣ କରାଯାଇଛି । ସପ୍ତାହନ୍ତ ୨ଦିନ ସଟଡାଉନ ବ୍ୟତିତ ପ୍ରତ୍ୟେକ ଦିନ ସକାଳ ୭ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ସହରର ଦୋକାନ ବଜାର ଖୋଲା ରହିବ । ଅନ୍ୟାଦେଶ ପର୍ଯ୍ୟନ୍ତ ଏହି ନିଷ୍ପତ୍ତି ଜାରି ରହିବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି । ବୈଠକରେ ପୌରନିର୍ବାହୀ ଅଧିକାରୀ ଦେବ ପ୍ରସାଦ ବଳ, ଟାଉନ ଥାନା ଅଧିକାରୀ ଜ୍ୟୋତିରଞ୍ଜନ ସାମନ୍ତରାୟ, ଇଛାପୁର, ତିନିମୁହାଣି, ସାନ୍ତସାହି, ପୁରୁଣା ବସଷ୍ଟାଣ୍ଡ ପ୍ରଭୃତି ବଜାର କମିଟିର କର୍ମକର୍ତ୍ତାମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

## ମହାମାରୀ କୋଭିଡ୍ ସମୟରେ ପବିତ୍ର ରମଜାନ୍ ମାସ ଉପଲକ୍ଷେ ଗରିବ ଏବଂ ଅସହାୟ ଲୋକମାନଙ୍କୁ ଯଜ୍‌ବା ଅନୁଷ୍ଠାନ ପକ୍ଷରୁ ଶୁଖିଲା ରାସନ୍ ସାମଗ୍ରୀ ବଂଟନ






ଭୁବନେଶ୍ୱର: ସମ୍ପ୍ରତି କରୋନା ମହାମାରୀର ଦ୍ୱିତୀୟ ଲହରୀ ସାରା ଦେଶକୁ କବଳିତ କରିଛି । ଓଡିଶାରେ ମଧ ସଂକ୍ରମଣ ଦିନକୁ ଦିନ ବଢିବାରେ ଲାଗିଛି । ଏପରି ଏକ ଘଡିସନ୍ଧି ସମୟରେ ସହଯୋଗର ହାତ ବଢାଇଛି ଯଜ୍‌ବା ଅନୁଷ୍ଠାନ । ଅନୁଷ୍ଠାନର ଅଧକ୍ଷ ସଫଦର୍ ହାସିମ୍ଙ୍କ ନେତୃତ୍ୱରେ ରାଜଧାନୀର ବିଭିନ୍ନ ସ୍ଥାନରେ କୋଭିଡ୍-୧୯ର ସଚେତନତା ବାର୍ତା ପ୍ରଦାନ କରାଯିବା ସହ ଭୁବନେଶ୍ୱର ସହରର ବସ୍ତି ବାସିନ୍ଦାଙ୍କୁ ମାସ୍କ, ସାନିଟାଇଜର୍ ଓ ଶୁଖିଲା ଖାଦ୍ୟ ପ୍ରଦାନ କରିଆସୁଛି ଏହି ଅନୁଷ୍ଠାନ । ଆଜି ଏହି ପରିପ୍ରେକ୍ଷୀରେ ଯଜ୍‌ବା ଅନୁଷ୍ଠାନ ପକ୍ଷରୁ ପବିତ୍ର ରମଜାନ୍ ମାସ ଅବସରରେ ଗରିବ ଏବଂ ଅସହାୟ ଲୋକମାନଙ୍କୁ ମାଗଣା ଶୁଖିଲା ରାସନ୍ ସାମଗ୍ରୀ ଅଟା, ଡାଲି, ତେଲ,ଚୂଡା ଏବଂ ଚାଉଳ ଆଦି ବଂଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଓଡିଶାର ଲୋକପ୍ରିୟ ଅଭିନେତା ଶ୍ରୀତମ ଦାସ ଯୋଗ ଦେଇ ଅନୁଷ୍ଠାନର ଏଭଳି କାର୍ଯ୍ୟକୁ ଭୂୟସୀ ପ୍ରଶଂସା କରିଥିଲେ । ଏହି କାର୍ଯ୍ୟକ୍ରମକୁ ଅଭିନେତା ବାବୁରାଜା ଓ ଆଙ୍କର ଲିଜା ପରିଚାଳନା କରିଥିଲେ । ଏଠାରେ ସୂଚନା ଯୋଗ୍ୟ ଯେ, ଗତବର୍ଷ ଏହି ମହାମାରୀ କୋଭିଡ୍ ସମୟରେ ଅନୁଷ୍ଠାନ ପକ୍ଷରୁ ଭୁବନେଶ୍ୱର, କଟକ, କଟକସଦର, ନିଆଳି,ସାଲେପୁର, ଖୋର୍ଦ୍ଧା, ଜଟଣୀ ଓ ପୁରୀ ଆଦି ବିଭିନ୍ନ ଅଂଚଳରେ ଶୁଖିଲା ରାସନ୍ ସାମଗ୍ରୀ, ରନ୍ଧାଖାଦ୍ୟ, ଶୁଖିଲା ଖାଦ୍ୟ, ମାସ୍କ, ସାନିଟାଇଜର ଏବଂ ଶୀତବସ୍ତ୍ର ଆଦି ବଂଟନ କରିବା ସହ କୋଭିଡ୍ ଯୋଦ୍ଧାଙ୍କୁ ସମ୍ମାନୀତ କରିଥିଲା । ସବୁ ସମୟରେ ଦୁସ୍ଥ, ଗରିବ ଓ ନିସହାୟ ଲୋକଙ୍କୁ ସହଯୋଗ କରିଆସୁଥିବା ସଫଦର୍ ହାସିମ୍ଙ୍କର ଏଭଳି ପ୍ରୟାସକୁ ସବୁଆଡୁ ପ୍ରଶଂସା ମିଳୁଛି ।


ADMISSION OPEN
MAHARISHI PLAY SCHOOL
A Great Place to Grow @ mps
PLAY GROUP (2+)
NURSERY (3+)
LKG, UKG, STD-I TO V



FIND THE DIFFERENCE
●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities

TUITION CLASSES
for Std I to Std V
Timing: 5 PM to 6.30 PM

MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act



Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray